

ନିଜ ଦୋଷକୁ ସ୍ୱୀକାର କଲେ ମନ ଶାନ୍ତ ଓ ପବିତ୍ର ହୋଇଥାଏ।

- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ଶାନ୍ତିସ୍ତୂପ ଧଉଳିରେ ବିଦେଶୀ ପର୍ଯ୍ୟଟକଙ୍କ ଉପରେ ରୋକନାହିଁ

**ପୁରୁଣା ଭୁବନେଶ୍ୱର, ୧୪।୩ (ଡି.ଏନ.ଏ.)**- ଓଡ଼ିଶା ସରକାର କରୋନା ମହାମାରୀକୁ ଶୁକ୍ରବାର ରାଜ୍ୟ ବିପତ୍ତି ଭାବେ ଘୋଷଣା କରିଥିଲେ। ସ୍କୁଲ, କଲେଜ, ଯାତ୍ରା, ମେଳା ବନ୍ଦ ପାଇଁ ନିର୍ଦ୍ଦେଶ ମଧ ଦେଇଛନ୍ତି। ନନ୍ଦନକାନନକୁ ବନ୍ଦ ଘୋଷଣା କରିଛନ୍ତି। ଯାହା ପର୍ଯ୍ୟଟନ ଶିଳ୍ପକୁ ମଧ ପ୍ରଭାବିତ କରିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ବିଦେଶୀ ପର୍ଯ୍ୟଟକଙ୍କୁ ଏ ପର୍ଯ୍ୟନ୍ତ ରୋକ ଲଗାଯାଇ ପାରୁନାହିଁ। ଶାନ୍ତିସ୍ତୂପ ଧଉଳିକୁ ପ୍ରତ୍ୟେକ ଦିନ ବିଦେଶୀ ପର୍ଯ୍ୟଟକ ଆସୁଛନ୍ତି। ଶନିବାର ଏକ ଟୁରିଷ୍ଟ ମିନିବସ୍ ଯୋଗେ ୧୫ ଜଣ ଏବଂ ବାଇକ୍ ଯୋଗେ ୨ ଜଣ ବିଦେଶୀ ପର୍ଯ୍ୟଟକ ଶାନ୍ତିସ୍ତୂପ ଧଉଳି ବୁଲି ଆସିଥିଲେ। ଧଉଳି ଉନ୍ନୟନ କମିଟି କିମ୍ବା ଓଟିଡିସିର କୌଣସି କର୍ମଚାରୀ କି ଅଧିକାରୀ ସେମାନଙ୍କୁ ସଚେତନତା ପୂର୍ବକ ବାରଣ କରୁନାହାନ୍ତି। କୌଣସି ଅଧିକ ବର୍ଷା, ଖରାରେ ସ୍କୁଲ ଛୁଟି କରିବା ନେଇ ବାହାବାଃ ନେଉଥିବା ସରକାର ରାଜସ୍ୱ ଆଦାୟ ଲକ୍ଷ୍ୟରେ ଏଭଳି ବିଭିନ୍ନ କ୍ଷେତ୍ରରେ ଜନଜୀବନ ପ୍ରତି ଅଣଦେଖା କରୁଥିବା ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଏ ନେଇ ଟୁରିଷ୍ଟ ଅଫିସର ଅଜୟ କୁମାର ରାଉତ କୁହନ୍ତି, ଏହା ଜିଲାପାଳଙ୍କ ଅଧୀନ। କୌଣସି ନୋଟିସ ଆମେ ପାଇନାହୁଁ। ଯଦି ଆମକୁ ନୋଟିସ କରାଯିବ ତେବେ ସୋମବାରଠାରୁ ବିଦେଶୀ ପର୍ଯ୍ୟଟକଙ୍କୁ ଟେଷ୍ଟ କରି ଛାଡିବୁ।

### ମହିଳାଙ୍କ ବେକରୁ ଚେନ୍ ଲୁଟ୍

**ପିପିଲି, ୧୪।୩(ସ୍ୱ.ପ୍ର.)**- ପିପିଲି ଥାନା ତେଇସିପୁର ଅଞ୍ଚଳରେ ଶୁକ୍ରବାର ଜଣେ ମହିଳା ବଜାର ଯାଉଥିବାବେଳେ ଦୁଇ ଦୁର୍ବୃତ୍ତ ବାଇକ୍‌ରେ ଆସି ବେକରୁ ଚେନ୍ ଲୁଟି ନେଇଛନ୍ତି। ସୂଚନା ମୁତାବକ, ସ୍ଥାନୀୟ ଅଞ୍ଚଳର ମହିଳା ଜଣକ ସଉଦା ପାଇଁ ଗାଁ ବଜାରକୁ ଯାଉଥିଲେ। ଏହି ସମୟରେ ଦୁଇଜଣ ଯୁବକ ବାଇକ୍‌ରେ ପିଛାକରି ଏକ ନିଛାଟିଆ ସ୍ଥାନ ବ୍ରିଜ୍ ପାଖରେ କୌଶଳକ୍ରମେ ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ପଳାଇଥିଲେ। ଅଧା ଛିଣ୍ଡା ଚେନ୍ ମହିଳାଙ୍କ ହାତରେ ଥିବାବେଳେ ସେ ପାଟିକରିଥିଲେ ସୁଦ୍ଧା ଦୁର୍ବୃତ୍ତମାନେ ବଜାର ରାସ୍ତା ଆଡ଼କୁ ଚମ୍ପଟ ମାରିଥିଲେ। ଲୁଟେରାଙ୍କ ଲୁଟ୍ ଦେଖି ମହିଳା ଜଣକ ଭୟଭୀତ ହୋଇଯାଇଥିବା ବେଳେ ଉକ୍ତ ଚେନ୍‌ଟି ସୁନା ବଦଳରେ ଇମିଟେଶନ ଥିବା ଜଣାପଡିଛି।

### ୪ ବାଇକ୍‌କୁ ଧକ୍କା ଦେଲା କାର୍

**କୋଣାର୍କ, ୧୪।୩(ଡି.ଏନ.ଏ)**- କୋଣାର୍କ ରିଙ୍ଗରୋଡସ୍ଥିତ ଟୁରିଷ୍ଟ ମାର୍କେଟ ନିକଟରେ ଏକ ଇନୋଭା କାର୍ ନଂ-ଓଡି ୦୨ୟୁ-୪୮୯୬ କୋଣାର୍କରୁ ପୁରୀ ଅଭିମୁଖେ ଯାଉଥିବା ସମୟରେ ହଠାତ ଜନଗହଳିକୁ ମାଡିଯାଇ ୪ ବାଇକ୍‌କୁ ଧକ୍କା ଦେଇଥିଲା। ସେଠାରେ ସୂର୍ଯ୍ୟମନ୍ଦିରର ଫଟୋଗ୍ରାଫର ଆସୋସିଏଶନର ସଦସ୍ୟମାନେ ବିଶ୍ରାମ ନେଉଥିବା ସ୍ଥାନ ଉପରେ ଚଢ଼ିଯିବା ପରେ ଏକ ବିଦ୍ୟୁତ୍‌ଖୁଣ୍ଟରେ ପିଟି ହୋଇ ରହିଯାଇଥିଲା। ଖବରପାଇ କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିବା ସହ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ କହିଛନ୍ତି। ଏହି ଦୁର୍ଘଟଣାରେ କାହର କିଛି କ୍ଷତି ହୋଇ ନ ଥିବା ଜଣାପଡିଛି।

# କଟକଣା ପରେ ଆୟୋଜକଙ୍କ ମୁଣ୍ଡରେ ଚଡ଼କ

**ଭୁବନେଶ୍ୱର, ୧୪।୩ (ବ୍ୟୁରୋ)**

## ଅଗ୍ରିମ ଟଙ୍କା ଫେରିପାଇବା ନେଇ ଚିନ୍ତା

କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ଓଡ଼ିଶାରେ ସରକାରଙ୍କ ପକ୍ଷରୁ ବିଭିନ୍ନ କଟକଣା ଲଗାଯାଇଛି। ବିବାହ ଏବଂ ଉତ୍ସବ ପାଇଁ କମିଶନରେଟ ପୋଲିସ ଦେଇଥିବା ଅନୁମତିକୁ ଶୁକ୍ରବାରଠାରୁ ବାତିଲ କରିଦେଇଛି। ଯାହାକୁ ନେଇ ଚିନ୍ତାରେ ଆୟୋଜକମାନେ। ସେମାନେ ବିବାହ ପାଇଁ ଏକାଧିକ ମଣ୍ଡପ ବୁକ୍ କରି ସାରିଛନ୍ତି। ଏହାସହ ଟେଣ୍ଟ, କ୍ୟାଟରିଂ ଓ ଡିଜେ ମାଲିକଙ୍କଠାରୁ ଆରମ୍ଭ କରି ଅନ୍ୟମାନଙ୍କୁ ଆୟୋଜନ ପାଇଁ ଲକ୍ଷାଧିକ ଟଙ୍କା ଅଗ୍ରିମ ଆକାରରେ ଦେଇଛନ୍ତି। ହେଲେ ପୋଲିସର ଏଭଳି ନିୟମ ପରେ ସେମାନଙ୍କ ମୁଣ୍ଡରେ ଚଡ଼କ ପଡିଛି। ସେମାନେ କିଭଳି ଅଗ୍ରିମ ଟଙ୍କା ଫେରି ପାଇବେ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଏପର ି କି ଆୟୋଜନ ପାଇଁ ଠିକା ନେଇଥିବା ବ୍ୟକ୍ତି ମଣ୍ଡପରେ ସମସ୍ତ ପ୍ରସ୍ତୁତି କରି ସାରିଲେଣି। ତେଣୁ ସେମାନଙ୍କୁ ଟଙ୍କା ଫେରସ୍ତ ମାଗିଲେ ମଧ ଦେଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ଉଭୟ ବର ଓ କନ୍ୟା ପକ୍ଷରୁ ଲକ୍ଷାଧିକ ଟଙ୍କାର କ୍ଷତି ସହିବାକୁ ପଡିବ। କେବଳ ବିବାହ ନୁହେଁ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ମଧ ଅଡୁଆରେ ପଡ଼ିଛନ୍ତି।

### ଚା ଦୋକାନ୍‌ରେ ଆଉ ହେବ କି ଖଟ

ପୋଲିସ ମଧ ଏକାଧିକ ଖଟି ଉପରେ ରୋକ ଲଗାଇଛି। ଗୋଟିଏ ସ୍ଥାନରେ ଏକାଧିକ ଲୋକ ଏକାଠି ହେଲେ ପିସିଆର ଭ୍ୟାନ ଯାଇ ସେମାନଙ୍କୁ ହଟାଇବ। ତେଣୁ ଏଭଳି କଟକଣା ପରେ ଅଡୁଆରେ ପଡ଼ିଛନ୍ତି ଚା’ ପିଉଥିବା ସାଧାରଣ ଲୋକେ। ସେମାନେ ସକାଳୁ ଚା’ ଦୋକାନରେ ବସି ବିଭିନ୍ନ ପ୍ରକାରର ଖଟି କରୁଥିଲେ। ଏବେ ଏହି କଟକଣା ପରେ ସେମାନେ ଆଉ ଖଟି କରିପାରିବେ ତ। ତାହାକୁ ନେଇ ସେମାନେ ମଧ ଦ୍ୱନ୍ଦ୍ୱରେ ଅଛନ୍ତି।

### ହାତ ଗଣ୍ଠି ପକାଇବାକୁ ଡରୁଛନ୍ତି ବର, କନ୍ୟା

କରୋନା ଭାଇରସ୍ ସଂକ୍ରମଣରୁ ଦୂରେଇ ରହିବା ପାଇଁ ପରସ୍ପର ହାତ ମିଳାଇବାକୁ ବିଭିନ୍ନ ଗଣମାଧ୍ୟମରେ ସରକାରଙ୍କ ପକ୍ଷରୁ ସଚେତନ କରାଯାଉଛି। ଯାହାକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ବର ଓ କନ୍ୟା। ସେମାନେ ବିବାହ ସମୟରେ ହାତ ଗଣ୍ଠି ପକେଇବେ କି ନାହିଁ ତାହାକୁ ନେଇ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି। ଜଣେ ବର ନିଜ ନାମ ଗୋପନ ରଖି କହିଛନ୍ତି, ଏଭଳି ଭୟ ପରେ ସେମାନେ ହାତଗଣ୍ଠି ପକାଇବାକୁ ଡରି ଯାଇଥିଲେ। ଡାକ୍ତରଙ୍କ ପରାମର୍ଶରେ ଭଲ ଭାବେ ହାତଧୋଇ ହାତଗଣ୍ଠି ପକାଇବାକୁ କହିଛନ୍ତି।

### କ୍ୟାପିଟାଲ ହସ୍ପିଟାଲ ମାଟି ମାଡ଼ିବାକୁ ଭୟ

ରାଜ୍ୟର କରୋନା ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ କ୍ୟାପିଟାଲ ଆଇସୋଲେଟେଡ ୱାର୍ଡରେ ରଖାଯାଇ ଚିକିତ୍ସା କରାଯାଉଛି। ଉକ୍ତ ୱାର୍ଡକୁ ସାଧାରଣ ଲୋକେ ଯିବାକୁ ବାରଣ କରାଯାଇଛି। ହେଲେ କ୍ୟାପିଟାଲରେ ସନ୍ଦିଗ୍ଧମାନେ ଭର୍ତ୍ତି ହୋଇଥିବାରୁ ସାଧାରଣ ଲୋକେ ହସ୍ପିଟାଲ ମାଟି ମାଡିବାକୁ ଡରୁଛନ୍ତି। କାଳେ କରୋନା ଭାଇରାସ୍ ସେମାନଙ୍କୁ ସଂକ୍ରମିତ କରିଦେବ, ଏହି ଭୟରେ ଲୋକେ ଯାଉ ନ ଥିବାରୁ ହସ୍ପିଟାଲ ଖାଁ ଖାଁ ଲାଗୁଛି।





# ଶ୍ରୀଲିଙ୍ଗରାଜଙ୍କ ଜମିରେ ଦଖଲ ବୋର୍ଡ ଲଗାଇଲା ପ୍ରଶାସନ

**ପୁରୁଣା ଭୁବନେଶ୍ୱର, ୧୪।୩ (ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଜମି ଉପରୁ ଜବରଦଖଲ ହଟାଇବା, ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଉଦ୍ଧାର ଜମିରେ ବୋର୍ଡ ମାରି ନିଜ ଦଖଲକୁ ଆଣିବା ପ୍ରକ୍ରିୟା ଶନିବାର ଆରମ୍ଭ ହୋଇଛି। ନୂତନ ଭାବେ ଯୋଗ ଦେଇଥିବା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୁଣା ଭୁବନେଶ୍ୱର ରଥଦାଣ୍ଡର ମୁଖ୍ୟରାସ୍ତା କଡକୁ ଲାଗି ରହିଥିବା ୪୬ ଡିସିମିଲ ଜମିରେ ପୁନର୍ବାର ଶ୍ରୀଲିଙ୍ଗରାଜଙ୍କ ସମ୍ପତ୍ତି ଲେଖାଥିବା ବୋର୍ଡ ସହ ଜବରଦଖଲ ନ କରିବା ନେଇ ସତର୍କ ସୂଚନା ଲଗାଯାଇଛି। ଏହି ନିକଟରେ ଗୌତମନଗର ମୌଜାର ଖାତା ନଂ. ୪୧୧ ସମେତ ମୌଜାର ଶତାଧିକ ଜମି ଉପରୁ ଜବରଦଖଲ ହଟାଯିବାର ପ୍ରକ୍ରିୟାକୁ ସାଧାରଣରେ ପ୍ରଶଂସା କରାଯାଇଛି। ବହୁ ସେବାୟତ ଓ ଶ୍ରଦ୍ଧାଳୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପଦକ୍ଷେପକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଆଗାମୀ ଦିନରେ ପୁନରୁଦ୍ଧାର ଜମି କିଭଳି ବେଆଇନ ଦଖଲକାରୀଙ୍କ ଦଖଲକୁ ଚାଲି ନ ଯିବ ଏଥିଲାଗି ଦୃଢ ପଦକ୍ଷେପ ନେବାକୁ ଦାବି କରିଛନ୍ତି।



ପ୍ରେସ କ୍ଲବ ଅଫ୍ ଓଡ଼ିଶାଠାରେ ଶନିବାର ଆୟୋଜିତ ଚନ୍ଦ୍ରପ୍ରଭା ସ୍ମୃତି ସମ୍ମାନ-୨୦୨୦ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

# ଲୁଟେରା ଗିରଫ, ୫ ବାଇକ ଜବତ

**ଭୁବନେଶ୍ୱର, ୧୪।୩ (ବ୍ୟୁରୋ)**

ବାଇକ୍ ଚୋରି କରୁଥିବା ଜଣେ ଲୁଟେରାଙ୍କୁ ଖଣ୍ଡଗିରି ଥାନା ପୋଲିସ ଶନିବାର ଗିରଫ କରିଛି। ସେ ହେଲେ ଡୁମୁଡୁମା ଅଞ୍ଚଳର ଶେଖ୍ ନୁର୍ ଆଲାମ୍(୨୬)। ତାଙ୍କ ନିକଟରୁ ୫ଟି ଚୋରି ବାଇକ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ଖଣ୍ଡଗିରି ଅଞ୍ଚଳରୁ ବାଇକ୍ ଚୋରି ହେଉଥିବାର ଅଭିଯୋଗ ଥାନାକୁ ଆସୁଥିଲା। ପୋଲିସ ଏନେଇ ମାମଲା ରୁଜୁ କରି ଲୁଟେରାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନଥିଲେ। ଗତ ୮ ତାରିଖରେ ଖଣ୍ଡଗିରି କ୍ରିଷ୍ଣାବିହାର ଫେଜ୍-୨ରୁ ଏକ ବାଇକ ଚୋରି ହୋଇଥିଲା। ଏନେଇ ଖଣ୍ଡଗିରି ଥାନାରେ ବାଇକ୍ ମାଲିକ ଦେବୀ ପ୍ରସାଦ ଦାସ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ଚୋରି ହୋଇଥିବା ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାରକରି ପୋଲିସ ଲୁଟେରା ପାଖରେ ପହଞ୍ଚିଥିଲା। ଅଭିଯୁକ୍ତ ଶେଖ୍ ନୁର୍ ଆଲାମ୍ ନାମରେ ଖଣ୍ଡଗିରି ଥାନାରେ ୩ଟି ଏବଂ ବାଲିଅନ୍ତା ଥାନାରେ ଗୋଟିଏ ମାମଲା ରହିଛି। ଶନିବାର ନୁର୍ ଆଲାମଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାରାଧୀନ ବନ୍ଦୀଭାବେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ପାନ ଛେପ ପକାଇଲେ ୫ ଶହ ଦଣ୍ଡ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

କରୋନା ଭାଇରସର ମୁକାବିଲା ପାଇଁ ବିଏମ୍‌ସି ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଏହି ଟିମ୍ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରିବେ। ୨ ଜଣ ବରିଷ୍ଠ ଅଧିକାରୀଙ୍କୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଛି। ଗୋଟିଏ ଦଳରେ ୩ ଜଣ ସଦସ୍ୟ, ଜଣେ ଆଡ଼ିଶ୍‌ନାଲ କମିଶନର ଓ ୨ ଜଣ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ରହିଛନ୍ତି। ଏହି ଦଳ ମାସ୍କ ଓ ସାନିଟାଇଜର୍ସର କଳାବଜାରାର ତଦାରଖ କରିବେ। ଏହାସହ ସକାଳୁ ୨ ଘଣ୍ଟା ଧରି ବିଭିନ୍ନ ସ୍ଥାନ ବୁଲି ସଫେଇ କାର୍ଯ୍ୟର ତଦାରଖ କରିବେ। ଯଦି କେହି ନିର୍ଦ୍ଦେଶ ଖିଲାପ କରନ୍ତି ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର ଚୌଧୁରୀ କହିଛନ୍ତି। ଏଥିସହ ବିଡିଏ, ବିଏମ୍‌ସି କର୍ମଚାରୀଙ୍କୁ ଅଫିସରେ ଛେପ ପକାଇବାକୁ ମନା କରାଯାଇଛି। ଯଦି କେହି ବିଡିଏ, ବିଏମ୍‌ସି କର୍ମଚାରୀ ଅଫିସରେ ଛେପ ପକାନ୍ତି ତାଙ୍କୁ ୫ ଶହ ଫାଇନ କରାଯିବ। ତା’ସହ କାର୍ଯ୍ୟାଳୟ ଫାଟକ ନିକଟରେ ଏକ ହ୍ୟାଣ୍ଡ ୱାଶ୍ ରଖାଯାଇଛି। ଯେ କେହି ବି କାର୍ଯ୍ୟାଳୟକୁ ଆସିବ ହାତ ଧୋଇ ଆସିବ ବୋଲି ପରାମର୍ଶ ଦିଆଯାଇଛି। ତେବେ ସରକାର ଘୋଷଣା କରିଥିବା ଗାଇଡ୍‌ଲାଇନ୍ ଠିକ ଭାବେ ପାଳନ ହେଉଛି କି ନାହିଁ, ତାହାର ତଦାରଖ କରିବା ପାଇଁ ଏହି ଟିମ୍ ଗଠନ ହୋଇଛି ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ ଚୌଧାରୀ କହିଛନ୍ତି।

# ଫୋନ୍ ପେ କର୍ମଚାରୀ କହି ନେଇଗଲେ ୯୯ ହଜାର ଟଙ୍କା

**ଗୋପ, ୧୪।୩(ଡି.ଏନ.ଏ)**

## ୪୯ହଜାର କଟିବା ପରେ ମଧ ଚେତା ପଶିଲାନି

ଗୋପ ଥାନା ଅଧୀନ ଗଣେଶ୍ୱରପୁର ଗ୍ରାମର ଚିତ୍ତରଞ୍ଜନ ବଡ଼ପଣ୍ଡାଙ୍କଠାରୁ ଫୋନ୍ ପେ କର୍ମଚାରୀ କହି ୯୯ ହଜାର ୯୬୪ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଗତ ୪ ତାରିଖ ଦିନ ନିଜ ସାଙ୍ଗଙ୍କ ନିକଟକୁ ୪୫୦୦ ଟଙ୍କା ଫୋନ୍ ପେ ମାଧ୍ୟମରେ ଚିତ୍ତରଞ୍ଜନ ପଠାଇଥିଲେ। କୌଣସି ତ୍ରୁଟି ଯୋଗୁ ଏହି ଟଙ୍କା ସାଙ୍ଗଙ୍କ ଆକାଉଣ୍ଟରେ ଜମା ହୋଇ ନ ଥିଲା। କିନ୍ତୁ ଚିତ୍ତରଞ୍ଜନଙ୍କ ଆକାଉଣ୍ଟରୁ ୪୫୦୦ ଟଙ୍କା କଟି ଯାଇଥିଲା। ଏ ନେଇ ସେ ଫୋନ୍ ପେ କଷ୍ଟମର କେୟାର ସହ ଯୋଗାଯୋଗ କରିଥିବାବେଳେ ସେଠାରୁ ୪୮ ଘଣ୍ଟା ମଧ୍ୟରେ ଟଙ୍କା ଜମା କରିଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ମାତ୍ର ପରବର୍ତ୍ତୀ ଅବସ୍ଥାରେ ଅର୍ଥାତ୍ ୭ ତାରିଖ ଦିନ ଚିତ୍ତରଞ୍ଜନ ନିକଟକୁ ଫୋନ୍ ପେ’ର କର୍ମଚାରୀ କହି ଏକ ଫୋନ୍ କଲ୍ ଆସିଥିଲା। ୪୫୦୦ ଟଙ୍କା କଟିଥିବା ନେଇ ସୂଚନା ଦେବା ସହ ଏହି ଟଙ୍କା ଫେରସ୍ତ ପାଇବାକୁ ହେଲେ କିଛି ପ୍ରୋସେସ୍ ଫଲୋ କରିବା ପାଇଁ ପଡ଼ିବ ବୋଲି କହିଥିଲେ। ଏଥିରେ ବିଶ୍ୱାସ କରି ସେ କହୁଥିବା ପ୍ରୋସେସ୍‌କୁ ଚିତ୍ତରଞ୍ଜନ ଫଲୋ କରୁଥିଲେ। ପରେ ଆକାଉଣ୍ଟରୁ ୨୪୯୯୧ ଟଙ୍କା ଲେଖାଏଁ ଦୁଇ ଥରରେ ୪୯୯୮୨ ଟଙ୍କା କଟିଯିବାର ମେସେଜ ଆସିଥିଲା। ଏ ସମ୍ପର୍କରେ ଚିତ୍ତରଞ୍ଜନ ସାଙ୍ଗଙ୍କୁ ଜଣାଇବା ପରେ ସାଙ୍ଗ ସେହି ନମ୍ବରରେ ଯୋଗାଯୋଗ କରିଥିଲେ। ମାତ୍ର ଭୁଲ୍‌ବଶତଃ ଆକାଉଣ୍ଟରୁ ଟଙ୍କା କଟିଯିବା ସୂଚନା ଦେବା ସହ ଟଙ୍କା ଫେରସ୍ତ ହୋଇଯିବ ବୋଲି ତାଙ୍କ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ ପୁନର୍ବାର ପ୍ରୋସେସ୍ ଫଲୋ କରିବା ଲାଗି ଠକ ଜଣଙ୍କ କହିଥିଲେ। ମାତ୍ର ପ୍ରୋସେସ୍ ଫଲୋ କରିବାର କିଛି ସମୟ ମଧ୍ୟରେ ୨ ଥରରେ ପୁଣି ୪୯୯୯୧ ଟଙ୍କା ଆକାଉଣ୍ଟରୁ କଟିଯାଇଥିଲା। ଏ ନେଇ ଚିତ୍ତରଞ୍ଜନ ଗୋପସ୍ଥିତ ଷ୍ଟେଟ ବ୍ୟାଙ୍କରେ ପହଞ୍ଚି ନିଜ ଜମାଖାତା ବିବରଣୀ ଆଣିବା ସହ ଶାଖା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ମାତ୍ର ସେ ଠକାମିର ଶିକାର ହୋଇଥିବା ଜାଣିବା ପରେ ୬ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଘଟଣାକୁ ଗୁରୁତ୍ୱ ନ ଦେଇ ଆଜିକାଲି କହି ଦିନ ଗଡ଼ାଇଚାଲିଥିଲେ। ଶେଷରେ ଚିତ୍ତରଞ୍ଜନ ଗୁରୁବାର ମୋ ସରକାରରେ ଅଭିଯୋଗ କରିବା କଥା କହିବା ପରେ ପୋଲିସ ତତ୍ପରତା ଦେଖାଇବାରୁ ଘଟଣା ପଦାକୁ ଆସିଥିଲା। ତେବେ ଗୋପ ଥାନାଧିକାରୀ ସୁଧୀର କୁମାର ସାହୁ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।



ଅଭିଯୋଗକାରୀ ଚିତ୍ତରଞ୍ଜନ।

# ପଞ୍ଚବଟୀ ଦୋଳ ମେଳଣ

**ବାଲିଅନ୍ତା, ୧୪।୩(ଡି.ଏନ.ଏ)**

ବାଲିଅନ୍ତା ବ୍ଲକ ଅଧୀନ ଜଗନ୍ନାଥପୁର ପଞ୍ଚାୟତର ପଞ୍ଚବଟୀ ଦୋଳମେଳଣ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ରାତି ୧ଟାରୁ ମେଳଣର ଜମାଣ ଶୋଭାଯାତ୍ରା ତ୍ରିନାଥ ବଜାରରୁ ଆରମ୍ଭ ହୋଇଥିଲା। ଏଥିରେ ମେଳଣର ଥାନପତି ଶ୍ରୀ ବଟେଶ୍ୱର ମହାଦେବ ସୁସଜ୍ଜିତ ଦୋଳବିମାନ ଗୋହଳର ମଦନମୋହନ ଦେବ, ଚାରିଘରିଆର ଶ୍ରୀ ରାଧାକାନ୍ତ ଦେବ, ଜଗନ୍ନାଥପୁରର ଶ୍ରୀ ଗୋପୀନାଥ ଓ ଗୁଆଳିର ଗୋପୀନାଥଙ୍କ ଦୋଳବିମାନ ରୋଶଣି ହୋଇ ଜୟଶାସନସ୍ଥିତ ପଞ୍ଚବଟୀ ମେଳଣପଡ଼ିଆକୁ ଆସି ସ୍ଥାୟୀ ମଣ୍ଡପରେ ବିଜେ କରିଥିଲେ। ସନ୍ଧ୍ୟାରେ ମଣ୍ଡପରେ ବିଜେ ଠାକୁରଙ୍କ ବିମାନ ସମ୍ମୁଖରେ ୨୬ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦୋଳବିମାନରେ ଦର୍ଶନ ସହ ମେଳଣରେ କିଣାକିଣି କରିଥିଲେ। ରାତି ୧୧ଟାରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା। କରୋନା ଭୟ ଯୋଗୁ ମେଳଣରେ ଜନ ସମାଗମ କମ ରହିଥିଲା।

# ହୋଟେଲ ଦଖଲକୁ ନେଲା ପ୍ରଶାସନ

**ପୁରୀ ଅଫିସ, ୧୪।୩**

ପୁରୀ ବେଳାଭୂମିରେ ଥିବା ହୋଟେଲ ‘ରିପଜ୍’କୁ ଶନିବାର ଜିଲା ପ୍ରଶାସନ ନିଜ ଦଖଲକୁ ନେଇଛି। ଏହି ହୋଟେଲକୁ ନେଇ ହାଇକୋର୍ଟ ଏବଂ ପରେ ସୁପ୍ରିମ୍‌କୋର୍ଟରେ ମାମଲା ହୋଇଥିଲା। ଏହାକୁ ଜିଲା ପ୍ରଶାସନ ଦଖଲକୁ ନେବା ଲାଗି ଗତ ୫ ତାରିଖରେ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପଦକ୍ଷେପ ନେବାକୁ ଜିଲାପାଳ ବଲୱନ୍ତ ସିଂ ପୁରୀ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ଉପଜିଲାପାଳ ଭବତାରଣ ସାହୁ, ତହସିଲଦାର ଆଶିଷ ସାହୁ, ସିଟି ଡିଏସ୍‌ପି କ୍ଷୀରସାଗର ନାୟକଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ଏହି ହୋଟେଲକୁ ପ୍ରଶାସନ ନିଜ ଦଖଲକୁ ଆଣିଛି। ଉକ୍ତ ହୋଟେଲକୁ ନାଲିକନା ଯଉମୁଦ ଦିଆଯାଇ ସିଲ୍ କରାଯାଇଛି।



ସୂଚନା ଭବନଠାରେ ଶନିବାର ଆୟୋଜିତ ନିଶିଗନ୍ଧା ସାହିତ୍ୟ ସଂସଦ ବସନ୍ତ ଉତ୍ସବର ରାଜ୍ୟସ୍ତରୀୟ ସମାରୋହରେ ଧରିତ୍ରୀର ଯୋଡ଼ା ଅଞ୍ଚଳର ଖବରଦାତା ମାନସ ରଞ୍ଜନ ମହାନ୍ତିଙ୍କୁ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟସାଣି ସମ୍ବର୍ଦ୍ଧିତ କରୁଛନ୍ତି।

# ରୋଗୀଙ୍କ ପାଖେ ପହଞ୍ଚି ପାରିଲାନି ୧୦୮ ଆମ୍ବୁଲାନ୍ସ

**ଗୋପ, ୧୪।୩(ଡି.ଏନ୍.ଏ)**

## ରାସ୍ତାରେ ଅଚଳ ହେଲା, ଟଣା ହୋଇଗଲା

ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ରହିଛି, ହେଲେ ତାହା ଠିକ୍ ସମୟରେ କାମରେ ଲାଗିପାରୁନାହିଁ। ଶନିବାର ଏହି ସ୍ୱାସ୍ଥ୍ୟକେନ୍ଦ୍ରର ୧୦୮ ଆମ୍ବୁଲାନ୍ସ ଜଣେ ରୋଗୀଙ୍କୁ ଆଣିବାକୁ ଯାଇ ଅଧାବାଟରେ ଅଚଳ ହୋଇପଡ଼ିଥିଲା। ଫଳରେ ଏହା ରୋଗୀଙ୍କ ନିକଟରେ ପହଞ୍ଚି ପାରିଲା ନାହିଁ। ଶେଷରେ ଏକ ଗାଡ଼ି ଦ୍ୱାରା ଟଣା ହୋଇ ଆସିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ୧୫ଦିନ ତଳେ ଏହି ୧୦୮ ଆମ୍ବୁଲାନ୍ସ (ନଂ. ଓଡି ୦୨ଇ-୯୩୫୧)ର ପଛ ଡୋର୍ ଭାଙ୍ଗିଯାଇଥିଲା। ଏଭଳି ଅବସ୍ଥାରେ ଯେନତେନ ପ୍ରକାରେ ରୋଗୀ ସେବା ଚାଲିଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶନ ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଥିଲା। ଆମ୍ବୁଲାନ୍ସର ପଛ ଡୋର୍ ମରାମତି କରାଯାଇଥିଲା। ଶନିବାର ଏହି ୧୦୮ ଆମ୍ବୁଲାନ୍ସଟି ଜଣେ ରୋଗୀ ଆଣିବାକୁ କୋଣାର୍କ ଅଞ୍ଚଳକୁ ଯାଉଥିଲା। ତେବେ ଗୋପ-କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟରେ ଅଚଳ ହୋଇପଡ଼ିଥିଲା। ପରେ ଡ୍ରାଇଭର ଆଉ ଗୋଟିଏ ଗାଡ଼ିକୁ ଭଡ଼ାରେ ଆଣି ଦଉଡ଼ି ବାନ୍ଧି ରାସ୍ତାରେ ଟାଣି ଟାଣି ନେଉଥିବା ଦେଖିବାକୁ ମିଳିଥିଲା। ଏଥିରୁ ୧୦୮ ଆମ୍ବୁଲାନ୍ସ ଦ୍ୱାରା ରୋଗୀ ସେବା କିପରି ଚାଲିଛି ତାହା ସ୍ପଷ୍ଟ ଅନୁମେୟ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଜିଲା ଦାୟିତ୍ୱରେ ଥିବା ଆମ୍ବୁଲାନ୍ସ ଅଧିକାରୀ ଲଲାଟେନ୍ଦୁ ପ୍ରଧାନଙ୍କୁ ପଚାରିବାରେ କହିଛନ୍ତି, ଖୁବ୍‌ଶୀଘ୍ର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ନୂତନ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ।



ଅଚଳ ୧୦୮ ଆମ୍ବୁଲାନ୍ସକୁ ଦଉଡ଼ିରେ ବାନ୍ଧି ଟାଣି ଟାଣି ନିଆଯାଉଛି।

# ୪୫ ଏକରରେ ହେବ କୃତ୍ରିମ ହ୍ରଦ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

## ଜମି ଅଧିଗ୍ରହଣ ଅପେକ୍ଷାରେ ବିଏସ୍‌ସିଏଲ୍

- ବଦଳିବ ୧୦ ନମ୍ବର ପ୍ରାକୃତିକ ନାଳର ପାରିପାର୍ଶ୍ୱିକ ସ୍ଥିତି
- ଦୁଇ ପାର୍ଶ୍ୱରେ ହେବ ଚଲାପଥ, ଆଲୋକରେ ଝଲସିବ ହ୍ରଦ
- ୫୦.୯ କୋଟିର ବଜେଟ, ଜୁନ୍ ସୁଦ୍ଧା ଟେଣ୍ଡର

ଧୀରେ ଧୀରେ ବଦଳୁଛି ସ୍ମାର୍ଟସିଟି ଭୁବନେଶ୍ୱରର ରୂପ। ସ୍ମାର୍ଟ ଜନପଥ କାର୍ଯ୍ୟ ଜାରି ରହିଥିବାବେଳେ ସଂଲଗ୍ନ ଅଞ୍ଚଳକୁ ଆକର୍ଷଣୀୟ କରାଯିବ। ବିଶେଷକରି ସ୍ମାର୍ଟ ଜନପଥ ମଧ୍ୟଦେଇ ପ୍ରବାହିତ ୧୦ ନମ୍ବର ପ୍ରାକୃତିକ ନାଳର ପାରିପାର୍ଶ୍ୱିକ ବିକାଶ ହେବ। ଏଥିସହ ମୋଟ ୪୫ ଏକର ଜାଗାରେ ନିର୍ମାଣ ହେବ କୃତ୍ରିମ ହ୍ରଦ। ହ୍ରଦର ଦୁଇପାର୍ଶ୍ୱରେ ରହିବ ଚଲାପଥ ବା ପାଥ୍‌ୱେ ରହିବ। ଆଲୋକମାଳାରେ ଝଲସି ଉଠିବ ପୂରା ଅଞ୍ଚଳ। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଦ୍ୱାରା ‘ଲେକ୍ ନ୍ୟୁଟ୍ରାଲ୍’ ପ୍ରକଳ୍ପରେ ଏହି କୃତ୍ରିମ ହ୍ରଦ ଗଢ଼ି ଉଠିବ। ଏଥିପାଇଁ ନାଳ କଡ଼ରେ ରହିଥିବା ଜମିକୁ ଅଧିଗ୍ରହଣ କରାଯିବ ବୋଲି ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅଶ୍ୱିନୀ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଶହୀଦନଗର ଓ ସତ୍ୟନଗର ମଧ୍ୟବର୍ତ୍ତୀ ପ୍ରାକୃତିକ ନାଳ, ଶାନ୍ତିପଲ୍ଲୀ ବସ୍ତି ଓ ଆଖପାଖ ଅଞ୍ଚଳକୁ ନେଇ ଏହି କୃତ୍ରିମ ହ୍ରଦ ରହିବ। ଏହି ସ୍ମାର୍ଟ ପ୍ରକଳ୍ପ ଦ୍ୱାରା ମନୋରଞ୍ଜନ ସହ ସ୍ୱଚ୍ଛତା ଲକ୍ଷ୍ୟ ହାସଲ କରାଯିବ। ସହରର ଡ୍ରେନ୍ ପାଣିକୁ ବିଶୋଧନ କରାଯାଇ ଏହି କୃତ୍ରିମ ହ୍ରଦରେ ଛଡ଼ାଯିବ। ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୫୦.୯ କୋଟି ଟଙ୍କାର ବଜେଟ ହୋଇଥିବାବେଳେ ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ ହୋଇସାରିଛି। ବିଶେଷ କରି ଶିଶୁମାନଙ୍କ ମନୋରଞ୍ଜନ ପାଇଁ ଏଥିରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ଜୁନ୍ ସୁଦ୍ଧା ଟେଣ୍ଡର କାମ ଶେଷ କରିବାକୁ ସ୍ଥିର ହୋଇଥିବା ସେ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ପ୍ରକଳ୍ପ ଅନ୍ତର୍ଗତ ୧୦ ନମ୍ବର ନାଳଟି ଜନପଥରୁ ଶାନ୍ତିପଲ୍ଲୀ ବସ୍ତି ଓ ରେଳ ଲାଇନ୍ ଦେଇ ଅତିକ୍ରମ କରିଛି। ସହରର ଅନ୍ୟ ପ୍ରମୁଖ ନାଳ ଭଳି ଏହି ନାଳ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଜବରଦଖଲରେ ରହିଛି। ଫଳରେ ଜଳ ନିଷ୍କାସନରେ ସମସ୍ୟା ଦେଖାଦେଉଛି। ତେଣୁ ପ୍ରଥମେ ଜବରଦଖଲ ଉଚ୍ଛେଦ କରାଯିବ। ଏହାପରେ ଜଳ ବିଶୋଧନ ପାଇଁ ପ୍ରକଳ୍ପ କାମ ଆରମ୍ଭ ହେବ। ଏଥିସହ କୃତ୍ରିମ ହ୍ରଦ କାର୍ଯ୍ୟ ଚାଲିବ। ହ୍ରଦ ପାଣିକୁ ବୃକ୍ଷରୋପଣ ସହ ଅନ୍ୟାନ୍ୟ କାର୍ଯ୍ୟରେ ମଧ ବ୍ୟବହାର କରିହେବ ବୋଲି ବିଶ୍ୱାଳ କହିଛନ୍ତି।

ଉଲ୍ଲେଖଯୋଗ୍ୟ, କଟକରେ ଜାଇକା ପକ୍ଷରୁ ଏଭଳି ଏକ ଲେକ୍ ନ୍ୟୁଟ୍ରାଲ୍ ପ୍ରକଳ୍ପର ଯୋଜନା ହୋଇଥିଲା, ଯାହାକି ଏବେ ସୁଦ୍ଧା ଯାଏ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏବେ ବିଏସ୍‌ସିଏଲ୍‌ର ଏହି ପ୍ରକଳ୍ପ କେତେ ଦୂର ସଫଳ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ।



କଟକ ଯୋବ୍ରାସ୍ଥିତ ଷ୍ଟେଟ ମାରିଟାଇମ୍ ମ୍ୟୁଜିୟମ ପରିସର ପାର୍କରେ ଗହଳି ନାହିଁ।



ଭୁବନେଶ୍ୱରସ୍ଥିତ ଉଦୟଗିରି ଜନଶୂନ୍ୟ ହୋଇପଡ଼ିଛି।

**କରୋନାକୁ ନେଇ କୋକୁଆ ଭୟ**

# ପର୍ଯ୍ୟଟନସ୍ଥଳୀ, ପାର୍କ ଖାଁ ଖାଁ

ଭୁବନେଶ୍ୱର, ୧୪।୩(ବ୍ୟୁରୋ)

ଘାତକ କରୋନା ଭୂତାଣୁ ସଂକ୍ରମଣରେ ଭାରତର ଦୁଇଜଣଙ୍କ ମୃତ୍ୟୁ ଘଟିବା ପରେ ଏବେ ସରକାରୀ ସ୍ତରରେ ତତ୍ପରତା ଆହୁରି ବଢ଼ିଯାଇଛି। ଓଡ଼ିଶାରେ ଏଯାଏ କୌଣସି ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇ ନ ଥିଲେ ମଧ୍ୟ ସନ୍ଦିଗ୍ଧଙ୍କ ସଂଖ୍ୟା ବଢ଼ି ଚାଲିଛି। ଏପରିସ୍ଥଳେ ରାଜ୍ୟ ସରକାର ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ସମେତ ସିନେମା ହଲ୍, ଜିମ୍‌କୁ ବନ୍ଦ କରିଛନ୍ତି। ବିଭିନ୍ନ ବିଭାଗ ପକ୍ଷରୁ ଘନ ଘନ ପ୍ରଚାର ଓ ନିର୍ଦ୍ଦେଶନାମା ଜାରି ପରେ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ସତର୍କତା ଓ ସଚେତନତା ଅବଲମ୍ବନ କରିବା କରୋନା ଭୂତାଣୁ ସଂକ୍ରମଣର ମୁଖ୍ୟ ପ୍ରତିଷେଧକ ବୋଲି କୁହାଯିବା ପରେ ଲୋକେ ଏବେ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ଫଳରେ ବନ୍ଦ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଭୁବନେଶ୍ୱର, କଟକ, ପୁରୀ ସମେତ ରାଜ୍ୟରେ ଥିବା ପର୍ଯ୍ୟଟନସ୍ଥଳୀ, ପାର୍କ ଆଦି ଖାଁ ଖାଁ ହୋଇପଡ଼ିଛି। ଯେଉଁସବୁ ପର୍ଯ୍ୟଟନସ୍ଥଳୀକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ଆଗମନ ଲାଗି ରହିଥାଏ, ସବୁବେଳେ ଗହଳି ଲାଗି ରହିଥାଏ, ସେଠାରେ ଶନିବାର ଶୂନ୍‌ଶାନ ପରିବେଶ ଲାଗି ରହିଥିଲା। ଖଣ୍ଡଗିରି, ଉଦୟଗିରିରେ ହାତଗଣତି କେତେଜଣ ପର୍ଯ୍ୟଟକ ଆସିଥିଲେ ମଧ୍ୟ ମାତ୍ର ଅଳ୍ପ ସମୟ ରହି ଚାଲିଯାଉଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ମନ୍ଦିରକୁ ମଧ୍ୟ ଶ୍ରଦ୍ଧାଳୁଙ୍କ ଯିବା ଆସିବା କମିଯାଇଛି। ଶ୍ରୀମନ୍ଦିର, କୋଣାର୍କ, ଲିଙ୍ଗରାଜ ଆଦି ପ୍ରମୁଖ ମନ୍ଦିରରେ ପୂର୍ବଭଳି ଆଉ ଭିଡ଼ ନାହିଁ। ଅନ୍ୟପକ୍ଷରେ ଭୁବନେଶ୍ୱରସ୍ଥିତ ରିଜିଓନାଲ ମ୍ୟୁଜିୟମ୍ ଅଫ୍ ନାଚୁରାଲ ହିଷ୍ଟ୍ରି(ଆର୍‌ଏମ୍‌ଏନ୍‌ଏଚ୍) ଶନିବାର ଖୋଲା ରହିଥିଲା। ହେଲେ ଖୁବ୍ କମ୍ ସଂଖ୍ୟକ ପର୍ଯ୍ୟଟକ ଆସିଥିଲେ। ସେହିଭଳି ସହରରେ ଥିବା ବିଭିନ୍ନ କଲୋନୀ ପାର୍କ ମଧ୍ୟ ଶୂନ୍‌ଶାନ୍ ହୋଇପଡିଛି। ଛୁଟି ସତ୍ତ୍ୱେ କୌଣସି ପିଲାଙ୍କୁ ଦେଖିବାକୁ ମିଳିନି। ପରିବାର ଲୋକେ ପିଲାମାନଙ୍କୁ ଘରୁ ବାହାରକୁ ଛାଡ଼ିବାକୁ ଉଚିତ ମଣୁନାହାନ୍ତି।



## ରାଜଧାନୀରେ ଖାଲି ହେବାରେ ଲାଗିଛି ହଷ୍ଟେଲ

ରାଜଧାନୀର ବିଭିନ୍ନ ଅଞ୍ଚଳରେ ଶତାଧିକ ହଷ୍ଟେଲ ରହିଛି। ଅଧିକାଂଶ ହଷ୍ଟେଲରେ ଛାତ୍ରୀଛାତ୍ର ରହୁଛନ୍ତି। ଇତିମଧ୍ୟରେ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଣ୍ଟରଗୁଡ଼ିକୁ ସାମୟିକ ବନ୍ଦ କରାଯାଇଛି। ଏଥିସହ ସହରରେ କରୋନା ସଂକ୍ରମଣ ଆଶଙ୍କା ଅଧିକ ରହିଛି। ତେଣୁ ଏବେ ଛାତ୍ରୀଛାତ୍ରମାନେ ହଷ୍ଟେଲ ଛାଡ଼ି ଗାଁକୁ ଚାଲିଯାଉଛନ୍ତି। ଶନିବାର କିଟ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛୁଟି ଘୋଷଣା କରିବା ପରେ ଛାତ୍ରୀଛାତ୍ରମାନେ ହଷ୍ଟେଲ ଖାଲି କରିଦେଇଛନ୍ତି। ଏହିଭଳି ଅନେକ ଘରୋଇ କଲେଜ ଏବଂ ଅନ୍ୟ ବାଳିକା ହଷ୍ଟେଲରେ ରହୁଥିବା ପିଲା ଶନିବାର ରାଜଧାନୀ ଛାଡି ଗାଁ ମୁହାଁ ହୋଇଥିବା ଦେଖିବାକୁ ମିଳିଥିଲା।

## ରାସ୍ତା କଡ଼ରେ ବିକ୍ରି ହେଲାଣି ମାସ୍କ

କରୋନା ଭୟରେ ମାସ୍କ ଓ ସାନିଟାଜର୍‌ର ଡିମାଣ୍ଡ ବଢ଼ିଯାଇଛି। ବାହାରକୁ ବାହାରିବାବେଳେ ଲୋକେ ମାସ୍କ ପିନ୍ଧିବାକୁ ଜରୁରୀ ମନେ କରୁଛନ୍ତି। ସମସ୍ତେ ମାସ୍କ ବ୍ୟବହାର କରିବାର ଆବଶ୍ୟକତା ନ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଥିଲେ ମଧ୍ୟ ଲୋକେ ଭୟରେ ମାସ୍କ କିଣିବାରେ ଲାଗିଛନ୍ତି। ଇତିମଧ୍ୟରେ ମେଡିସିନ ଷ୍ଟୋର୍‌ରେ ମାସ୍କ ଅଭାବ ଧୀରେ ଧୀରେ ଦୂର ହେଉଥିବାବେଳେ ଟୋପି, ଚଷମା ଆଦି ବ୍ୟବସାୟ କରୁଥିବା କେତେଜଣ ବ୍ୟବସାୟୀ ରାସ୍ତା କଡ଼ରେ ମାସ୍କ ଝୁଲାଇ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ୨୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଦାମ୍‌ରେ ମାସ୍କ ମିଳୁଛି।



# ରାଜଧାନୀରେ ବନ୍ଦ ରହିବ କୋଚିଂ ସେଣ୍ଟର

ଭୁବନେଶ୍ୱର, ୧୪।୩ (ବ୍ୟୁରୋ)

କରୋନା ପାଇଁ ଶୁକ୍ରବାର ସିନେମା ହଲ୍, ସୁଇମିଂ ପୁଲ, ଜିମ୍ ସେଣ୍ଟରକୁ ବନ୍ଦ କରାଯାଇଥିବାବେଳେ ଶନିବାର ରାଜଧାନୀର ସମସ୍ତ କୋଚିଂ ସେଣ୍ଟର ଓ ଟ୍ୟୁଶନ ସେଣ୍ଟରକୁ ବନ୍ଦ କରି ଦିଆଯାଇଛି। ଏନେଇ ଟୁଇଟ୍ କରି ସୂଚନା ଦେଇଛନ୍ତି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ। ପିଲାଙ୍କୁ କୋଚିଂ ସେଣ୍ଟରକୁ ନ ପଠାଇବା ପାଇଁ ଅଭିଭାବକମାନଙ୍କୁ ମଧ୍ୟ କମିଶନର ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ଗୋଟିଏ ସ୍ଥାନରେ ଏକାଧିକ ଲୋକ ଏକାଠି ହେଲେ କରୋନା ଭାଇରସ୍ ସଂକ୍ରମଣର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଏହାକୁ ଏଡାଇବା ପାଇଁ ମଲ୍‌କୁ ଛାଡ଼ିଦେଲେ ସରକାର ଏବେ ଧୀରେ ଧୀରେ ସବୁ ଅନୁଷ୍ଠାନ ଓ ପ୍ରତିଷ୍ଠାନଗୁଡ଼ିକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ କରିଛନ୍ତି।

### 'କଳାଭୂମି', ରାଜ୍ୟ ଆଦିବାସୀ ସଂଗ୍ରହାଳୟ, ତାଲିମ ପ୍ରତିଷ୍ଠାନ ବନ୍ଦ

ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ପରିଚାଳିତ ତଥା ପୋଖରୀପୁଟରେ ଥିବା ସଂଗ୍ରହାଳୟ 'କଳାଭୂମି'କୁ ବନ୍ଦ କରିଦିଆଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକ ଓ ଦର୍ଶକଙ୍କ ପ୍ରବେଶ ବନ୍ଦ ରଖାଯାଇଛି। ଅନ୍ୟପକ୍ଷରେ ବିଭାଗ ଅଧୀନ ସମସ୍ତ ତାଲିମ କେନ୍ଦ୍ର ମଧ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଆର୍‌ପି ଛକସ୍ଥିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନରେ ଥିବା ଓଡ଼ିଶା ରାଜ୍ୟ ଆଦିବାସୀ ସଂଗ୍ରହାଳୟକୁ ବନ୍ଦ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଏସ୍‌ଏସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ସୂଚନା ଦେଇଛନ୍ତି।



କରୋନା ଭୟରେ ଶନିବାର ପୁରୀ ବେଳାଭୂମି ପର୍ଯ୍ୟଟକଶୂନ୍ୟ ହୋଇପଡ଼ିଛି।




ସିଂହଦ୍ୱାରଠାରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସମୂହ ଦୀପଦାନ କରାଯାଉଛି।

# କରୋନାରୁ ମୁକ୍ତି ପାଇଁ ସମୂହ ଦୀପଦାନ

ପୁରୀ ଅଫିସ, ୧୪।୩

ସମଗ୍ର ବିଶ୍ୱ ଏବେ କରୋନା କବଳିତ ହେବାକୁ ବସିଛି। ଏହି ପ୍ରାଣଘାତୀ ଭୂତାଣୁ ୫ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୩୪ ହଜାର ଟପିଲାଣି। ଏହାକୁ ମହାମାରୀର ଆଖ୍ୟା ଦିଆଯାଇଥିବାବେଳେ ବିଶ୍ୱବାସୀ ବର୍ତ୍ତମାନ କରୋନାକୁ ନେଇ ଭୟଭୀତ ଓ ଆତଙ୍କିତ ଅଛନ୍ତି। ଭାରତରେ ମଧ୍ୟ କରୋନା ଧୀରେ ଧୀରେ ମାଡୁଛି। ଆମ ଦେଶରେ କରୋନାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୮୪ ଛୁଇଁଛି। ବର୍ତ୍ତମାନ ସୁଦ୍ଧା କରୋନା ନିରାକରଣ ପାଇଁ କୌଣସି ଔଷଧ ବାହାରି ପାରିନାହିଁ। ଏହି ପରିପ୍ରେକ୍ଷୀରେ ସାରା ବିଶ୍ୱକୁ କରୋନାରୁ ମୁକ୍ତି ଓ ରକ୍ଷା କରିବା ପାଇଁ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲୋକନାଥଙ୍କ ଉଦ୍ଦେଶ୍ୟରେ ଶନିବାର ସିଂହଦ୍ୱାରଠାରେ ସମୂହ ଦୀପଦାନ ଓ ପ୍ରାର୍ଥନା କରାଯାଇଛି। ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ସମୂହ ଦୀପଦାନ କରାଯାଇଥିବାବେଳେ ଏଥିରେ ସେନା ସଦସ୍ୟଙ୍କ ସହ ଅନେକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

# ଏସ୍‌ସିବିରେ ଆଉ ଜଣେ କରୋନା ସନ୍ଦିଗ୍ଧ

କଟକ ଅଫିସ, ୧୪।୩



- ମୁକାବିଲା ପାଇଁ ପ୍ରସ୍ତୁତ: କର୍ତ୍ତୃପକ୍ଷ
- ଆବଶ୍ୟକ ସ୍ଥଳେ ବଢ଼ିବ ବେଡ୍
- ୱାର୍ଡରୁ ଖସି ପଳାଉଛନ୍ତି ସନ୍ଦିଗ୍ଧ

କରୋନା ଭୁତାଣୁକୁ ନେଇ ବିଶ୍ୱବାସୀ ଆତଙ୍କିତ ହୋଇପଡ଼ିଛନ୍ତି। କାରଣ ଏଥିପାଇଁ କୌଣସି ଔଷଧ ବାହାରି ନାହିଁ। କେବଳ ଲୋକମାନଙ୍କୁ ସଚେତନ କରାଯାଉଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ଏହାକୁ ରାଜ୍ୟ ବିପତ୍ତି ଭାବେ ଘୋଷଣା କରିବା ପରେ ମୁକାବିଲା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏନେଇ କଟକ ଏସ୍‌ସିବି ମେଡିକାଲରେ ମଧ୍ୟ ପ୍ରସ୍ତୁତିକୁ ଜୋର୍‌ଦାର୍ କରାଯାଇଛି। ଏଭଳି ସ୍ଥିତିରେ ଶନିବାର ଆଉ ଜଣେ କରୋନା ସନ୍ଦିଗ୍ଧ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। କଟକର ଏହି ବାସିନ୍ଦା ଜଣକ ଇଟାଲୀରେ ଇଞ୍ଜିନିୟର୍ ଭାବେ କାର୍ଯ୍ୟ କରୁଥିଲେ। ସେଠାରୁ ୨ତାରିଖରେ ଫେରିଥିଲେ। ଏହାପରଠାରୁ ତାଙ୍କର ଥଣ୍ଡା, କଫ, କାଶ ଲାଗି ରହିଥିଲା। କରୋନାରେ ସଂକ୍ରମିତ ହୋଇଥିବା ସନ୍ଦେହରେ ତାଙ୍କୁ ଏସ୍‌ସିବିରେ ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡରେ ରଖାଯାଇଛି। ରବିବାର ତାଙ୍କର ସ୍ୱାବ୍, ନାଜାଲ ଏବଂ ଥ୍ରୋଟ ପରୀକ୍ଷା ପାଇଁ ନମୂନା ସଂଗ୍ରହ କରାଯିବ। ପ୍ରଥମେ ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସି ଏବଂ ପରେ ପୁଣେ ସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଏନ୍‌ଆଇଭି) ପରୀକ୍ଷାଗାରକୁ ପଠାଯିବ। ତାଙ୍କୁ ମିଶାଇ ଏସ୍‌ସିବିରେ ବର୍ତ୍ତମାନ ସୁଦ୍ଧା ୯ଜଣ କରୋନା ସନ୍ଦିଗ୍ଧ ଭର୍ତ୍ତି ହୋଇସାରିଛନ୍ତି। ୮ଜଣଙ୍କ ରିପୋର୍ଟ ନେଗେଟିଭ୍ ରହିଛି। ସେଥିମଧ୍ୟରୁ ୭ଜଣ ମେଡିକାଲରୁ ଡିସ୍‌ଚାର୍ଜ ହୋଇ ଯାଇଥିବାବେଳେ କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ଯୁବକ ଚିକିତ୍ସିତ ହେଉଛନ୍ତି। ଆସନ୍ତା ୧୮ତାରିଖରେ ତାଙ୍କୁ ଡିସ୍‌ଚାର୍ଜ କରାଯିବ। ମେଡିକାଲର ଜରୁରୀକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣାଙ୍କ କହିବାନୁଯାୟୀ କରୋନା ସଂକ୍ରମିତ ରୋଗୀଙ୍କ ପାଇଁ ମେଡିକାଲ୍ ପ୍ରସ୍ତୁତ ରହିଛି। ଏହି ୱାର୍ଡ଼ ଦାୟିତ୍ୱରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ରହିଥିବାବେଳେ ଏହି ଟିମ୍‌ର ନେତୃତ୍ୱ ଅତିରିକ୍ତ ଅଧିକ୍ଷକ ଡାକ୍ତର ଶ୍ରୀକାନ୍ତ ପଣ୍ଡା ନେଉଛନ୍ତି। ନୋଡାଲ ଅଫିସର ଭାବେ ଛାତି ଓ କ୍ଷୟ୍ମା ରୋଗ ବିଭାଗୀୟ ମୁଖ୍ୟ ପ୍ରଫେସର ମନୋରଞ୍ଜନ ପଟ୍ଟନାୟକ ରହିଛନ୍ତି। ବର୍ତ୍ତମାନ ୱାର୍ଡ଼ରେ ୪୬ଟି ସାଧାରଣ ଏବଂ ୮ଟି ଆଇସିୟୁ ବେଡ୍ ରହିଛି। ଆବଶ୍ୟକ ସ୍ଥଳେ ବେଡ୍ ସଂଖ୍ୟା ସଂଖ୍ୟା ବଢ଼ାଇବା ସହ ଅନ୍ୟାନ୍ୟ ସୁବିଧା ଯୋଗାଇବାକୁ ମେଡିକାଲ ପ୍ରସ୍ତୁତ ଥିବା ଡାକ୍ତର ମହାରଣା କହିଛନ୍ତି।

ଏସ୍‌ସିବି ମେଡିକାଲ ଚକ୍ଷୁ ବିଭାଗର ଉପର ମହଲାରେ ବର୍ତ୍ତମାନ କରୋନା ୱାର୍ଡ଼ ରହିଛି। ସେଠାରେ ୫୪ଟି ବେଡ୍ ବ୍ୟବସ୍ଥା କରାଯାଇଛି। ଏହି ୱାର୍ଡ଼ର ଚତୁଃପାର୍ଶ୍ୱରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଛି। ହେଲେ ନିକଟରେ ଅନ୍ୟାନ୍ୟ ୱାର୍ଡ଼ ଥିବା ଯୋଗୁ ସବୁ ସମୟରେ ରୋଗୀ ଏବଂ ସମ୍ପର୍କୀୟଙ୍କ ଭିଡ଼ ଜମୁଛି। ଭିଡ଼ ଭିତରେ କରୋନା ବ୍ୟାପିବାର ଆଶଙ୍କା ଅଧିକ ରହିଛି। ତେଣୁ ଏହି ୱାର୍ଡକୁ ନିରୋଳା ସ୍ଥାନକୁ ପରିବର୍ତ୍ତନ କରିବାକୁ ଅଭିଯୋଗ ହେଉଛି। ଅପରପକ୍ଷରେ ଗତ କିଛିଦିନ ଭିତରେ ୱାର୍ଡ଼ରୁ ଦୁଇ ଜଣ ସନ୍ଦିଗ୍ଧ ଖସି ପଳାଇବାରେ ସଫଳ ହୋଇଥିବାରୁ ଏଠାକାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ବିଶେଷ ଧ୍ୟାନ ଦେବାକୁ ମଧ୍ୟ ଦାବି ହେଉଛି।


ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com




ଦିଲୀପ



ଜଗମୋହନ



ସୁବାସ



ସ୍ମୃତିରଞ୍ଜନ



ପ୍ରକାଶ



ସୁଧାସିନୀ


ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/


# କରୋନା ଭୟ: ଇରାନ୍‌ରେ ଫସିଛନ୍ତି ଓଡ଼ିଆ ଯୁବକ

କଟକ ଅଫିସ, ୧୪।୩

ଚାଇନା ପରେ ଏବେ ଇଟାଲୀ ଏବଂ ଇରାନ୍‌ରେ କରୋନା ଭୂତାଣୁର ଭୟାବହତା ଦେଖିବାକୁ ମିଳିଛି। ଏଭଳି ସମୟରେ ଇରାନ୍‌ରେ କଟକ ନିମଚୌଡ଼ି ଅଞ୍ଚଳର ଯୁବକ ସୟଦ ମୁଜଫି ରେହମାନ୍ ଫସି ରହିଛନ୍ତି। ତାଙ୍କୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ନିବେଦନ କରିଛନ୍ତି। ଗତ ସେପ୍ଟେମ୍ବର ୨୮ରେ ଏକ ଘରୋଇ ନୌପରିବହନ କମ୍ପାନୀରେ ଯୋଗଦେବା ପାଇଁ ସୟଦ ମୁମ୍ବାଇରୁ ଇରାନ୍ ଯାଇଥିଲେ। ସେଠାରେ ଏକ ଜାହାଜରେ କାମ କରୁଥିଲେ। ତେବେ ଏହା ଭିତରେ ଇରାନ୍‌ରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲା। ହଠାତ୍ ସୟଦଙ୍କ ସହ ପରିବାର ଲୋକଙ୍କ କୌଣସି ଯୋଗାଯୋଗ ହୋଇପାରିଲା ନାହିଁ। ଏଣୁ ଭୟରେ ଅଛନ୍ତି ତାଙ୍କ ପରିବାର ସଦସ୍ୟ। ତୁରନ୍ତ ତାଙ୍କୁ ଫେରାଇ ଆଣିବା ପାଇଁ ସେମାନେ ନିବେଦନ କରିଛନ୍ତି। ସେମାନେ ଭାଜପା ନେତା ବୈଜୟନ୍ତ ପଣ୍ଡାଙ୍କୁ ଟୁଇଟର୍ ଜରିଆରେ ଏ ନେଇ ସୂଚନା ଦେଇଥିଲେ। ବୈଜୟନ୍ତ ଭାରତ ଫେରାଇ ଆଣିବା ପାଇଁ ଇରାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ହସ୍ତକ୍ଷେପ ଲାଗି ଚିଠି ଲେଖିଛନ୍ତି।



ଭଗବାନ୍ ଆମ ଅନ୍ତରରେ ପ୍ରଜ୍ଞା ଓ ବିବେକ ରୂପେ ବିରାଜିତ ରହିଛନ୍ତି। ଏହା ସହଜରେ ମନୁଷ୍ୟ ବୁଝିପାରେ ନାହିଁ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### କମେଣ୍ଟମରାକୁ ନେଇ ଗଣ୍ଡଗୋଳ, ୩ ଆହତ

**କଟକ ଅଫିସ,୧୪।୩:** ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଶନିବାର କମେଣ୍ଟ ମରାକୁ ନେଇ ଦୁଇ ହଷ୍ଟେଲ ଅନ୍ତେବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଆହତ ୩ଛାତ୍ରଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ମାଲଗୋଦାମ ଥାନା ପୋଲିସ ଦୁଇ ଜଣ ଛାତ୍ରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଦୁଇ ହଷ୍ଟେଲ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖେଳ ସରିବା ପରେ ବିଜୟୀ ଟିମ୍ ପରାଜିତ ଟିମଙ୍କୁ କମେଣ୍ଟ କରିଥିଲେ। ଶନିବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ ଗୋଟିଏ ଗୋଷ୍ଠୀର କେତେଜଣ ଛାତ୍ର ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ ଛିଡା ହୋଇଥିଲେ। ଏହି ସମୟରେ ସେହି ବାଟ ଦେଇ ଯାଉଥିବା ବିପକ୍ଷ ଗୋଷ୍ଠୀର କେତେଜଣ ଛାତ୍ର କ୍ରିକେଟ ଖେଳକୁ ନେଇ ପୁନର୍ବାର ତାଙ୍କୁ କମେଣ୍ଟ କରିଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହା ପରେ ଢ଼େଲା ପଥର ମାଡ଼ କରିବା ସହ ଗୋଡାଇ ଗୋଡାଇ ଆକ୍ରମଣ କରୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ମାଲଗୋଦାମ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

### କାର୍ଲମାକ୍ସଙ୍କ ତିରୋଧାନ ଦିବସ ପାଳିତ

**କଟକ ଅଫିସ,୧୪।୩:** କାର୍ଲମାକ୍ସଙ୍କ ତିରୋଧାନ ଦିବସ ଏସ୍‌ୟୁସିଆଇ(ସି) କଟକ ଜିଲା କାର୍ଯ୍ୟାଳୟ ସମେତ ଜିଲାର ବିଭିନ୍ନ କାର୍ଯ୍ୟାଳରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଲାଲ ପତାକା ଉତ୍ତୋଳନ କରାଯାଇଥିଲା। ମାକ୍ସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏସ୍.ୟୁ.ସି.ଆଇ(ସି) ରାଜ୍ୟ ନେତ୍ରୀ ବିଣାପାଣି ଦାସ, ଜିଲା ସମ୍ପାଦକ ବିଶ୍ୱାବସୁ ଦାସ, ଜିଲା କମିଟି ସଦସ୍ୟ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ରବି ବଳବନ୍ତ ରାୟ, ସିଦ୍ଧାର୍ଥ ରଥ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ଆଇନଜୀବୀ ସୁକାନ୍ତ ନାୟକ, ବିଜୟ ରାଉତ ରାୟ, ପ୍ରତାପ ମିଶ୍ର, ଜିଲା କମିଟି ସଦସ୍ୟ ବସନ୍ତ ନାୟକ, ଶିବାଶିଷ ପ୍ରହରାଜ, ସସ୍ମିତା ମହାନ୍ତି, ଦୀପକ ଦାସ, ଭାଗ୍ୟରବି ଦାସ ଓ ବିନୋଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଜମିରେ ୩ ମହଲା

ଭୁବନେଶ୍ୱର, ୧୪।୩(ବ୍ୟୁରୋ)



**ଭଡ଼ାରେ ଲାଗିଛି ୯୨ ବଖରା**

ଜିଏ ପ୍ଲଟ୍ ନଂ.୩୫୯ ଜବରଦଖଲ

- ଆପାର୍ଟମେଣ୍ଟ ତିଆରି ପାଇଁ ଚାଲିଛି ଯୋଜନା
- କ୍ୟାବିନ, ଗୁହାଳ ଭାଙ୍ଗି ବିଏମ୍‌ସି, ବିଡିଏ ଖୁସ୍
- ହାତଗୁଞ୍ଜା ନେଇ ପରୋକ୍ଷ ସହଯୋଗ କରୁଛନ୍ତି ଅଧିକାରୀ

ରାଜଧାନୀରେ ଯୋଜନାବଦ୍ଧ ଭାବେ ଚାଲିଛି ସରକାରୀ ଜମି ଜବରଦଖଲ। ଶହ ଶହ ଏକର ଅନାବାଦୀ, ଗୋଚର, ଜଙ୍ଗଲ ଜମିକୁ କବ୍‌ଜା କରି ସେଥିରେ ଗଢ଼ିଉଠୁଛି କଂକ୍ରିଟ ଘର। ଏପରି କି ସହରର ବିଭିନ୍ନ ସ୍ଥାନରେ ରହିଥିବା ସାଧାରଣ ପ୍ରଶାସନ ବିଭାଗ (ଜିଏ ଡିପାର୍ଟମେଣ୍ଟ)ର ମୂଲ୍ୟବାନ ଜମି ମଧ୍ୟ ପ୍ରଭାବଶାଳୀଙ୍କ କବ୍‌ଜାରେ ରହିଥିବାବେଳେ ସେଠାରେ ଆଜ୍‌ବେଷ୍ଟସ ଘରଠାରୁ ଆରମ୍ଭ କରି ବହୁତଳ କୋଠା ଭଡ଼ାରେ ଲାଗିଥିବା ଦେଖିବାକୁ ମିଳୁଛି। ଭଡ଼ା ବାବଦକୁ ଆସୁଥିବା କୋଟି କୋଟି ଟଙ୍କାରେ ଦାୟିତ୍ୱରେ ରହୁଥିବା କେତେଜଣ ଅସାଧୁ ଅଧିକାରୀଙ୍କ ଭାଗ ମଧ୍ୟ ରହୁଛି। ଫଳରେ ସେମାନେ ପରୋକ୍ଷରେ ଜବରଦଖଲକାରୀଙ୍କୁ ସବୁକିଛି ସହଯୋଗ ଓ ସୁରକ୍ଷା ଯୋଗାଇ ଦେଉଛନ୍ତି। ଅଭିଯୋଗ ଅବା ଚାପ ପଡ଼ିଲେ କିପରି ଉଚ୍ଛେଦକୁ ଏଡ଼ାଇ ହେବ ତାହାର ଗଳାବାଟ ମଧ୍ୟ ବତାଇ ଦେଉଛନ୍ତି। ଫଳରେ ଅଧିକାଂଶ ଉଚ୍ଛେଦ ନାମକୁ ମାତ୍ର କରାଯାଇ ବାହାବା ନିଆଯାଉଛି। କ୍ୟାବିନ, ଜରିପାଲ ଘର, ଗାଈ ଗୁହାଳ ଭଙ୍ଗା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ସରକାରୀ ଜମି କବ୍‌ଜା କରି ଗଢ଼ି ଉଠିଥିବା ବହୁତଳ କଂକ୍ରିଟ କୋଠାକୁ ସୁରକ୍ଷା ଯୋଗାଇ ଦିଆଯାଉଥିବା ଅନେକ ନଜିର ରହିଛି। ଘଟଣାକ୍ରମରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ହାଟ ନିକଟରେ ଥିବା ସାଧାରଣ ପ୍ରଶାସନ ବିଭାଗର ପ୍ଲଟ ନଂ.୩୫୯ରେ ଏଭଳି ବେଆଇନ ନିର୍ମାଣ ଦେଖିବାକୁ ମିଳିଛି। ଭୁବନେଶ୍ୱର ସହର ୟୁନିଟ୍ ନଂ.୪୧ ଚନ୍ଦ୍ରଶେଖରପୁର ମୌଜା ଅନ୍ତର୍ଗତ ଉକ୍ତ ୭୮୦ ଡିସିମିଲ୍‌ର ପ୍ଲଟ୍‌ଟି ଉନ୍ନତ ଯୋଜନା ଯୋଗ୍ୟ କିସମ ଅଟେ। ତାହାକୁ ଜବରଦଖଲ କରାଯାଇ ସେଥିରେ ତିଆରି ହୋଇଥିବା ୬୦ରୁ ଊର୍ଦ୍ଧ୍ୱ ଆଜବେଷ୍ଟସ୍ ଘର ଓ ଏକ ୩ ମହଲା କୋଠାର ୩୨ ବଖରା ଭଡ଼ା ସୂତ୍ରରେ ଦିଆଯାଇଛି। ଏପରି କି ବାକି ରହିଥିବା ଆଉ କିଛି ଜାଗାରେ ଆଗାମୀ ଦିନରେ ଆପାର୍ଟମେଣ୍ଟ ତିଆରି କରିବାକୁ ମଧ୍ୟ ଯୋଜନା ଚାଲିଥିବା ସୂଚନା ମିଳିଛି।

ଗତ କିଛିମାସ ତଳେ ବିଡିଏ, ବିଏମ୍‌ସି ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି କିଛି ସମୟ ରହି ଜବରଦଖଲକାରୀଙ୍କୁ ପଚରାଉଚରା କରି ସେଠାରୁ ଫେରିଯାଇଥିଲେ। ସେବେଠାରୁ ସେଠାରେ ଆଉ ଅଧିକାରୀଙ୍କ ପାଦ ପଡ଼ି ନ ଥିବା ଜଣାପଡିଛି।

ଏନେ ବିଡିଏ ଉଚ୍ଛେଦ ଅଧିକାରୀ ପ୍ରମୋଦ ପାତ୍ରଙ୍କୁ ପଚାରିବାରୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ସରକାରୀ ଜମିକୁ ଜବରଦଖଲ କରାଯାଇ ସ୍ଥାୟୀ ନିର୍ମାଣ ହୋଇଥିବା ନେଇ କିଛିଦିନ ତଳେ ଅଭିଯୋଗ ହୋଇଥିଲା। ସେତେବେଳେ ଏହାର ତଦନ୍ତ ମଧ୍ୟ କରାଯାଇଥିଲା। ଅଧିକାର ଜାହିର କରୁଥିବା ଜବରଦଖଲକାରୀଙ୍କୁ ଆବଶ୍ୟକ ବୈଧ କାଗଜପତ୍ର ଦାଖଲ କରିବାକୁ କୁହାଯାଇଥିଲେ ମଧ୍ୟ ସେ ଏଯାଏ ତାହା ପ୍ରଦାନ କରିନାହାନ୍ତି। ସାଧାରଣ ପ୍ରଶାସନ ବିଭାଗର ରାଜସ୍ୱ ପର୍ଯ୍ୟବେକ୍ଷକ ଅମିୟ ଦାସଙ୍କ କହିବା କଥା ହେଲା, ଉକ୍ତ ପ୍ଲଟ ନଂ.୩୫୯କୁ ଜବରଦଖଲ କରାଯିବା ନେଇ ଯାଞ୍ଚ ଓ ତଦନ୍ତ ଚାଲିଛି। ରିପୋର୍ଟ ଆସିଲେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ପଡ଼ିଲେ ବେଆଇନ ନିର୍ମାଣକୁ ଭଙ୍ଗାଯିବ।




କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଜନମଙ୍ଗଳ ପରିଷଦ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମଜିଠାରେ ସଚେତନ କରାଯାଉଛି।

### ସ୍କ୍ରାପ୍ ଜବତ, ଜଣେ ଗିରଫ

ଚୌଦ୍ୱାର,୧୪।୩(ଡି.ଏନ୍.ଏ.)

ସ୍କ୍ରାପ୍ ଚୋରା ଚାଲାଣ ଅଭିଯୋଗରେ ଚୌଦ୍ୱାର ପୋଲିସ ଶନିବାର ଜଣେ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ପୁର ତରୋଳ ଗ୍ରାମର ବିନୋଦ କୁମାର କେଶରୀ। ସୂଚନା ଅନୁଯାୟୀ, ଚୌଦ୍ୱାର ନିକଟସ୍ଥ କଜଳକଣା ଅଞ୍ଚଳରୁ ବିନୋଦ ଏକ ଟାଟା ଏସିଇ (ଓଡି ୦୫ ଏ ୬୪୫୦)ରେ ଚୋରା ସ୍କ୍ରାପ୍ ନେଇ ଜଗତପୁର ଯାଉଥିଲେ। ଖବରପାଇ ପୋଲିସ ନୁନ୍‌ଟିକିରି ନିକଟ ଚାଉଳିଆ ପୋଲଠାରେ ଭ୍ୟାନ୍‌କୁ ଅଟକାଇବା ସହ ଡ୍ରାଇଭରଙ୍କୁ ଧରିଥିଲେ। ଜବତ ସ୍କ୍ରାପ୍‌ର ଓଜନ ପ୍ରାୟ ୫ କୁଇଣ୍ଟାଲ ହେବ ବୋଲି ପୋଲିସ କହିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୩୦/୨୦) ରୁଜୁ ହୋଇଛି।

# କମ୍ପାନୀ କର୍ମଚାରୀଙ୍କ ୪ ଆଙ୍ଗୁଠି କଟିଲା

ଗୋପ, ୧୪।୩(ଡି.ଏନ୍.ଏ)



ସୂର୍ଯ୍ୟ ନାରାୟଣ ସେଠୀ।

- ମେଶିନରେ ବାମହାତ ଆଙ୍ଗୁଠି ପଶିଗଲା
- ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି

ଗୋପ-କୋଣାର୍କ ରାସ୍ତାର ସାରଢ଼ା ଛକ ନିକଟସ୍ଥ ଏକ ଘରୋଇ ଦୁଗ୍ଧ କମ୍ପାନୀର ଜଣେ ମେଶିନ୍ ଅପରେଟରଙ୍କ ବାମ ହାତର ୪ଟି ଆଙ୍ଗୁଠି ମେଶିନରେ କଟି ଛିଡ଼ିଯାଇଛି। ଏଭଳି ଦୁର୍ଘଟଣାର ଶିକାର ହୋଇଛନ୍ତି ଶ୍ରୀକେରେଣ୍ଡା ଗ୍ରାମର ସୂର୍ଯ୍ୟ ନାରାୟଣ ସେଠୀ(୨୪)।

ସୂଚନା ଅନୁଯାୟୀ, ସୂର୍ଯ୍ୟନାରାୟଣ ଶନିବାର ସକାଳେ ପନିର ମେଶିନ୍‌ରେ ପନିର କାଟୁଥିଲେ। ଏହି ସମୟରେ ତାଙ୍କ ଅସାବଧାନତା ଯୋଗୁ ମେଶିନରେ ବାମ ହାତର ୪ଟି ଆଙ୍ଗୁଠି ପଶିଯିବାରୁ କଟିଯାଇଥିଲା। ତାଙ୍କୁ ରକ୍ତାକ୍ତ ଅବସ୍ଥାରେ କେତେଜଣ କର୍ମଚାରୀ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରି କଟିଯାଇଥିବା ୪ଟି ଆଙ୍ଗୁଠି ସହ କର୍ମଚାରୀଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ଏହି ଘରୋଇ କମ୍ପାନୀରେ ବାରମ୍ବାର ବିଭିନ୍ନ ଦୁର୍ଘଟଣା ଘଟୁଥିବାରୁ କର୍ତ୍ତୃପକ୍ଷ ଏଥିପ୍ରତିଦୃଷ୍ଟିଦେଇ କର୍ମଚାରୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ବିପଦସଙ୍କୁଳ ଅବସ୍ଥାରେ ୩୩ କେଭି ବିଦ୍ୟୁତ୍ ତାର

ଚୌଦ୍ୱାର,୧୪।୩ (ଡି.ଏନ୍.ଏ.)



ଘର ଉପରେ ଝୁଲି ରହିଥିବା ବିଦ୍ୟୁତ ତାର।

ଚୌଦ୍ୱାର ପୌରପାଳିକା କପାଳେଶ୍ୱର ୟୁ.ପି. ସ୍କୁଲ ଠାରୁ ୪ନଂ. ୱାର୍ଡ ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ତାରକୁ ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଚୌଦ୍ୱାର ସେସୁ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଥାଉ କି, ଏହି ୩୩ କେଭି ତାର ପ୍ରାଥମିକ ବିଦ୍ୟାଳୟ ପରିସର, ମନ୍ଦିର, ବାଳିକା ବିଦ୍ୟାଳୟ ପରିସର ଓ ଲୋକଙ୍କ ଘର ଉପରେ ଯାଇଛି। ଫଳରେ ବର୍ଷା ଓ ପବନ ସମୟରେ ତାରକୁ ତାର ଘଷିହୋଇ ନିଆଁଝୁଲ ଖସିବା ସହିତ ଶର୍ଟ ସର୍କିଟ ହୋଇ ଘରେ ଥିବା ବିଦ୍ୟୁତ୍ ସାମଗ୍ରୀ ନଷ୍ଟ ହେଉଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏହି ଉଚ୍ଚ ଶକ୍ତିସମ୍ପନ୍ନ ତାରକୁ ସ୍ଥାନାନ୍ତର ନ କରାଇଲେ ଆଗାମୀ ଦିନରେ ୱାର୍ଡବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିମଳ ବେଉରା, ମହେଶ୍ୱର ସାହୁ, ଜିତେନ୍ଦ୍ର ବେଉରା, ପୂର୍ଣ୍ଣଚନ୍ଦ୍ର ବେହେରା, ଶ୍ରୀକାନ୍ତ ଶତପଥୀ, ମୁରଲୀଧର ବେଉରା, ଆଲୋକ ମିଶ୍ର, ହରିହର ବେଉରା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ କଟକସ୍ଥିତ ସେସୁ ମୁଖ୍ୟ କାର୍ଯ୍ୟାଳୟ ନିର୍ବାହୀ ଅଧିକାରୀ ଅମରଜିତ୍ ପଟ୍ଟନାୟକ କହିଛନ୍ତି, ସ୍ଥାନାନ୍ତରର ଆବଶ୍ୟକତା ରହିଛି। ଅଣ୍ଡର ୱାରିଂ ମାଧ୍ୟମରେ ତାର ବିଛାଯିବ। ଗତ ଏକମାସ ପୂର୍ବରୁ ଏଥିଲାଗି ପ୍ରାୟ ୭୮ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଏକ ପ୍ରସ୍ତାବ ଉପରିସ୍ଥ ଅଧିକାରୀଙ୍କୁ ଦିଆଯାଇଛି। ସ୍ଥାନୀୟ ଲୋକେ ସାହାଯ୍ୟ କଲେ କାମ ସମ୍ପୂର୍ଣ୍ଣ ହୋଇପାରିବ।

# କରୋନା ଭାଇରସ୍ ସଚେତନତାଠୁ ଦୂରରେ ବସ୍ତିବାସିନ୍ଦା

ଭୁବନେଶ୍ୱର, ୧୪।୩(ବ୍ୟୁରୋ)

**ଆଭ୍ୟନ୍ତରୀଣ ରାସ୍ତାକୁ ଯାଉନି ସଚେତନତା ରଥ**

ସାରା ବିଶ୍ୱରେ କରୋନା ଭାଇରସ୍‌କୁ ନେଇ ଆତଙ୍କ ସୃଷ୍ଟି ହୋଇଥିବା ବେଳେ ଏହାର ମୁକାବିଲା ପାଇଁ ବିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ଶୁକ୍ରବାର ବିଏମ୍‌ସି କମିଶନର ପ୍ରେମଚନ୍ଦ ଚୌଧାରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସହରବାସୀଙ୍କୁ କିପରି ବ୍ୟାପକରୁ ବ୍ୟାପକ ସଚେତନ କରାଯିବ, ସେ ସମ୍ପର୍କରେ ସେ ପରାମର୍ଶ ଦେଇଥିଲେ। ହେଲେ ଏହାର ସମ୍ପୂର୍ଣ୍ଣ ଓଲଟା ଚିତ୍ର ଶନିବାର ଭୁବନେଶ୍ୱରରେ ଦେଖିବାକୁ ମିଳିଛି। ସଚେତନତା ପାଇଁ ବିଏମ୍‌ସି ଦ୍ୱାରା ଆରମ୍ଭ ହୋଇଥିବା ସଚେତନତା ରଥ, ସହରର ମୁଖ୍ୟ ରାସ୍ତାଛଡ଼ା ଆଭ୍ୟନ୍ତରୀଣ ତଥା ବସ୍ତି ଅଞ୍ଚଳକୁ ଯାଉନାହିଁ। ବସ୍ତିର ବିକାଶ ପାଇଁ କାର୍ଯ୍ୟରତ ଗୋଷ୍ଠୀ ସଙ୍ଗଠକମାନେ ମଧ୍ୟ କରୋନା ସଂକ୍ରମଣକୁ ଏଡ଼ାଇବା ପାଇଁ ବସ୍ତିବାସିନ୍ଦାଙ୍କୁ କିଛି ସଚେତନ କରୁ ନ ଥିବା ଅଭିଯୋଗ ହୋଇଛି।

ଚମ୍ପା ପୋଖରୀ ବସ୍ତିର ବିଦ୍ୟାଧର ସାମନ୍ତରାୟ କହିଛନ୍ତି, କରୋନା ଭାଇରସ୍ ସଂକ୍ରମଣକୁ ଏଡ଼ାଇବା ପାଇଁ ଆବଶ୍ୟକୀୟ ପଦକ୍ଷେପ କ'ଣ ଆମେ ଜାଣି ନାହୁଁ। ସଂକ୍ରମଣରୁ ବର୍ତ୍ତିବା ପାଇଁ କ'ଣ କରିବାକୁ ପଡ଼ିବ ସେନେଇ କେହି କିଛି ବୁଝାଇବାକୁ ଆସିନାହାଁନ୍ତି। ବସ୍ତିରେ ରହୁଛୁ, ଦିନ ମଜୁରି କଲେ ପିଲାଙ୍କ ପେଟକୁ ଦାନା ଗଣ୍ଡେ ଯିବ। ଏସବୁ ବିଷୟରେ ଆମକୁ କିଏ ବୁଝେଇବ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଶେଷ ଭାବେ ଦେଖିବାକୁ ଗଲେ କରୋନାରେ ଅଧିକାଂଶ ବୟସ୍କ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ଶାନ୍ତି ପଲ୍ଲୀ ବସ୍ତିର ବରିଷ୍ଠ ନାଗରିକ ସୁରେଶ ମଲ୍ଲିକ କହିଛନ୍ତି, ଯେମିତି ରହୁଥିଲୁ, ସେମିତି ହିଁ ରହୁଛୁ। କେହି କିଛି କହି ନାହାଁନ୍ତି, ଘରେ ନା ଟିଭି ଅଛି ନା ଫୋନ। ଆମେ ଜାଣିବୁ କେମିତି ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ସମସ୍ତ ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବିଏମ୍‌ସି କମିଶନର ଚୌଧାରୀ ବିଭାଗୀୟ ଅଧିକାରୀଙ୍କୁ ବିଭିନ୍ନ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଗୋଷ୍ଠି ସଙ୍ଗଠକ ଓ ୱାର୍ଡ ଅଫିସରଙ୍କୁ ସଚେତନ କରିବାକୁ ଦାୟିତ୍ୱ ଦିଆଯାଇଛି। ହେଲେ ଏନେଇ କିଛି ବି ସୁଫଳ ଦେଖିବାକୁ ମିଳୁନଥିବା ଆରମ୍ଭରୁ ଅଭିଯୋଗ ହୋଇଛି। ଆଗକୁ ଏ ସ୍ଥିତିରେ ସୁଧାର ଆସୁଛି କି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏପରି ମନମାନି ଜାରି ରହୁଛି ତା ଦେଖିବାକୁ ବାକି ରହିଲା।

**ସହର ପରିମଳକୁ କଡ଼ା ନଜର**

କରୋନା ଭାଇରସ୍ ପାଇଁ ଭୁବନେଶ୍ୱର ୬୭ ୱାର୍ଡର ପରିମଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ବିଏମ୍‌ସି ଦାୟିତ୍ୱ ହସ୍ତାନ୍ତର କରିଛି। ଏହି ୱାର୍ଡର ପରିମଳ ବ୍ୟବସ୍ଥା ତଦାରଖ କରିବା ପାଇଁ ବିଏମ୍‌ସି ୩୧ ଅଧିକାରୀଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଛି। ଏମାନେ ସକାଳ ୮ରୁ ମଧ୍ୟାହ୍ନ ୧ ଯାଏ ୱାର୍ଡକୁ ୱାର୍ଡ ବୁଲି ପରିମଳ ବ୍ୟବସ୍ଥା ତଦାରଖ କରିବାକୁ କମିଶନର ପ୍ରେମଚନ୍ଦ ଚୌଧାରୀ ନିର୍ଦ୍ଦେଶ ଦେଇଛନ୍ତି।

# ହଜିଯାଉଥିବା ସଂକୀର୍ତ୍ତନକୁ ବଞ୍ଚାଇ ରଖିବାର ପ୍ରୟାସ



ବାରଙ୍ଗରେ ସଂକୀର୍ତ୍ତନ କରାଯାଉଛି।

ନରାଜ,୧୪।୩(ଡି.ଏନ୍.ଏ.)

ପ୍ରାଚୀନ ଭାରତୀୟ ଆଧ୍ୟାତ୍ମିକ ପରମ୍ପରାରେ କୀର୍ତ୍ତନ ସବୁ ଧର୍ମ ସହ ଜଡ଼ିତ। ହିନ୍ଦୁ ,ବୌଦ୍ଧ ଓ ଶିଖ୍ ଧର୍ମରେ ଏହା ବିଶେଷ ଭାବେ ପ୍ରଚଳିତ। ଜନମାନସରେ ଏହାକୁ ରୁଚିକର କରିବା ପାଇଁ ସଂକୀର୍ତ୍ତନ ବୋଲି କୁହାଯାଏ। ଖୋଳ ଓ ତାଳ ମାଧ୍ୟମରେ ପ୍ରଭୁଙ୍କ ନାମ ଜପ କରି ତାଙ୍କ ଲୀଳାର ପ୍ରସାର କରାଇବା ଏହି ସଂକୀର୍ତ୍ତନର ମୂଳ ଉଦ୍ଦେଶ୍ୟ । ପୂର୍ବରୁ ପ୍ରାୟ ସବୁ ଗ୍ରାମରେ ଏଭଳି ସଂକୀର୍ତ୍ତନ ମଣ୍ଡଳୀ ଥିଲା। କାଳକ୍ରମେ ଏହି ସଂକୀର୍ତ୍ତନ ଜନମାନସରୁ ଲୋପ ପାଇବାକୁ ବସିଲାଣି। ସରକାର ଏହାର ପୁନରୁଦ୍ଧାର ପାଇଁ ବିଭିନ୍ନ ପ୍ରୋତ୍ସାହନ ସହ ୫୦ ବର୍ଷରୁ ଊର୍ଦ୍ଧ୍ୱ କଳାକାରମାନଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି। ଏହାସତ୍ତ୍ୱେ ଏହି ପ୍ରାଚୀନ ପରମ୍ପରାକୁ ଆପଣେଇବାକୁ କଳାକାରମାନେ ତତ୍ପରତା ପ୍ରକାଶ କରୁନାହାନ୍ତି। ଏଭଳି ସ୍ଥିତିରେ ବାରଙ୍ଗ ଅଞ୍ଚଳର ୪୮ ସଂକୀର୍ତ୍ତନ ମଣ୍ଡଳୀ ଏହି ପରମ୍ପରାକୁ ବଞ୍ଚେଇ ରଖିବାକୁ ପ୍ରୟାସ ଜାରି ରଖିଛି। ବିଶେଷକରି କାର୍ତ୍ତିକ, ଫାଲଗୁନ, ଚୈତ୍ର ଓ ବୈଶାଖ ଆଦି ମାସରେ କିମ୍ବା ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଏହି ମଣ୍ଡଳୀ ପକ୍ଷରୁ କରାଯାଉଥିବା ସଂକୀର୍ତ୍ତନ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଦୃତ ଲାଭ କରିଛି।

**ଓଡ଼ିଶାରେ ୧୫୦୦ ଖ୍ରୀଷ୍ଟାବ୍ଦର ମଧ୍ୟଭାଗରେ ନାମ ସଂକୀର୍ତ୍ତନର ଆବିର୍ଭାବ ହୋଇଥିଲା। ଶ୍ରୀ ଚୈତନ୍ୟ ଦେବଙ୍କ ପୁରୀ ଆଗମନ ପରେ ବୈଷ୍ଣବ ଧର୍ମର ପ୍ରଚାର ପ୍ରସାର ଘଟି ପୁରପଲ୍ଲୀରେ ସଂକୀର୍ତ୍ତନ ଏକ ସାମାଜିକ ପରମ୍ପରାରେ ପରିଣତ ହୋଇଥିଲା।**

**୪୮ ସଂକୀର୍ତ୍ତନ ମଣ୍ଡଳୀ**

ପଟିଆ ମଦନ ମୋହନ ରାଜା ବାରଙ୍ଗର ପ୍ରାଚୀ ନଦୀ ତଟରେ ବାଲିଯାତ୍ରା ଆରମ୍ଭ କରିଥିଲେ। ସେତେବେଳେ ସଂକୀର୍ତ୍ତନ ଶୁଣିବାକୁ ଲୋକେ ପସନ୍ଦ କରୁଥିବାରୁ ରାଜା ଏହି ବାଲିଯାତ୍ରା ସମୟରେ ୪୮ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀକୁ ଏକତ୍ରିତ କରି ୪୮ ମଣ୍ଡଳ ସଂକୀର୍ତ୍ତନ ଗଢ଼ିଥିଲେ। ଏହାର ଦାୟିତ୍ୱ ଜଣେ ମହନ୍ତ ଓ ଅଧିକାରୀଙ୍କୁ ଦିଆଯାଇଥିଲା। ସେହିପରି ୪୮ ସଂକୀର୍ତ୍ତନ ମଣ୍ଡଳୀକୁ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରତ୍ୟେକ ମଣ୍ଡଳୀର ଦାୟିତ୍ୱ ଜଣେ ଲେଖାଏ ମହନ୍ତ ଓ ଅଧିକାରୀଙ୍କୁ ଦିଆଯାଇଥିଲା। ଏହି ମହନ୍ତ ଓ ଅଧିକାରୀମାନେ ବଂଶାନୁକ୍ରମିକଭାବେ ସେମାନଙ୍କ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ସେହିଦିନଠାରୁ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ସମୟରେ ୪୮ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ବାଲିଯାତ୍ରା ଆୟୋଜନ କରାଯାଉଛି। ଏଥିରେ ସବୁ ମଣ୍ଡଳର ମହନ୍ତମାନେ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥାନ୍ତି। ବହୁଘାତ ପ୍ରତିଘାତର ସମ୍ମୁଖୀନ ହୋଇଥିଲେ ମଧ୍ୟ ଏହି ସଂକୀର୍ତ୍ତନ ମଣ୍ଡଳୀ ଏବେବି ନିଜ ପରମ୍ପରା ବଞ୍ଚେଇ ରଖିଛି। ନୂତନ ପିଢ଼ିକୁ ସଂକୀର୍ତ୍ତନ ସହ ଯୋଡିବା ପାଇଁ ଏହି ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଖୋଳ ତାଳ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି।

**ଏମାନେ କୁହନ୍ତି ...**



ସଂକୀର୍ତ୍ତନର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ଗ୍ରାମର ବାର୍ଷିକ ଉତ୍ସବରେ ଯୋଗଦେଇ ଏହାର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ଛୋଟ ଛୋଟ ପିଲାଙ୍କୁ ଏଥିରେ ଯୋଡିବା ପାଇଁ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସେମାନଙ୍କୁ ଉତ୍ସାହିତ କରାଯାଉଛି।

**ଡ. କିଶୋର ଚନ୍ଦ୍ର ପାଣି (୪୮ ସଂକୀର୍ତ୍ତନ ମଣ୍ଡଳୀ ମହନ୍ତ, ବାରଙ୍ଗ )**



ସଂକୀର୍ତ୍ତନ ପରମ୍ପରା ବହୁ ପୁରୁଣା। ଏହା ଆମ ଆଧ୍ୟାତ୍ମିକତା ସହ ଅଙ୍ଗାଙ୍ଗୀଭାବେ ଜଡିତ। ଶଙ୍ଖ ଧ୍ୱନି, ଖୋଳ ତାଳ ଜରିଆରେ ହରିନାମ ସଂକୀର୍ତ୍ତନ କଲେ ମନୁଷ୍ୟର ପାପ ନାଶ ହୁଏ ବୋଲି ପୁରାଣରେ କୁହାଯାଇଛି। ଏହି ମୂଳମନ୍ତ୍ରକୁ ଆଧାର କରି ଆମେ ଯୁବଗୋଷ୍ଠୀ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପ୍ରୟାସ କରିଥାଉ।

**ଦିଲୀପ କୁମାର ସାମନ୍ତରାୟ (୪୮ ସଂକୀର୍ତ୍ତନ ମଣ୍ଡଳୀ ଅଧିକାରୀ, ବାରଙ୍ଗ)**



ଦୀର୍ଘବର୍ଷ ଧରି ୪୮ ସଂକୀର୍ତ୍ତନ ମଣ୍ଡଳୀ ସହ ଜଡିତ ହୋଇ ରହିଛି। ପରିଣତ ବୟସରେବି ସଂକୀର୍ତ୍ତନ ଶିଖାଇବା ନିମନ୍ତେ ସାଇକେଲ ଧରି ବାରଙ୍ଗଠାରୁ ଆରମ୍ଭ କରି ମୁଣ୍ଡୁଳି, ଫୁଲନଖରା ଓ ଭୁବନେଶ୍ୱର ପର୍ଯ୍ୟନ୍ତ ସବୁଠି ପହଞ୍ଚିଯାଇଥାଏ। ଏହାକୁ ମହତ କାର୍ଯ୍ୟ ବୋଲି ଭାବି ସେମାନଙ୍କଠାରୁ କୌଣସି ପାରିଶ୍ରମିକ ବି ନେଇ ନ ଥାଏ।

**ବିଷ୍ଣୁ ଚରଣ ଦାସ ( ସଂକୀର୍ତ୍ତନ ଗୁରୁ, ଓସ୍ତପଡା )**



ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱାରା ସଂକୀର୍ତ୍ତନ ପରମ୍ପରା ଆରମ୍ଭ ହୋଇଥିବା ବେଳେ ତାଙ୍କ ଭକ୍ତଙ୍କ ଦ୍ୱାରା ଏହା ପ୍ରଚାର ପ୍ରସାର ଲାଭ କରିଥିଲା। ବାରଙ୍ଗରେ ୪୮ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଏହି ସଂକୀର୍ତ୍ତନ ପରମ୍ପରାକୁ ବଞ୍ଚେଇ ରଖାଯାଇଥିବା ବେଳେ ପିଲା ଓ ଯୁବକଙ୍କ ମଧ୍ୟରେ ଏଥିପ୍ରତି ଆଗ୍ରହ ବଢ଼ିବାରେ ଲାଗିଛି।

**ଆର୍ତ୍ତ ବିଶ୍ୱାଳ ( ପୂର୍ବତନ ସରପଞ୍ଚ, ବେଲଗଛିଆ )**

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୫/୨୦୨୦ Bhubaneswar, Sunday, March 15/2020

# ଟ୍ରେନ୍‌ରେ ଯାତ୍ରୀଙ୍କୁ କମ୍ବଳ ମନା

ଭୁବନେଶ୍ୱର,୧୪।୩ (ବ୍ୟୁରୋ)



## ସଚେତନତାକୁ ଗୁରୁତ୍ୱ ଦେଲେ ରେଳ କର୍ତ୍ତୃପକ୍ଷ

- ପ୍ରତି ୫ ମିନିଟରେ ଡାକବାଜିରେ କରାଯାଉଛି ପ୍ରଚାର
- ଷ୍ଟେଶନ ପରିସରରେ ଛେପ ନ ପକାଇବାକୁ ପରାମର୍ଶ
- ଇୟର ଫୋନ୍ ବ୍ୟବହାର ଉପରେ କଟକଣା

ବିଭିନ୍ନ ରେଳ ଷ୍ଟେଶନ ଦେଇ ବାହାର ରାଜ୍ୟରୁ ଲୋକେ ଓଡ଼ିଶାକୁ ପ୍ରବେଶ କରୁଛନ୍ତି। ହେଲେ କରୋନା ଆକ୍ରାନ୍ତଙ୍କୁ ଚିହ୍ନଟ ପାଇଁ ଏଯାଏ କୌଣସି ବି ରେଳ ଷ୍ଟେଶନରେ ସ୍କ୍ରିନିଂ କିମ୍ବା ଅନ୍ୟ କୌଣସି ବ୍ୟବସ୍ଥା ନାହିଁ। ଏପରିସ୍ଥଳେ ଶନିବାର ପୂର୍ବତଟ ରେଳପଥ କର୍ତ୍ତୃପକ୍ଷ ସଂକ୍ରମଣ ରୋକିବାକୁ ସଚେତନତା ସହ କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଭୁବନେଶ୍ୱର ରେଳ ଷ୍ଟେଶନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ କହିଛନ୍ତି, ଷ୍ଟେଶନ ଓ ଟ୍ରେନ୍‌ରେ ଯାତ୍ରୀଙ୍କ ପାଇଁ କଟକଣା ଜାରି କରାଯାଇଛି। ଷ୍ଟେଶନ ପରିସର ଓ ପ୍ଲାଟଫର୍ମରେ ଛେପ ପକାଇବାକୁ ବାରଣ କରାଯାଇଛି। ଏପରି କି ଅନେକ ସମୟରେ ଯାତ୍ରୀମାନେ ମୋବାଇଲ୍ ଫୋନ୍‌ରେ କଥାହେବାବେଳେ ଇୟରଫୋନ୍ ତାରକୁ ପାଟିରେ କାମୁଡି ଧରିଥାନ୍ତି। ଏଥିଯୋଗୁ କରୋନା ଭାଇରସ ସଂକ୍ରମଣର ଆଶଙ୍କା ରହିଥିବାରୁ ଏଭଳି ନ କରିବାକୁ ଯାତ୍ରୀଙ୍କୁ ବାରଣ କରାଯାଇଛି। ଏହାସହ ଟ୍ରେନ୍ ଭିତରେ ଲାଗିଥିବା ହ୍ୟାଣ୍ଡ୍ ଷ୍ଟାଣ୍ଡକୁ ନ ଧରିବା, ଅନ୍ୟ ଯାତ୍ରୀଙ୍କୁ ନ ଛୁଇଁବା, ପାଖାପାଖି ନ ବସିବାକୁ ପରାମର୍ଶ ଦିଆଯାଇଛି। ସବୁଠୁ ବଡ଼ କଥା ହେଲା ଏସି ବଗିରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ମିଳୁଥିବା କେତେକ ସୁବିଧାକୁ ପରବର୍ତ୍ତନ କରାଯାଇଛି।

### ଏସି ମାତ୍ରା କମାଗଲା

ଏସିର ମାତ୍ରା ହ୍ରାସ କରାଯାଇଥିବାବେଳେ ଯାତ୍ରୀଙ୍କୁ ଦିଆଯାଉଥିବା କମ୍ବଳ ବନ୍ଦ କରିଦିଆଯାଇଛି। ଏସି ବଗିରେ ଲାଗିଥିବା ଡୋରସ୍କ୍ରିନ୍‌କୁ କାଢ଼ିଦିଆଯାଇଛି। ଷ୍ଟେଶନ ଓ ଟ୍ରେନ୍ ଭିତରକୁ ସଫା ରଖାଯିବ। ଏହାସହ ଟ୍ରେନରେ ଥିବା ଟଏଲେଟକୁ ମଧ୍ୟ ନିୟମିତ ଅର୍ଥାତ୍ ପ୍ରତି ଷ୍ଟେଶନରେ ଭଲଭାବେ ସଫା କରାଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଯାତ୍ରୀଙ୍କୁ ସଚେତନ କରିବା ପାଇଁ ଟ୍ରେନ ପହଞ୍ଚିବା ଓ ଛାଡ଼ିବା ସମୟରେ ଡାକବାଜିରେ ପ୍ରତି ୫ ମିନିଟରେ ପ୍ରଚାର କରାଯାଉଛି। ଯାତ୍ରୀମାନେ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ କ'ଣ କରିବାକୁ ପଡ଼ିବ ସେଥିପ୍ରତି ସଚେତନ କରାଯାଉଛି। ଏହାସହ ରେଲ୍‌ୱେ କର୍ମଚାରୀମାନେ ଷ୍ଟେଶନରେ ଯାତ୍ରୀଙ୍କୁ ସଚେତନତା ବାର୍ତ୍ତା ଥିବା ଲିଫ୍‌ଲେଟ୍ ପ୍ରଦାନ କରୁଛନ୍ତି। ପ୍ରତିଦିନ ଷ୍ଟେଶନ ଦେଇ ହଜାର ହଜାର ଲୋକ ଯିବାଆସିବା କରୁଥିବାରୁ ଓ ଏଠାରେ ସ୍କ୍ରିନିଂ ବ୍ୟବସ୍ଥା ନ ଥିବାରୁ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରିବା କଷ୍ଟକର। ତେଣୁ ସଚେତନତା ଉପରେ ଗୁରୁତ୍ୱ ଦିଆଯାଉଥିବା ଷ୍ଟେଶନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ କହିଛନ୍ତି।



ଭୁବନେଶ୍ୱର ଉପକଣ୍ଠ ମଦନପୁର ଗ୍ରାମରେ ଶନିବାର ଅନୁଷ୍ଠିତ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଦେବ ପଞ୍ଚୁଦୋଳ ମେଳଣରେ ଏକତ୍ରିତ ହୋଇଥିବା ଦୋଳବିମାନ।

## ସଂକ୍ଷେପରେ

### ଖାନ୍‌ନଗରରେ ବସ୍‌ଷ୍ଟାଣ୍ଡ ପାଇଁ ଜମି ଚିହ୍ନଟ

**କଟକ ଅଫିସ,୧୪।୩:** ବାଦାମବାଡ଼ି ବସ୍‌ଷ୍ଟାଣ୍ଡକୁ ଖାନ୍‌ନଗରକୁ ସ୍ଥାନାନ୍ତର କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଶନିବାର ସକାଳେ ଗୋପଦ ଅଭିଯାନରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଖାନନଗର ଅଞ୍ଚଳ ପରିଦର୍ଶନ କରିଛନ୍ତି। ବିଶେଷ କରି ଖାନନଗରଠାରେ ଏକ ନୂତନ ବସଷ୍ଟାଣ୍ଡ ଓ କେତେକ ସରକାରୀ ପ୍ରକଳ୍ପ ହେବାକୁ ପ୍ରସ୍ତାବ ରହିଛି। ସେଠାରେ କେତେ ସରକାରୀ ଜମି ଉପଲବ୍ଧ ଅଛି, କେତେ ସରକାରୀ ଜାଗା ଅବରୋଧ ହୋଇଛି, ତାହାର ସରଜମିନ ଆକଳନ କରିବା ପାଇଁ ପ୍ରାଥମିକ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ପୂର୍ତ୍ତ ବିଭାଗ, ରାଜସ୍ୱ ବିଭାଗ ଏବଂ ମହାନଗର ନିଗମ ପକ୍ଷରୁ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି। ଏଥିପାଇଁ ଏକ ଚୂଡ଼ାନ୍ତ ପ୍ରକଳ୍ପ ରିପୋର୍ଟ ପ୍ରକାଶ ପାଇବା ପରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଥିଲେ।

### ୭ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ନିମାପଡ଼ା,୧୪।୩(ଡି.ଏନ୍.ଏ.):** ନିମାପଡ଼ା ଏନ୍‌ଏସି ଅଞ୍ଚଳରେ ଥିବା ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା କାର୍ଯ୍ୟାଳୟକୁ ଋଣ ନେବା ପାଇଁ ଆସିଥିବା ୭ଜଣ ମହିଳାଙ୍କୁ ସଂସ୍ଥାର ଶାଖା ପରିଚାଳକ, ଗ୍ରୁପ୍ କ୍ରେଡିଟ୍ ଅଫିସର ଓ ଆସିଷ୍ଟାଣ୍ଟ ରିକ୍ସ ମ୍ୟାନେଜର ଦୁର୍ବ୍ୟବହାର କରିଥିବା ନେଇ ଶନିବାର ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଋଣ କରିଦେବାକୁ କହି ସଂସ୍ଥାର ଗ୍ରୁପ୍ କେଡିଟ୍ ଅଫିସର ପିପିଲି ଅଞ୍ଚଳର ୨୪ଜଣ ମହିଳାଙ୍କଠାରୁ ବିଭିନ୍ନ ଡକ୍ୟୁମେଣ୍ଟ ସହ ୨ଶହ ଟଙ୍କା ଲେଖାଏଁ ନେଇଥିଲେ। ଦୀର୍ଘଦିନ ବିତିଯାଇଥିଲେ ମଧ ଋଣ ନ ମିଳିବାରୁ ମହିଳାମାନେ ନିମାପଡ଼ା ଶାଖା କାର୍ଯ୍ୟାଳୟରେ ପହଞ୍ଚି ଋଣ ସମ୍ପର୍କରେ ପଚାରିବାରୁ ଶାଖା ପରିଚାଳକ, ଗ୍ରୁପ୍ କ୍ରେଡିଟ ଅଫିସର ଓ ଆସିଷ୍ଟାଣ୍ଟ ରିକ୍ସ ମ୍ୟାନେଜର ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ ବୋଲି ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଏ ନେଇ ଶାଖା ପରିଚାଳକ କୁହନ୍ତି, ମହିଳାଙ୍କଠାରୁ ୨ଶହ ଲେଖାଏ ଟଙ୍କା ଆଦାୟ କରାଯାଇଥିବା ସମ୍ପୂର୍ଣ୍ଣ ମିଥ୍ୟା। ଅନ୍ୟ ସଂସ୍ଥାରୁ ମହିଳାମାନେ ଋଣ କରି ଶୁଝି ନ ଥିବାରୁ ଆମ ସଂସ୍ଥାରୁ ଋଣ ଦେଇହେବ ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ଏ ନେଇ ଆଇଆଇସି ଜନାର୍ଦ୍ଦନ ପାଢ଼ୀ କୁହନ୍ତି, ପିପିଲି ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିବାକୁ ଅଭିଯୋଗକାରୀଙ୍କୁ କୁହାଯାଇଛି।

### ୪ ବଖରା ଜଳିଗଲା

**ନିରାକାରପୁର,୧୪।୩(ଡି.ଏନ.ଏ.):** ଟାଙ୍ଗୀ ତହସିଲ ଅଧୀନ ଓଲସିଂହ ପଞ୍ଚାୟତସ୍ଥିତ ବଜାରସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ନିଆଁ ଲାଗି ରବିନାରାୟଣ ପୃଷ୍ଟି ଓ ଦୁଃଖିଶ୍ୟାମ ତ୍ରିପାଠୀଙ୍କ ୪ ବଖରା ପୋଡିଯାଇଛି। ଏଥିରେ ସେମାନଙ୍କ ଧାନ, ଚାଉଳ, ଘର କରଣା ସାମଗ୍ରୀ ଓ ଅନ୍ୟାନ୍ୟ ଆସବାବପତ୍ର ଜଳିଯାଇଛି। ଖବରପାଇ ରଣପୁରରୁ ଦମକଳ ବାହିନୀର ୨ଟି ଗାଡି ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ ସେତବେଳକୁ ୪ ବଖରା ପୋଡିଯାଇଥିଲା। ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡିନାହିଁ। ଖବରପାଇ ସ୍ଥାନୀୟ ସରପଞ୍ଚ ପ୍ରେମାନନ୍ଦ ପରିଡା ବିପନ୍ନଙ୍କ ପାଖରେ ପହଞ୍ଚି ଆଶ୍ୱାସନା ଦେବା ସହ ଶନିବାର ରନ୍ଧା ଖାଦ୍ୟର ବ୍ୟବସ୍ଥା କରିଥିଲେ। ତହସିଲ ପ୍ରଶାସନ ପକ୍ଷରୁ ବିପନ୍ନମାନଙ୍କୁ ଖଣ୍ଡିଏ ଲେଖାଏ ପଲିଥିନ ଦିଆଯାଇଛି।

### ଆଜି ଛତିଶା ନିଯୋଗ, ନୀତି ସବ୍‌କମିଟି ବୈଠକ

#### କରୋନା ସମ୍ପର୍କରେ ହେବ ଆଲୋଚନା

**ପୁରୀ ଅଫିସ, ୧୪।୩:** ଶ୍ରୀମନ୍ଦିର ଛତିଶା ନିଯୋଗ ଏବଂ ନୀତି ସବ୍‌କମିଟି ବୈଠକ ରବିବାର ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ହେବାକୁ ଥିବା ଏହି ବୈଠକ ଦ୍ୱୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଅଧ୍ୟକ୍ଷତା କରିବେ। ପ୍ରଥମେ ପୂର୍ବାହ୍ନ ୧୧ଟାରେ ଛତିଶା ନିଯୋଗ ଏବଂ ମଧ୍ୟାହ୍ନ ୧୨ଟାରେ ନୀତି ସବ୍‌କମିଟି ବୈଠକ ବସିବ। ଏଥିରେ କରୋନା ରୋଗର ପ୍ରତିଷେଧକ ଓ ନିରାକରଣ ସମ୍ପର୍କରେ ଆଲୋଚନା କରାଯିବ ବୋଲି କାର୍ଯ୍ୟସୂଚୀ ସ୍ଥିର ହୋଇଛି। ସେବାୟତ, ଶ୍ରୀମନ୍ଦିର କର୍ମଚାରୀ ଏବଂ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ଲାଗି କେତେକ କଟକଣା ବୈଠକରେ ଚୂଡ଼ାନ୍ତ ହୋଇପାରେ।



ଓଡ଼ିଶା ଅଗ୍ନିଶମ ସେବାର ନୂତନ ଦମକଳ ଗାଡିରେ ସଂଯୁକ୍ତ ମୋଟର ପମ୍ପ କାର୍ଯ୍ୟକାରିତାକୁ ନେଇ ଗଡ଼ଗଡ଼ିଆ ଘାଟ ମହାନଦୀ ତଟରେ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯାଉଛି।

# ଇକୋ ଟୁରିଜମ ଅଞ୍ଚଳ ପାଇଁ ଜାରି ହେଲା ଗାଇଡ୍ ଲାଇନ

ଭୁବନେଶ୍ୱର,୧୪।୩ (ବ୍ୟୁରୋ)

**ପର୍ଯ୍ୟଟକଙ୍କ ୩ ମାସ ଭ୍ରମଣ ତଥ୍ୟ ରଖିବାକୁ ନିର୍ଦ୍ଦେଶ**

କରୋନା ଭୂତାଣୁ ଜନିତ ରୋଗକୁ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ଇକୋ ଟୁରିଜମ ପାଇଁ ଶୁକ୍ରବାର ଏକ ଗାଇଡ ଲାଇନ ଜାରି କରିଛି। ଗଣମାଧ୍ୟମକୁ ସୂଚନା ଦେଇ ଚିଫ୍ ୱାଇଲଡ ଲାଇଫ ହରି ଶଙ୍କର ଉପାଧ୍ୟାୟ କହିଛନ୍ତି ଯେ ପ୍ରତ୍ୟକ ବନ ଅଧିକାରୀ ଓ କର୍ମଚାରୀଙ୍କୁ ଇକୋ ଟୁରିଜମକୁ ଆସିଥିବା ଓ ସେଠାରେ ରାତ୍ରୀ ଯାପନ କରିଥିବା ପର୍ଯ୍ୟଟକମାନଙ୍କର ସମସ୍ତ ଭ୍ରମଣ ତଥ୍ୟ ରଖିବାକୁ କୁହାଯାଇଛି। ଏହାଛଡା ଇକୋ ଟୁରିଜମ ଗ୍ରାମ ଗୁଡ଼ିକରେ ସ୍ୱାସ୍ଥ୍ୟକର ପରିବେଶ ପ୍ରତି ଯତ୍ନବାନ ହେବାକୁ କୁହାଯାଇଛି। ସେଠାରେ ମେଡିକାଲ କ୍ୟାମ୍ପ କରି ପର୍ଯ୍ୟଟକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଯେଉଁମାନଙ୍କର କାଶ କିମ୍ବା ଛିଙ୍କ ହେଉଥିବ ସେମାନଙ୍କୁ ତୁରନ୍ତ ହସ୍ପିଟାଲକୁ ନେବା ଲାଗି ପରାମର୍ଶ ଦିଆଯାଇଛି।

# କୋରିୟର ସଂସ୍ଥା ଗୋଦାମରେ ଅଗ୍ନିକାଣ୍ଡ

ଯାଁଳା, ୧୪।୩(ଡି.ଏନ.ଏ.)

ଯାଁଳା ଫାଣ୍ଡି ଅନ୍ତର୍ଗତ ଓଗାଳପଡ଼ା ନିକଟରେ ଥିବା ଏକ କୋରିୟର ସଂସ୍ଥାର ଗୋଦାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ସଂସ୍ଥାର ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ଏହି ଗୋଦାମରେ ବିଦ୍ୟୁତ୍ ଶର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗି ଥିବା ଜଟଣୀ ଅଗ୍ନିଶମ ବିଭାଗ ଅଧିକାରୀ ବି. ବି. ରାଜଗୁରୁ କହିଛନ୍ତି। ବିଭିନ୍ନ ସ୍ଥାନରୁ ଲୋକଙ୍କୁ ପ୍ରଦାନ ପାଇଁ ଆସିଥିବା ବାଇକ୍, ରେଫ୍ରିଜରେଟର, ଟିଭି, ୱାଶିଂ ମେଶିନ୍ ଆଦି ପୋଡ଼ି ଯାଇଛି। ଏଥିସହ ନିକଟରେ ଥିବା ଏକ ମେଡିସିନ୍ ଦୋକାନକୁ ନିଆଁ ବ୍ୟାପିଯିବାରୁ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଔଷଧ ଓ ଅନ୍ୟାନ୍ୟ ସରଞ୍ଜାମ ପୋଡ଼ିଯାଇଛି। ଜଟଣୀ, ଖୋର୍ଦ୍ଧା ଓ ଭୁବନେଶ୍ୱରରୁ ଅଗ୍ନିଶମ କର୍ମଚାରୀ ଆସି ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ।




# ବଲିଉଡ୍ ଫିଲ୍ମରେ କ୍ରିଷ୍ଣା ରେଡ୍ଡୀ



ଶୁଟିଂସେଟ୍‌ରେ କ୍ରିଷ୍ଣାଙ୍କ ସହ ଅନ୍ୟ କଳାକାରମାନେ।

କଟକ ଅଫିସ,୧୪।୩

- ଆରମ୍ଭ ହୋଇଛି ଶୁଟିଂ
- ମିଳିଛି ଖଳନାୟକ ଭୂମିକା

ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ମୁଖ୍ୟ କ୍ରିଷ୍ଣା ରେଡ୍ଡୀଙ୍କୁ ମିଳିଛି ବଲିଉଡ୍ ଟିକେଟ୍। ଏକ ରିୟଲିଟି ସୋ'ରେ ଭାଗ ନେବା ସହ ନିଜ ନୃତ୍ୟ ମାଧ୍ୟମରେ ସାରା ଦେଶରେ ଚର୍ଚ୍ଚିତ ହୋଇଥିବା ବ୍ରହ୍ମପୁର ଅଞ୍ଚଳର କ୍ରିଷ୍ଣା ଏବେ ଅଭିନୟ ମାଧ୍ୟମରେ ବଲିଉଡ୍‌ରେ ପାଦ ଥାପିଛନ୍ତି। ସଞ୍ଜୀବ ଜୈସୱାଲଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ବଗାୱତ' ଚଳଚ୍ଚିତ୍ରରେ ତାଙ୍କୁ ଖଳନାୟକ ଭୂମିକା ମିଳିଛି। ୩ ଦିନ ହେବ ଏହି ଚଳଚ୍ଚିତ୍ରର ଶୁଟିଂ ଲକ୍ଷ୍ନୌଠାରେ ଆରମ୍ଭ ହୋଇଛି। ସମ୍ବିଧାନ ପ୍ରଣେତା ଡ. ବି.ଆର୍. ଆମ୍ବେଡ୍‌କରଙ୍କ ଜୀବନ କାହାଣୀ ଉପରେ ଏହି ଚଳଚ୍ଚିତ୍ର ପର୍ଯ୍ୟବସିତ ହୋଇଛି। ସମ୍ବିଧାନ ଲେଖିବା ନିମନ୍ତେ ଆମ୍ବେଡ୍‌କର ଦେଶର ପରିସ୍ଥିତିକୁ କିଭଳି ଦେଖିଥିଲେ ତାହା ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। '୧୯୨୦' ଚଳଚ୍ଚିତ୍ରର ହିରୋ ରଜନୀଶ ଡଗଲ୍ ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଛନ୍ତି। ବଲିଉଡ୍‌ରେ କାର୍ଯ୍ୟ କରିବାର ସୌଭାଗ୍ୟ ହାତଗଣତି ଓଡ଼ିଆ କଳାକାରଙ୍କୁ ମିଳିଛି। ଏ ସମ୍ପର୍କରେ କ୍ରିଷ୍ଣା କହିଛନ୍ତି, ବଡ଼ ବ୍ୟାନରରେ ନିର୍ମିତ ଚଳଚ୍ଚିତ୍ରରେ କାର୍ଯ୍ୟକଲେ ଅନେକ କିଛି ଶିଖିବାକୁ ମିଳିବ। ସହଦେବ ନାମରେ ଏକ ଖଳନାୟକ ଭୂମିକା ମତେ ଦିଆଯାଇଛି। ୩ଦିନ ଶୁଟିଂ ସରିଥିବାବେଳେ ଆଉ ୪୫ଦିନ ଶୁଟିଂ ବାକି ରହିଛି। ଲକ୍ଷ୍ନୌ ସମେତ ମୁମ୍ବାଇ ଓ ରାଜସ୍ଥାନର ରାଜଗଡ଼ଠାରେ ଏହି ଚଳଚ୍ଚିତ୍ରର ଶୁଟିଂ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ କ୍ରିଷ୍ଣା–ଷ୍ଟୋରି ଅଫ ଏ ଡ୍ୟାନ୍ସର ନାମରେ ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା। ଏଥିରେ କ୍ରିଷ୍ଣା ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଆଗକୁ ଦେବୀ ନାମରେ ଏକ ଚଳଚ୍ଚିତ୍ର ପ୍ରସ୍ତୁତ ହେଉଛି ଓ ଏଥିରେ କ୍ରୀଷ୍ଣା ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି।

**ବାର୍, ପବ୍‌ରେ କରୋନା ଛାଟ**

# ଲାଉଡ୍ ସ୍ପିକର ବଜାଇବା ନିଷେଧ

ଭୁବନେଶ୍ୱର,୧୪।୩ (ବ୍ୟୁରୋ)

ମହାମାରୀ କରୋନା ଭାଇରସ୍ ଆତଙ୍କରେ ସାରା ବିଶ୍ୱବାସୀ ଭୟଭୀତ। ଏହି ଭାଇରସ୍ ରାଜ୍ୟରେ ଯେଭଳି ସଂକ୍ରମିତ ନ ହେବ ସେଥିଲାଗି ବ୍ୟାପକ ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର। ଶୁକ୍ରବାର ସରକାର ଫିଲ୍ମ ହଲ୍, ସୁଇମ ପୁଲ୍ ଏବଂ ଜିମ୍ ସେଣ୍ଟରକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଦିନକ ପରେ ବାର୍ ଓ ପବ୍‌ରେ ଲାଗିଛି କରୋନା ଛାଟ। ଶନିବାର କରୋନା ପାଇଁ ରାଜଧାନୀରେ ଲାଉଡ୍ ସ୍ପିକର ଉପରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ କଟକଣା ଜାରି ହୋଇଛି। ଭୁବନେଶ୍ୱରର ସମସ୍ତ ବାର୍ ଏବଂ ପବ୍‌ରେ ଲାଉଡ୍ ସ୍ପିକର ବାଜି ପାରିବନି ବୋଲି ଟୁଇଟ୍ କରି ଜଣାଇଛନ୍ତି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ।

ହେଲେ ରାଜଧାନୀରେ ଥିବା ବଡ଼ବଡ଼ ମଲ୍ ଏବଂ ସୁପର ମାର୍କେଟ ଖୋଲା ରହିଛି। ଫଳରେ ଲୋକମାନେ ଫିଲ୍ମ ନ ଦେଖି ମଲ୍ ବୁଲିବାକୁ ଇଚ୍ଛା କରୁଛନ୍ତି। ମଲ୍ ଭିତରେ ଏକାଧିକ ଲୋକ ପଶୁଛନ୍ତି। ଯାହାକୁ ନେଇ କରୋନା ଭାଇରସ୍ ବ୍ୟାପିବା ଆଶଙ୍କା କରାଯାଉଛି। ତେଣୁ ସରକାର ମଲ୍ ଗୁଡିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇନଥିଲେ ମଧ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଟୁଇଟ୍ କରି ଲୋକଙ୍କୁ କେତେକ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ, ମଲ୍ ଭିତରକୁ କମ୍ ସଂଖ୍ୟକ ଲୋକେ ପ୍ରବେଶ କରନ୍ତୁ। ଦଳ ଦଳ ହୋଇ ମଲ୍ ଭିତରକୁ ଯାଆନ୍ତୁ ନାହିଁ। ଯଦି ମଲ୍ ଭିତରକୁ ଯାଉଛନ୍ତି ତେବେ ଦୂରତା ୬ ଫୁଟ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ସାମଗ୍ରୀ ବିକ୍ରି ପାଇଁ କୌଣସି ପ୍ରମୋସନ ବ୍ୟବସ୍ଥା ନ କରନ୍ତୁ। ମଲ୍ କର୍ମଚାରୀ ମାସ୍କ ପିନ୍ଧିବା ସହ ପରିଷ୍କାର, ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦିଅନ୍ତୁ। ସେପଟେ ବିବାହ ଓ ବ୍ରତ କାର୍ଯ୍ୟକୁ କେବଳ ଘନିଷ୍ଠ ସମ୍ପର୍କୀୟଙ୍କ ଗହଣରେ କରିବାକୁ ପରାମର୍ଶ ଦେଇଛନ୍ତି ପୋଲିସ କମିଶନର। ଏମିତିକି ରିସେପସନ୍ ପାର୍ଟି ଏବେ ସ୍ଥଗିତ ରଖି ପରେ ତିଥି ଦେଖି ନିଷ୍ପତ୍ତି ନେବାପାଇଁ ପୋଲିସ କମିଶନର ଷଡ଼ଙ୍ଗୀ କହିଛନ୍ତି।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ





# ବନ୍ଦ ହେଲା ସହରର ସମସ୍ତ କ୍ଲବ

## କରୋନା ଭୟ



■ମାସ୍କ ପିନ୍ଧି ପରୀକ୍ଷା ଦେଲେ ଛାତ୍ରୀଛାତ୍ର

■ବୈଶାଖୀ ବାଣିଜ୍ୟ ମେଳା ସ୍ଥଗିତ

**କଟକ ଅଫିସ,୧୪।୩**

କରୋନାକୁ ରାଜ୍ୟ ସରକାର ରାଜ୍ୟ ବିପତ୍ତି ଭାବେ ଘୋଷଣା କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜୋର୍‌ଦାର ଆରମ୍ଭ ହୋଇଛି। ସର୍ବସାଧାରଣରେ ଜନ ସମାଗମ ସ୍ଥାନକୁ ବନ୍ଦ ରଖିବା ପାଇଁ ବାଧ କରାଯାଉଛି। କରୋନା ପାଇଁ ଓସିଏ କ୍ଲବ, କଟକ କ୍ଲବ୍, ହୋଟେଲ ପ୍ରମୋଦ, ଜୟଶ୍ରୀ ସିନେମା ହଲ, ସମ୍ରାଟ ହଲ, ବୃନ୍ଦାବନ ହଲ, ଗ୍ରାଣ୍ଡ ହଲ, ସାଗର ସଙ୍ଗମ ହଲ ଓ ତେଲେଙ୍ଗା ବଜାରଠାରେ ଆଇନକ୍ସ ବନ୍ଦ ରଖିବାକୁ ସିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ କଟକର ଉପର ବାଲିଯାତ୍ରା ପଡିଆରେ ରବିବାର ଠାରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ବୈଶାଖୀ ବାଣିଜ୍ୟ ମେଳା ଅନୁଷ୍ଠିତ ହୋଇଥାନ୍ତା। କରୋନା ବ୍ୟାପିବା ଆଶଙ୍କା ନେଇ ଏହି ମେଳାକୁ ସ୍ଥଗିତ ରଖାଯାଇଛି। ଏଥିପାଇଁ ନିର୍ମାଣ ଷ୍ଟଲଗୁଡ଼ିକରୁ ବାଉଁଶ ଖୋଲି ନିଆଯାଉଛି। ଏହି କଟକଣା ଯୋଗୁ ୩୦ ଲକ୍ଷ ଟଙ୍କାର କ୍ଷତି ହୋଇଛି ବୋଲି ବୈଶାଖୀ ବାଣିଜ୍ୟ ମେଳା ଆୟୋଜକ କମିଟି ସଂଯୋଜକ ଦେବୀପ୍ରସାଦ ଦାସ ସୂଚନା ଦେଇଛନ୍ତି। ଚଳିତବର୍ଷ ମେଳାରେ ମୋଟ୍ ୪୯୦ ଷ୍ଟଲ ପଡ଼ିଥାନ୍ତା। ଭାରତର ବିଭିନ୍ନ ପ୍ରାନ୍ତ ଯଥା ପଶ୍ଚିମବଙ୍ଗ, ଗୁଜରାଟ, ଆସାମ, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ହରିୟାଣା, ଦିଲ୍ଲୀର ବ୍ୟବସାୟୀ ଚଳିତବର୍ଷ ମେଳାକୁ ଆସିବେ ବୋଲି କମିଟି ପକ୍ଷରୁ କୁହାଯାଇଥିଲା। ଏ ନେଇ ସଂଯୋଜକ ଦେବୀ ପ୍ରସାଦ କହିଛନ୍ତି, ସରକାରଙ୍କ ପରବର୍ତ୍ତୀ ଘୋଷଣା ପର୍ଯ୍ୟନ୍ତ ଅପେକ୍ଷା କରାଯିବ। ସ୍ଥିତି ସୁଧୁରିଲେ ପୁନର୍ବାର ମେଳା ଆୟୋଜନ କରାଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଶ୍ରୀରାମଚନ୍ଦ୍ର ଭବନ, ଶତାବ୍ଦୀ ଭବନ ଓ ସାହିତ୍ୟ ଭବନରେ ହେବାକୁ ଥିବା ସଭାସମିତିକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା ବୋଲି ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ ଓ ସାଧାରଣ ସମ୍ପାଦକ ମୀନାକ୍ଷୀ ଦେବୀ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ବିଭିନ୍ନ ବିଦ୍ୟାଳୟରେ ଏବେ ବାର୍ଷିକ ପରୀକ୍ଷା ଚାଲିଛି। କରୋନା ପାଇଁ ଛାତ୍ରୀଛାତ୍ରମାନେ ମାସ୍କ ପିନ୍ଧି ସ୍କୁଲ ଆସୁଥିବା ଦେଖିବାକୁ ମିଳିଛି।



ଓସିଏ କ୍ଲବ ପରିସରରେ ଥିବା ସୁଇମିଂ ପୁଲରେ ପ୍ରଶିକ୍ଷଣ ବନ୍ଦ ରହିଛି।

## ସଂକ୍ଷେପରେ

### ସ୍କ୍ରାପ୍ ଜବତ, ଜଣେ ଗିରଫ

**ଚୌଦ୍ୱାର,୧୪।୩(ଡି.ଏନ୍.ଏ.):** ସ୍କ୍ରାପ୍ ଚୋରା ଚାଲାଣ ଅଭିଯୋଗରେ ଚୌଦ୍ୱାର ପୋଲିସ ଶନିବାର ଜଣେ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ପୁର ତରୋଳ ଗ୍ରାମର ବିନୋଦ କୁମାର କେଶରୀ। ସୂଚନା ଅନୁଯାୟୀ, ଚୌଦ୍ୱାର ନିକଟସ୍ଥ କଜଳକଣା ଅଞ୍ଚଳରୁ ବିନୋଦ ଏକ ଟାଟା ଏସିଇ (ଓଡି ୦୫ ଏ ୬୪୫୦)ରେ ଚୋରା ସ୍କ୍ରାପ୍ ନେଇ ଜଗତପୁର ଯାଉଥିଲେ। ଖବରପାଇ ପୋଲିସ ନୁନ୍‌ଟିକିରି ନିକଟ ଚାଉଳିଆ ପୋଲଠାରେ ଭ୍ୟାନ୍‌କୁ ଅଟକାଇବା ସହ ଡ୍ରାଇଭରଙ୍କୁ ଧରିଥିଲେ। ଜବତ ସ୍କ୍ରାପ୍‌ର ଓଜନ ପ୍ରାୟ ୫ କୁଇଣ୍ଟାଲ ହେବ ବୋଲି ପୋଲିସ କହିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୩୦/୨୦) ରୁଜୁ ହୋଇଛି।

### ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

**ଚୌଦ୍ୱାର,୧୪।୩(ଡି.ଏନ୍.ଏ.):** ଚୌଦ୍ୱାର ଇନ୍ଦ୍ରାଣୀପାଟଣା ପଞ୍ଚାୟତ ଚଷାପଡ଼ା ପ୍ରାଥମିକ ବିଦ୍ୟାଳୟରେ ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନର ପ୍ରତିଷ୍ଠା ଦିବସ ଅବସରରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଓ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଇମ୍ଫା ଉପସଭାପତି ବିଜୟାନନ୍ଦ ମହାପାତ୍ର ଓ ସରପଞ୍ଚ ସରୋଜ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୦ଜଣ ଡାକ୍ତର ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳର ୪୧୫ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଇମ୍ଫା ଲୋକସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ, ମାନସ ରଞ୍ଜନ ପ୍ରଧାନ, ଆଶିଷ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୋରଞ୍ଜନ ସ୍ୱାଇଁ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତଙ୍କ ସମେତ ପଞ୍ଚାୟତର ବହୁ ବିଶିଷ୍ଟବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ୫ ବାଇକ୍ ଜବତ, ଜଣେ ଗିରଫ

**ଭୁବନେଶ୍ୱର,୧୪।୩ (ବ୍ୟୁରୋ):** ବାଇକ୍ ଚୋରି କରୁଥିବା ଜଣେ ଲୁଟେରାଙ୍କୁ ଖଣ୍ଡଗିରି ଥାନା ପୋଲିସ ଶନିବାର ଗିରଫ କରିଛି। ସେ ହେଲେ ଡୁମୁଡୁମା ଅଞ୍ଚଳର ଶେଖ୍ ନୁର୍ ଆଲାମ୍(୨୬)। ତାଙ୍କ ନିକଟରୁ ୫ଟି ଚୋରି ବାଇକ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ଖଣ୍ଡଗିରି ଅଞ୍ଚଳରୁ ବାଇକ୍ ଚୋରି ହେଉଥିବାର ଅଭିଯୋଗ ଥାନାକୁ ଆସୁଥିଲା। ପୋଲିସ ଏନେଇ ମାମଲା ରୁଜୁ କରି ଲୁଟେରାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନଥିଲେ। ଗତ ୮ ତାରିଖରେ ଖଣ୍ଡଗିରି କ୍ରିଷ୍ଣାବିହାର ଫେଜ୍-୨ରୁ ଏକ ବାଇକ ଚୋରି ହୋଇଥିଲା। ଏନେଇ ଖଣ୍ଡଗିରି ଥାନାରେ ବାଇକ୍ ମାଲିକ ଦେବୀ ପ୍ରସାଦ ଦାସ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ଚୋରି ହୋଇଥିବା ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାରକରି ପୋଲିସ ଲୁଟେରା ପାଖରେ ପହଞ୍ଚିଥିଲା । ଅଭିଯୁକ୍ତ ଶେଖ୍ ନୁର୍ ଆଲାମ୍ ନାମରେ ଖଣ୍ଡଗିରି ଥାନାରେ ୩ଟି ଏବଂ ବାଲିଅନ୍ତା ଥାନାରେ ଗୋଟିଏ ମାମଲା ରହିଛି। ଶନିବାର ନୁର୍ ଆଲାମଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଗଣ୍ଡଗୋଳ: ୪ ଗିରଫ

**ନିମାପଡ଼ା,୧୪।୩(ଡି.ଏନ୍.ଏ.):** ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଦେଉଳି ଗ୍ରାମରେ ଗଣ୍ଡଗୋଳ ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ଦୁଃଶାସନ ଭୋଇ, କାଳନ୍ଦୀ ଭୋଇ,ସୁଦର୍ଶନ ବେହେରା ଓ ମିଥୁନ ବେହେରା। ସୂଚନାଥାଉ କି, ପୂର୍ବ ବିବାଦକୁ କେନ୍ଦ୍ରକରି ଶୁକ୍ରବାର ରାତିରେ ଭିଲିଦେଉଳି ଗ୍ରାମରେ ଦଳିତ ସମ୍ପ୍ରଦାୟର ପ୍ରାୟ ୭୦ଜଣ ବ୍ୟକ୍ତି ସବର୍ଣ୍ଣ ସମ୍ପ୍ରଦାୟର କେତେଜଣ ବ୍ୟକ୍ତିଙ୍କ ଘରେ ପଶି ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ଆସବାବପତ୍ର ଫୋପାଡିଦେଇଥିଲେ। ଆକ୍ରମଣରେ ୨୦ଜଣ ଗୁରୁତର ହୋଇଥିଲେ। ଭରତ ସ୍ୱାଇଁ, ସଚ୍ଚି ସ୍ୱାଇଁ, ବିକାଶ ସ୍ୱାଇଁ, ସଖି ସ୍ୱାଇଁଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗ୍ରାମର ଶରତ ନାୟକ, ବିଚି ସ୍ୱାଇଁ, ମନୋଜ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପାତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ.୬୬/୨୦)ରୁଜୁକରି ତଦନ୍ତ ଚଳାଇଥିଲା।

# ଡ୍ରାଇଭରଙ୍କୁ ମାଡ଼ ମାରି ଲୁଟ୍ ଘଟଣା, ୨ ଗିରଫ

**କଣ୍ଟାପଡ଼ା,୧୪।୩(ଡି.ଏନ୍.ଏ.)**

ଫୁଲନଖରା ଫ୍ଲାଏ ଓଭରବ୍ରିଜ୍‌ରେ ଏକ ଟ୍ରକ୍ ଅଟକାଇ ଡ୍ରାଇଭରଙ୍କୁ ମାଡ଼ମାରି ଟଙ୍କା ଓ ମୋବାଇଲ ଫୋନ୍ ଲୁଟିନେବା ଘଟଣାରେ କଟକ ସଦର ପୋଲିସ ଶନିବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ସାହସପୁର ଅଞ୍ଚଳର ଗଣେଶ ପ୍ରଧାନ(୨୧) ଓ କଟକ ବକ୍ସିବଜାର ବେପାରୀ ସାହିର ସେକ୍ ୟୁସୁଫ୍(୨୫)। କଟକ ଲିଙ୍କ୍‌ରୋଡ ଅଞ୍ଚଳରେ ଅଭିଯୁକ୍ତମାନେ ବୁଲୁଥିବା ଖବର ପାଇ ପୋଲିସ ସେମାନଙ୍କୁ ଧରିଥିଲା। ସୂଚନାଥାଉ କି, ଗତ ୧୨ତାରିଖ ରାତିରେ ଅଭିଯୁକ୍ତମାନେ ଟ୍ରକ୍‌କୁ ଅଟକାଇ ଡ୍ରାଇଭରଙ୍କୁ ମାଡ଼ମାରି ଟଙ୍କା ଓ ମୋବାଇଲ ଫୋନ୍ ଲୁଟିନେଇଥିଲେ।

# କମେଣ୍ଟମରାକୁ ନେଇ ଗଣ୍ଡଗୋଳ, ୩ ଆହତ

**ରେଭେନ୍‌ସା ବିଶ୍ୱବିଦ୍ୟାଳୟ**

**କଟକ ଅଫିସ,୧୪।୩**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଶନିବାର କମେଣ୍ଟ ମରାକୁ ନେଇ ଦୁଇ ହଷ୍ଟେଲ ଅନ୍ତେବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଆହତ ୩ଛାତ୍ରଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ମାଲଗୋଦାମ ଥାନା ପୋଲିସ ଦୁଇ ଜଣ ଛାତ୍ରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଦୁଇ ହଷ୍ଟେଲ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖେଳ ସରିବା ପରେ ବିଜୟୀ ଟିମ୍ ପରାଜିତ ଟିମଙ୍କୁ କମେଣ୍ଟ କରିଥିଲେ। ଶନିବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ ଗୋଟିଏ ଗୋଷ୍ଠୀର କେତେଜଣ ଛାତ୍ର ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ ଛିଡା ହୋଇଥିଲେ। ଏହି ସମୟରେ ସେହି ବାଟ ଦେଇ ଯାଉଥିବା ବିପକ୍ଷ ଗୋଷ୍ଠୀର କେତେଜଣ ଛାତ୍ର କ୍ରିକେଟ ଖେଳକୁ ନେଇ ପୁନର୍ବାର ତାଙ୍କୁ କମେଣ୍ଟ କରିଥିଲେ। ଏହାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀର ଛାତ୍ରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହା ପରେ ଢ଼େଲା ପଥର ମାଡ଼ କରିବା ସହ ଗୋଡାଇ ଗୋଡାଇ ଆକ୍ରମଣ କରୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ମାଲଗୋଦାମ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇଥିଲା।

# କମ୍ପାନୀ କର୍ମଚାରୀଙ୍କ ୪ ଆଙ୍ଗୁଠି କଟିଲା

■ମେଶିନରେ ବାମହାତ ଆଙ୍ଗୁଠି ପଶିଗଲା

■ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି

**ଗୋପ, ୧୪।୩(ଡି.ଏନ୍.ଏ)**

ଗୋପ-କୋଣାର୍କ ରାସ୍ତାର ସାରଡ଼ା ଛକ ନିକଟସ୍ଥ ଏକ ଘରୋଇ ଦୁଗ୍ଧ କମ୍ପାନୀର ଜଣେ ମେଶିନ୍ ଅପରେଟରଙ୍କ ବାମ ହାତର ୪ଟି ଆଙ୍ଗୁଠି ମେଶିନରେ କଟି ଛିଡ଼ିଯାଇଛି। ଏଭଳି ଦୁର୍ଘଟଣାର ଶିକାର ହୋଇଛନ୍ତି ଶ୍ରୀକେରେଣ୍ଡା ଗ୍ରାମର ସୂର୍ଯ୍ୟ ନାରାୟଣ ସେଠୀ(୨୪)।

ସୂଚନା ଅନୁଯାୟୀ, ସୂର୍ଯ୍ୟନାରାୟଣ ଶନିବାର ସକାଳେ ପନିର ମେଶିନ୍‌ରେ ପନିର କାଟୁଥିଲେ। ଏହି ସମୟରେ ତାଙ୍କ ଅସାବଧାନତା ଯୋଗୁ ମେଶିନରେ ବାମ ହାତର ୪ଟି ଆଙ୍ଗୁଠି ପଶିଯିବାରୁ କଟିଯାଇଥିଲା। ତାଙ୍କୁ ରକ୍ତାକ୍ତ ଅବସ୍ଥାରେ କେତେଜଣ କର୍ମଚାରୀ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରି କଟିଯାଇଥିବା ୪ଟି ଆଙ୍ଗୁଠି ସହ କର୍ମଚାରୀଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ଏହି ଘରୋଇ କମ୍ପାନୀରେ ବାରମ୍ବାର ବିଭିନ୍ନ ଦୁର୍ଘଟଣା ଘଟୁଥିବାରୁ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ କର୍ମଚାରୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# କାର୍ଲମାକ୍ସଙ୍କ ତିରୋଧାନ ଦିବସ ପାଳିତ

**କଟକ ଅଫିସ,୧୪।୩**

କାର୍ଲମାକ୍ସଙ୍କ ତିରୋଧାନ ଦିବସ ଏସ୍‌ୟୁସିଆଇ(ସି) କଟକ ଜିଲା କାର୍ଯ୍ୟାଳୟ ସମେତ ଜିଲାର ବିଭିନ୍ନ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଲାଲ ପତାକା ଉତ୍ତୋଳନ କରାଯାଇଥିଲା। ମାକ୍ସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏସ୍.ୟୁ.ସି.ଆଇ(ସି) ରାଜ୍ୟ ନେତ୍ରୀ ବୀଣାପାଣି ଦାସ, ଜିଲା ସମ୍ପାଦକ ବିଶ୍ୱାବସୁ ଦାସ, ଜିଲା କମିଟି ସଦସ୍ୟ ଖଗେଶ୍ୱର ସେଠୀ, ରାଜକିଶୋର ମଲିକ, ବବି ବଳବନ୍ତ ରାୟ, ସିଦ୍ଧାର୍ଥ ରଥ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ଆଇନଜୀବୀ ସୁକାନ୍ତ ନାୟକ, ବିଜୟ ରାଉତ ରାୟ, ପ୍ରତାପ ମିଶ୍ର, ଜିଲା କମିଟି ସଦସ୍ୟ ବସନ୍ତ ନାୟକ, ଶିବାଶିଷ ପ୍ରହରାଜ, ସସ୍ମିତା ମହାନ୍ତି, ଦୀପକ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣ ସେନ୍ ନାୟକ, ଈଷା ଧର, ପାଭେଲ ପ୍ରିୟଦର୍ଶନ, ଟିକା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ୩୩ କେଭି ବିଦ୍ୟୁତ୍ ତାର



ଘର ଉପରେ ଝୁଲି ରହିଥିବା ବିଦ୍ୟୁତ୍ ତାର।

**ଚୌଦ୍ୱାର,୧୪।୩(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକା କପାଳେଶ୍ୱର ୟୁ.ପି. ସ୍କୁଲ ଠାରୁ ୪ନଂ. ୱାର୍ଡ ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ତାରକୁ ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଚୌଦ୍ୱାର ସେସୁ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଥାଉ କି, ଏହି ୩୩ କେଭି ତାର ପ୍ରାଥମିକ ବିଦ୍ୟାଳୟ ପରିସର, ମନ୍ଦିର, ବାଳିକା ବିଦ୍ୟାଳୟ ପରିସର ଓ ଲୋକଙ୍କ ଘର ଉପରେ ଯାଇଛି। ଫଳରେ ବର୍ଷା ଓ ପବନ ସମୟରେ ତାରକୁ ତାର ଘଷିହୋଇ ନିଆଁଝୁଲ ଖସିବା ସହିତ ଶର୍ଟ ସର୍କିଟ ହୋଇ ଘରେ ଥିବା ବିଦ୍ୟୁତ୍ ସାମଗ୍ରୀ ନଷ୍ଟ ହେଉଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏହି ଉଚ୍ଚ ଶକ୍ତିସମ୍ପନ୍ନ ତାରକୁ ସ୍ଥାନାନ୍ତର ନ କରାଇଲେ ଆଗାମୀ ଦିନରେ ୱାର୍ଡବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିମଳ ବେଉରା, ମହେଶ୍ୱର ସାହୁ, ଜିତେନ୍ଦ୍ର ବେଉରା, ପୂର୍ଣ୍ଣଚନ୍ଦ୍ର ବେହେରା, ଶ୍ରୀକାନ୍ତ ଶତପଥୀ, ମୁରଲୀଧର ବେଉରା, ଆଲୋକ ମିଶ୍ର, ହରିହର ବେଉରା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ କଟକସ୍ଥିତ ସେସୁ ମୁଖ୍ୟ କାର୍ଯ୍ୟାଳୟ ନିର୍ବାହୀ ଅଧିକାରୀ ଅମରଜିତ୍ ପଟ୍ଟନାୟକ କହିଛନ୍ତି, ସ୍ଥାନାନ୍ତରର ଆବଶ୍ୟକତା ରହିଛି। ଅଣ୍ଡର ୱାରିଂ ମାଧ୍ୟମରେ ତାର ବିଛାଯିବ। ଗତ ଏକମାସ ପୂର୍ବରୁ ଏଥିଲାଗି ପ୍ରାୟ ୭୮ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଏକ ପ୍ରସ୍ତାବ ଉପରିସ୍ଥ ଅଧିକାରୀଙ୍କୁ ଦିଆଯାଇଛି। ସ୍ଥାନୀୟ ଲୋକେ ସାହାଯ୍ୟ କଲେ କାମ ସମ୍ପୂର୍ଣ୍ଣ ହୋଇପାରିବ।

# ୪୫ ଏକରରେ ହେବ କୃତ୍ରିମ ହ୍ରଦ

**ଜମି ଅଧିଗ୍ରହଣ ଅପେକ୍ଷାରେ ବିଏସ୍‌ସିଏଲ୍**

■ବଦଳିବ ୧୦ ନମ୍ବର ପ୍ରାକୃତିକ ନାଳର ପାରିପାର୍ଶ୍ୱିକ ସ୍ଥିତି

■୫୦.୯ କୋଟିର ବଜେଟ, ଜୁନ୍ ସୁଦ୍ଧା ଟେଣ୍ଡର

■ଦୁଇ ପାର୍ଶ୍ୱରେ ହେବ ଚଲାପଥ, ଆଲୋକରେ ଝଲସିବ ହ୍ରଦ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

ଧୀରେ ଧୀରେ ବଦଳୁଛି ସ୍ମାର୍ଟସିଟି ଭୁବନେଶ୍ୱରର ରୂପ। ସ୍ମାର୍ଟ ଜନପଥ କାର୍ଯ୍ୟ ଜାରି ରହିଥିବାବେଳେ ସଂଲଗ୍ନ ଅଞ୍ଚଳକୁ ଆକର୍ଷଣୀୟ କରାଯିବ। ବିଶେଷକରି ସ୍ମାର୍ଟ ଜନପଥ ମଧ୍ୟଦେଇ ପ୍ରବାହିତ ୧୦ ନମ୍ବର ପ୍ରାକୃତିକ ନାଳର ପାରିପାର୍ଶ୍ୱିକ ବିକାଶ ହେବ। ଏଥିସହ ମୋଟ ୪୫ ଏକର ଜାଗାରେ ନିର୍ମାଣ ହେବ କୃତ୍ରିମ ହ୍ରଦ। ହ୍ରଦର ଦୁଇପାର୍ଶ୍ୱରେ ରହିବ ଚଲାପଥ ବା ପାଥ୍‌ୱେ ରହିବ। ଆଲୋକମାଳାରେ ଝଲସି ଉଠିବ ପୂରା ଅଞ୍ଚଳ। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଦ୍ୱାରା 'ଲେକ୍ ନ୍ୟୁଟ୍ରାଲ୍' ପ୍ରକଳ୍ପରେ ଏହି କୃତ୍ରିମ ହ୍ରଦ ଗଢ଼ି ଉଠିବ। ଏଥିପାଇଁ ନାଳ କଡ଼ରେ ରହିଥିବା ଜମିକୁ ଅଧିଗ୍ରହଣ କରାଯିବ ବୋଲି ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅଶ୍ୱିନୀ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଶହୀଦନଗର ଓ ସତ୍ୟନଗର ମଧ୍ୟବର୍ତ୍ତୀ ପ୍ରାକୃତିକ ନାଳ, ଶାନ୍ତିପଲ୍ଲୀ ବସ୍ତି ଓ ଆଖପାଖ ଅଞ୍ଚଳକୁ ନେଇ ଏହି କୃତ୍ରିମ ହ୍ରଦ ରହିବ। ଏହି ସ୍ମାର୍ଟ ପ୍ରକଳ୍ପ ଦ୍ୱାରା ମନୋରଞ୍ଜନ ସହ ସ୍ୱଚ୍ଛତା ଲକ୍ଷ୍ୟ ହାସଲ କରାଯିବ। ସହରର ଡ୍ରେନ୍ ପାଣିକୁ ବିଶୋଧନ କରାଯାଇ ଏହି କୃତ୍ରିମ ହ୍ରଦରେ ଛଡ଼ାଯିବ। ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୫୦.୯ କୋଟି ଟଙ୍କାର ବଜେଟ ହୋଇଥିବାବେଳେ ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ ହୋଇସାରିଛି। ବିଶେଷ କରି ଶିଶୁମାନଙ୍କ ମନୋରଞ୍ଜନ ପାଇଁ ଏଥିରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ଜୁନ୍ ସୁଦ୍ଧା ଟେଣ୍ଡର କାମ ଶେଷ କରିବାକୁ ସ୍ଥିର ହୋଇଥିବା ସେ ସୂଚନା ଦେଇଛନ୍ତି। ମିଳିଥିବା ସୂଚନାନୁସାରେ, ପ୍ରକଳ୍ପ ଅନ୍ତର୍ଗତ ୧୦ ନମ୍ବର ନାଳଟି ଜନପଥରୁ ଶାନ୍ତିପଲ୍ଲୀ ବସ୍ତି ଓ ରେଳ ଲାଇନ୍ ଦେଇ ଅତିକ୍ରମ କରିଛି। ସହରର ଅନ୍ୟ ପ୍ରମୁଖ ନାଳ ଭଳି ଏହି ନାଳ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଜବରଦଖଲରେ ରହିଛି। ଫଳରେ ଜଳ ନିଷ୍କାସନରେ ସମସ୍ୟା ଦେଖାଦେଉଛି। ତେଣୁ ପ୍ରଥମେ ଜବରଦଖଲ ଉଚ୍ଛେଦ କରାଯିବ। ଏହାପରେ ଜଳ ବିଶୋଧନ ପାଇଁ ପ୍ରକଳ୍ପ କାମ ଆରମ୍ଭ ହେବ। ଏଥିସହ କୃତ୍ରିମ ହ୍ରଦ କାର୍ଯ୍ୟ ଚାଲିବ। ହ୍ରଦ ପାଣିକୁ ବୃକ୍ଷରୋପଣ ସହ ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ବ୍ୟବହାର କରିହେବ ବୋଲି ବିଶ୍ୱାଳ କହିଛନ୍ତି।

ଉଲ୍ଲେଖଯୋଗ୍ୟ, କଟକରେ ଜାଇକା ପକ୍ଷରୁ ଏଭଳି ଏକ ଲେକ୍ ନ୍ୟୁଟ୍ରାଲ୍ ପ୍ରକଳ୍ପର ଯୋଜନା ହୋଇଥିଲା, ଯାହାକି ଏବେ ସୁଦ୍ଧା ଯାଏ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏବେ ବିଏସ୍‌ସିଏଲ୍‌ର ଏହି ପ୍ରକଳ୍ପ କେତେ ଦୂର ସଫଳ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ।

# ଅନିଶ୍ଚିତତାରେ ଜିଲା ପରିଷଦ ନିର୍ବାଚନ

**କଟକ ସଦର,୧୪।୩(ଡି.ଏନ୍.ଏ.)**

କଟକ ଜିଲା ପରିଷଦ ୭ନଂ. ଜୋନ୍ ଲାଗି ମାର୍ଚ୍ଚ ୨୪ରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଅନୁଷ୍ଠିତ ହେବ। କରୋନା ପାଇଁ ରାଜ୍ୟ ସରକାର ସତର୍କତା ଆଡ୍‌ଭାଇଜରି ଜାରି କରିବା ପରେ ନିର୍ବାଚନ ପରିଚାଳନାକୁ ନେଇ ଆଶଙ୍କା ଦେଖାଯାଇଛି। ୮ଟି ପଞ୍ଚାୟତର ୧୨୪ ବୁଥ୍‌ରେ ୪୦ହଜାର ଭୋଟର ମତଦାନ ଅଧିକାର ସାବ୍ୟସ୍ତ କରିବେ। ୫୨୦ଜଣ ପୋଲିଂ ଷ୍ଟାଫ୍ ଓ ସୁରକ୍ଷା କର୍ମଚାରୀ ନିର୍ବାଚନରେ ନିୟୋଜିତ ହେବେ। କଟକ ସଦର ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବାବେଳେ କର୍ମଚାରୀଙ୍କୁ ମାସ୍କ ଓ ହ୍ୟାଣ୍ଡ ସାନିଟର ଯୋଗାଇଦେବା ପାଇଁ ଦାବି ହେଉଛି। ଶୁକ୍ରବାର ବ୍ଲକ ପରିସରରେ ପ୍ରିଜାଇଡିଂ ଅଫିସରଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ ସରିବା ପରେ କେତେଜଣ ଅଫିସର ମାସ୍କ ଯୋଗାଇଦେବା ଲାଗି ବିଡିଓ ତଥା ନିର୍ବାଚନ ଅଧିକାରୀ ରାଜୀବ ଲୋଚନ ପରିଡାଙ୍କ ନିକଟରେ ଦାବି କରିଥିଲେ। ବହୁ ଭୋଟର ଦସ୍ତଖତ ନ କରି ଟିପ ଦେଇ ଭୋଟଦେବାର ଥିବାରୁ ହ୍ୟାଣ୍ଡୱାଶ୍‌ର ବ୍ୟବସ୍ଥା ପାଇଁ ପରାମର୍ଶ ଦିଆଯାଇଛି। ପୂର୍ବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥିବାରୁ ଏହି ସାମଗ୍ରୀ ପାଇଁ ରାଜ୍ୟ ନିର୍ବାଚନ କମିଶନରଙ୍କ ଅନୁମତି ଦରକାର ବୋଲି କଟକ ଜିଲା ନିର୍ବାଚନ କାର୍ଯ୍ୟାଳୟର ଜଣେ ଅଧିକାରୀ କହିଛନ୍ତି। ଫଳରେ ହେବାକୁ ଥିବା ନିର୍ବାଚନକୁ ନେଇ ସାଧାରଣରେ ଆଶଙ୍କା ଦେଖାଯାଇଛି।





କଟକ ରେଲୱେ ଷ୍ଟେଶନ ପ୍ଲାଟଫର୍ମ ପରିସରରେ ଆରପିଏଫ୍ ଷ୍ଟାଫ ଓ ଆମ କରଣ ସୋସାଇଟି ମିଳିତ ଆନୁକୂଲ୍ୟରେ ଶନିବାର କରୋନାକୁ ନେଇ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।



କଟକ ବାଲିଯାତ୍ରା ଉପର ପଡ଼ିଆ ପାର୍ଶ୍ୱରେ ପଡ଼ିରହିଥିବା କୁଢ କୁଢ ଅଳିଆ ଆବର୍ଜନା।



ଭଗବାନ୍ ଆମ ଅନ୍ତରରେ ପ୍ରଜ୍ଞା ଓ ବିବେକ ରୂପରେ ବିରାଜିତ ରହିଛନ୍ତି। ଏହା ସହଜରେ ମନୁଷ୍ୟ ବୁଝିପାରେ ନାହିଁ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### କରୋନା ପ୍ରଭାବ
### ଶାନ୍ତିସ୍ତୂପ ଧଉଳିରେ ବିଦେଶୀ ପର୍ଯ୍ୟଟକଙ୍କ ଉପରେ ରୋକନାହିଁ

**ପୁରୁଣା ଭୁବନେଶ୍ୱର, ୧୪।୩ (ଡି.ଏନ.ଏ.):** ଓଡ଼ିଶା ସରକାର କରୋନା ମହାମାରୀକୁ ଶୁକ୍ରବାର ରାଜ୍ୟ ବିପତ୍ତି ଭାବେ ଘୋଷଣା କରିଥିଲେ। ସ୍କୁଲ, କଲେଜ, ଯାତ୍ରା, ମେଳା ବନ୍ଦ ପାଇଁ ନିର୍ଦ୍ଦେଶ ମଧ ଦେଇଛନ୍ତି। ନନ୍ଦନକାନନକୁ ବନ୍ଦ ଘୋଷଣା କରିଛନ୍ତି। ଯାହା ପର୍ଯ୍ୟଟନ ଶିଳ୍ପକୁ ମଧ ପ୍ରଭାବିତ କରିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ବିଦେଶୀ ପର୍ଯ୍ୟଟକଙ୍କୁ ଏ ପର୍ଯ୍ୟନ୍ତ ରୋକ ଲଗାଯାଇ ପାରୁନାହିଁ। ଶାନ୍ତିସ୍ତୂପ ଧଉଳିକୁ ପ୍ରତ୍ୟେକ ଦିନ ବିଦେଶୀ ପର୍ଯ୍ୟଟକ ଆସୁଛନ୍ତି। ଶନିବାର ଏକ ଟ୍ୟୁରିଷ୍ଟ ମିନିବସ୍ ଯୋଗେ ୧୫ ଜଣ ଏବଂ ବାଇକ୍ ଯୋଗେ ୨ ଜଣ ବିଦେଶୀ ପର୍ଯ୍ୟଟକ ଶାନ୍ତିସ୍ତୂପ ଧଉଳି ବୁଲି ଆସିଥିଲେ। ଧଉଳି ଉନ୍ନୟନ କମିଟି କିମ୍ବା ଓଟିଡିସିର କୌଣସି କର୍ମଚାରୀ କି ଅଧିକାରୀ ସେମାନଙ୍କୁ ସଚେତନତା ପୂର୍ବକ ବାରଣ କରୁନାହାନ୍ତି। କୌଣସି ଅଧିକ ବର୍ଷା, ଖରାରେ ସ୍କୁଲ ଛୁଟି କରିବା ନେଇ ବାହାବାଃ ନେଉଥିବା ସରକାର ରାଜସ୍ୱ ଆଦାୟ ଲକ୍ଷ୍ୟରେ ଏଭଳି ବିଭିନ୍ନ କ୍ଷେତ୍ରରେ ଜନଜୀବନ ପ୍ରତି ଅଣଦେଖା କରୁଥିବା ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଏ ନେଇ ଟୁରିଷ୍ଟ ଅଫିସର ଅଜୟ କୁମାର ରାଉତ କୁହନ୍ତି, ଏହା ଜିଲାପାଳଙ୍କ ଟୁରିଷ୍ଟ ଅଧୀନସ୍ଥ। କୌଣସି ନୋଟିସ ଆମେ ପାଇନାହୁଁ। ଯଦି ଆମକୁ ନୋଟିସ କରାଯିବ ତେବେ ସୋମବାରଠାରୁ ବିଦେଶୀ ପର୍ଯ୍ୟଟକଙ୍କୁ ଟେଷ୍ଟ କରି ଛାଡିବୁ।

### ୪ ବାଇକ୍‌କୁ ଧକ୍କା ଦେଲା କାର୍

**କୋଣାର୍କ,୧୪।୩(ଡି.ଏନ.ଏ):** କୋଣାର୍କ ରିଙ୍ଗରୋଡସ୍ଥିତ ଟୁରିଷ୍ଟି ମାର୍କେଟ ନିକଟରେ ଏକ ଇନୋଭା କାର୍ ନଂ-ଓଡି ୦୨ୟୁ-୪୮୯୬ କୋଣାର୍କରୁ ପୁରୀ ଅଭିମୁଖେ ଯାଉଥିବା ସମୟରେ ହଠାତ ଜନଗହଳିକୁ ମାଡିଯାଇ ୪ ବାଇକ୍‌କୁ ଧକ୍କା ଦେଇଥିଲା। ସେଠାରେ ସୂର୍ଯ୍ୟମନ୍ଦିରର ଫଟୋଗ୍ରାଫର ଆସୋସିଏଶନର ସଦସ୍ୟମାନେ ବିଶ୍ରାମ ନେଉଥିବା ସ୍ଥାନ ଉପରେ ଚଢିଯିବା ପରେ ଏକ ବିଦ୍ୟୁତଖୁଣ୍ଟରେ ପିଟି ହୋଇ ରହିଯାଇଥିଲା। ଖବରପାଇ କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିବା ସହ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ କହିଛନ୍ତି।

### ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ଉତ୍ସବ

**ତିଗିରିଆ,୧୪।୩(ଡି.ଏନ୍.ଏ.):** ତିଗିରିଆ ବ୍ଲକ ଅନ୍ତର୍ଗତ ପୁରୁଣା ତିଗିରିଆସ୍ଥିତ ମା'ଉଗ୍ରତାରାଙ୍କ ପୀଠରେ ନୂତନ ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଏହି ଉତ୍ସବ ନିମନ୍ତେ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା ଆଦି ଆୟୋଜନ କରାଯାଇଥିଲା। ପରେ ନାମଯଜ୍ଞ କରାଯାଇ ପୂର୍ଣ୍ଣାହୂତି ହୋଇଯାଇଛି। ଏହି ଉତ୍ସବରେ ତିଗିରିଆ ଗଡଜାତର ରାଜା ବୀରପ୍ରତାପ କ୍ଷତ୍ରିୟ ବୀରବର ଚମ୍ପତି ସିଂ ମହାପାତ୍ର ଓ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳର ମହିଳାମାନେ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।

# ହଜିଯାଉଥିବା ସଂକୀର୍ତ୍ତନକୁ ବଞ୍ଚାଇ ରଖିବାକୁ ପ୍ରୟାସ



ବାରଙ୍ଗରେ ସଂକୀର୍ତ୍ତନ କରାଯାଉଛି।

### ଏମାନେ କୁହନ୍ତି ...



ସଂକୀର୍ତ୍ତନର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ଗ୍ରାମର ବାର୍ଷିକ ଉତ୍ସବରେ ଯୋଗଦେଇ ଏହାର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ଛୋଟ ଛୋଟ ପିଲାଙ୍କୁ ଏଥିରେ ଯୋଡିବା ପାଇଁ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସେମାନଙ୍କୁ ଉତ୍ସାହିତ କରାଯାଉଛି।

**ଡ. କିଶୋର ଚନ୍ଦ୍ର ପାଣି (୪୮ ସଂକୀର୍ତ୍ତନ ମଣ୍ଡଳୀ ମହନ୍ତ, ବାରଙ୍ଗ )**



ସଂକୀର୍ତ୍ତନ ପରମ୍ପରା ବହୁ ପୁରୁଣା। ଏହା ଆମ ଆଧାତ୍ମିକତା ସହ ଅଙ୍ଗାଙ୍ଗୀଭାବେ ଜଡିତ। ଶଙ୍ଖ ଧ୍ୱନି, ଖୋଳ ତାଳ ଜରିଆରେ ହରିନାମ ସଂକୀର୍ତ୍ତନ କଲେ ମନୁଷ୍ୟର ପାପ ନାଶ ହୁଏ ବୋଲି ପୁରାଣରେ କୁହାଯାଇଛି। ଏହି ମୂଳମନ୍ତ୍ରକୁ ଆଧାର କରି ଆମେ ଯୁବଗୋଷ୍ଠୀ ମଧରେ ସଚେତନତା ସୃଷ୍ଟି କରିବାକୁ ପ୍ରୟାସ କରିଥାଉ।

**ଦିଲୀପ କୁମାର ସାମନ୍ତରାୟ (୪୮ ସଂକୀର୍ତ୍ତନ ମଣ୍ଡଳୀ ଅଧିକାରୀ, ବାରଙ୍ଗ)**



ଦୀର୍ଘବର୍ଷ ଧରି ୪୮ ସଂକୀର୍ତ୍ତନ ମଣ୍ଡଳୀ ସହ ଜଡିତ ହୋଇ ରହିଛି। ପରିଣତ ବୟସରେବି ସଂକୀର୍ତ୍ତନ ଶିଖାଇବା ନିମନ୍ତେ ସାଇକେଲ ଧରି ବାରଙ୍ଗଠାରୁ ଆରମ୍ଭ କରି ମୁଣ୍ଡୁଳି, ଫୁଲନଖରା ଓ ଭୁବନେଶ୍ୱର ପର୍ଯ୍ୟନ୍ତ ସବୁଠି ପହଞ୍ଚିଯାଇଥାଏ। ଏହାକୁ ମହତ କାର୍ଯ୍ୟ ବୋଲି ଭାବି ସେମାନଙ୍କଠାରୁ କୌଣସି ପାରିଶ୍ରମିକ ବି ନେଇ ନ ଥାଏ।

**ବିଷ୍ଣୁ ଚରଣ ଦାସ ( ସଂକୀର୍ତ୍ତନ ଗୁରୁ, ଓସ୍ତପଡା )**



ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱାରା ସଂକୀର୍ତ୍ତନ ପରମ୍ପରା ଆରମ୍ଭ ହୋଇଥିବା ବେଳେ ତାଙ୍କ ଭକ୍ତଙ୍କ ଦ୍ୱାରା ଏହା ପ୍ରଚାର ପ୍ରସାର ଲାଭ କରିଥିଲା। ବାରଙ୍ଗରେ ୪୮ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଏହି ସଂକୀର୍ତ୍ତନ ପରମ୍ପରାକୁ ବଞ୍ଚେଇ ରଖାଯାଇଥିବା ବେଳେ ପିଲା ଓ ଯୁବକଙ୍କ ମଧରେ ଏଥିପ୍ରତି ଆଗ୍ରହ ବଢ଼ିବାରେ ଲାଗିଛି।

**ଆର୍ତ୍ତ ବିଶ୍ୱାଳ ( ପୂର୍ବତନ ସରପଞ୍ଚ, ବେଲଗଛିଆ )**

**ଓଡ଼ିଶାରେ ୧୫୦୦ ଖ୍ରୀଷ୍ଟାବ୍ଦର ମଧଭାଗରେ ନାମ ସଂକୀର୍ତ୍ତନର ଆବିର୍ଭାବ ହୋଇଥିଲା। ଶ୍ରୀ ଚୈତନ୍ୟ ଦେବଙ୍କ ପୁରୀ ଆଗମନ ପରେ ବୈଷ୍ଣବ ଧର୍ମର ପ୍ରଚାର ପ୍ରସାର ଘଟି ପୁରପଲ୍ଲୀରେ ସଂକୀର୍ତ୍ତନ ଏକ ସାମାଜିକ ପରମ୍ପରାରେ ପରିଣତ ହୋଇଥିଲା।**

**ନରାଜ,୧୪।୩(ଡି.ଏନ୍.ଏ.)**

ପ୍ରାଚୀନ ଭାରତୀୟ ଆଧାତ୍ମିକ ପରମ୍ପରାରେ କୀର୍ତ୍ତନ ସବୁ ଧର୍ମ ସହ ଜଡ଼ିତ। ହିନ୍ଦୁ ,ବୌଦ୍ଧ ଓ ଶିଖ୍ ଧର୍ମରେ ଏହା ବିଶେଷ ଭାବେ ପ୍ରଚଳିତ। ଜନମାନସରେ ଏହାକୁ ରୁଚିକର କରିବା ପାଇଁ ସଂକୀର୍ତ୍ତନ ବୋଲି କୁହାଯାଏ। ଖୋଳ ଓ ତାଳ ମାଧମରେ ପ୍ରଭୁଙ୍କ ନାମ ଜପ କରି ତାଙ୍କ ଲୀଳାର ପ୍ରସାର କରାଇବା ଏହି ସଂକୀର୍ତ୍ତନର ମୂଳ ଉଦ୍ଦେଶ୍ୟ । ପୂର୍ବରୁ ପ୍ରାୟ ସବୁ ଗ୍ରାମରେ ଏଭଳି ସଂକୀର୍ତ୍ତନ ମଣ୍ଡଳୀ ଥିଲା। କାଳକ୍ରମେ ଏହି ସଂକୀର୍ତ୍ତନ ଜନମାନସରୁ ଲୋପ ପାଇବାକୁ ବସିଲାଣି। ସରକାର ଏହାର ପୁନରୁଦ୍ଧାର ପାଇଁ ବିଭିନ୍ନ ପ୍ରୋତ୍ସାହନ ସହ ୫୦ ବର୍ଷରୁ ଊର୍ଦ୍ଧ୍ୱ କଳାକାରମାନଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି। ଏହାସତ୍ତ୍ୱେ ଏହି ପ୍ରାଚୀନ ପରମ୍ପରାକୁ ଆପଣେଇବାକୁ କଳାକାରମାନେ ତତ୍ପରତା ପ୍ରକାଶ କରୁନାହାନ୍ତି। ଏଭଳି ସ୍ଥିତିରେ ବାରଙ୍ଗ ଅଞ୍ଚଳର ୪୮ ସଂକୀର୍ତ୍ତନ ମଣ୍ଡଳୀ ଏହି ପରମ୍ପରାକୁ ବଞ୍ଚେଇ ରଖିବାକୁ ପ୍ରୟାସ ଜାରି ରଖିଛି। ବିଶେଷକରି କାର୍ତ୍ତିକ, ଫାଲଗୁନ, ଚୈତ୍ର ଓ ବୈଶାଖ ଆଦି ମାସରେ କିମ୍ବା ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମରେ ଏହି ମଣ୍ଡଳୀ ପକ୍ଷରୁ କରାଯାଉଥିବା ସଂକୀର୍ତ୍ତନ ସ୍ଥାନୀୟ ଲୋକଙ୍କ ମଧରେ ଆଦୃତ ଲାଭ କରିଛି।

### ୪୮ ସଂକୀର୍ତ୍ତନ ମଣ୍ଡଳୀ

ପଟିଆ ମଦନ ମୋହନ ରାଜା ବାରଙ୍ଗର ପ୍ରାଚୀ ନଦୀ ତଟରେ ବାଲିଯାତ୍ରା ଆରମ୍ଭ କରିଥିଲେ। ସେତେବେଳେ ସଂକୀର୍ତ୍ତନ ଶୁଣିବାକୁ ଲୋକେ ପସନ୍ଦ କରୁଥିବାରୁ ରାଜା ଏହି ବାଲିଯାତ୍ରା ସମୟରେ ୪୮ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀକୁ ଏକତ୍ରିତ କରି ୪୮ ମଣ୍ଡଳ ସଂକୀର୍ତ୍ତନ ଗଢ଼ିଥିଲେ। ଏହାର ଦାୟିତ୍ୱ ଜଣେ ମହନ୍ତ ଓ ଅଧିକାରୀଙ୍କୁ ଦିଆଯାଇଥିଲା। ସେହିପରି ୪୮ ସଂକୀର୍ତ୍ତନ ମଣ୍ଡଳୀକୁ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରତ୍ୟେକ ମଣ୍ଡଳୀର ଦାୟିତ୍ୱ ଜଣେ ଲେଖାଏ ମହନ୍ତ ଓ ଅଧିକାରୀଙ୍କୁ ଦିଆଯାଇଥିଲା। ଏହି ମହନ୍ତ ଓ ଅଧିକାରୀମାନେ ବଂଶାନୁକ୍ରମିକଭାବେ ସେମାନଙ୍କ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ସେହିଦିନଠାରୁ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ସମୟରେ ୪୮ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ବାଲିଯାତ୍ରା ଆୟୋଜନ କରାଯାଉଛି। ଏଥିରେ ସବୁ ମଣ୍ଡଳର ମହନ୍ତମାନେ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥାନ୍ତି। ବହୁ ଘାତ ପ୍ରତିଘାତର ସମ୍ମୁଖୀନ ହୋଇଥିଲେ ମଧ ଏହି ସଂକୀର୍ତ୍ତନ ମଣ୍ଡଳୀ ଏବେବି ନିଜ ପରମ୍ପରା ବଞ୍ଚେଇ ରଖିଛି। ନୂତନ ପିଢ଼ିକୁ ସଂକୀର୍ତ୍ତନ ସହ ଯୋଡିବା ପାଇଁ ଏହି ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଖୋଳ ତାଳ ମାଧମରେ ସଚେତନତା ସୃଷ୍ଟି କରାଯାଉଛି।

### ପାନ ଛେପ ପକାଇଲେ ୫ ଶହ ତଣ୍ଡ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

କରୋନା ଭାଇରସର ମୁକାବିଲା ପାଇଁ ବିଏମ୍‌ସି ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଏହି ଟିମ୍ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରିବେ। ୨ ଜଣ ବରିଷ୍ଠ ଅଧିକାରୀଙ୍କୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଛି। ଗୋଟିଏ ଦଳରେ ୩ ଜଣ ସଦସ୍ୟ , ଜଣେ ଆଡ଼ିଶ୍ନାଲ କମିଶନର ଓ ୨ ଜଣ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ରହିଛନ୍ତି। ଏହି ଦଳ ମାସ୍କ ଓ ସାନିଟାଇଜର୍ସର କଳାବଜାରର ତଦାରଖ କରିବେ। ଏହାସହ ସକାଳୁ ୨ ଘଣ୍ଟା ଧରି ବିଭିନ୍ନ ସ୍ଥାନ ବୁଲି ସଫେଇ କାର୍ଯ୍ୟର ତଦାରଖ କରିବେ। ଯଦି କେହି ନିର୍ଦ୍ଦେଶ ଖିଲାପ କରନ୍ତି ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର ଚୌଧୁରୀ କହିଛନ୍ତି। ଏଥିସହ ବିଡିଏ, ବିଏମ୍‌ସି କର୍ମଚାରୀଙ୍କୁ ଅଫିସରେ ଛେପ ପକାଇବାକୁ ମନା କରାଯାଇଛି। ଯଦି କେହି ବିଡିଏ, ବିଏମ୍‌ସି କର୍ମଚାରୀ ଅଫିସରେ ଛେପ ପକାନ୍ତି ତାଙ୍କୁ ୫ ଶହ ଫାଇନ କରାଯିବ। ତା'ସହ କାର୍ଯ୍ୟାଳୟ ଫାଟକ ନିକଟରେ ଏକ ହ୍ୟାଣ୍ଡ ୱାଶ୍ ରଖାଯାଇଛି। ଯେ କେହି ବି କାର୍ଯ୍ୟାଳୟକୁ ଆସିବ ହାତ ଧୋଇ ଆସିବ ବୋଲି ପରାମର୍ଶ ଦିଆଯାଇଛି। ତେବେ ସରକାର ଘୋଷଣା କରିଥିବା ଗାଇଡ୍‌ଲାଇନ୍ ଠିକ ଭାବେ ପାଳନ ହେଉଛି କି ନାହିଁ, ତାହାର ତଦାରଖ କରିବା ପାଇଁ ଏହି ଟିମ୍ ଗଠନ ହୋଇଛି ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ ଚୌଧାରୀ କହିଛନ୍ତି।

**ବିଏମ୍‌ସି ଗଠନ କଲା ୩ ଟି ଟିମ୍**

# ମାସ୍କ ପ୍ରସ୍ତୁତି ପାଇଁ ଅଣ୍ଟାଭିଡ଼ିଲେ ମହିଳା

**ବାଙ୍କୀ, ୧୪।୩ (ସ୍ୱ.ପ୍ର.)**

କରୋନା ଭାଇରସ ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା ବେଳେ ଏହାକୁ ରାଜ୍ୟ ବିପତ୍ତି ବୋଲି ସରକାର ଘୋଷଣା କରିଛନ୍ତି। କରୋନାରୁ ରକ୍ଷା ପାଇବା ପାଇଁ ମାସ୍କ ଓ ସାନିଟାଇଜର ବ୍ୟବହାର କରିବା ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ସରକାର ଏହାକୁ ଜରୁରୀ ସାମଗ୍ରୀରେ ସାମିଲ କରିଛନ୍ତି। ଲୋକେ ଅଧିକ ପରିମାଣରେ ମାସ୍କ ବ୍ୟବହାର କରୁଥିବାରୁ ବଜାରରେ ସବୁ ସମୟରେ ଉପଲବ୍ଧ ହେଉନାହିଁ। ଏହାକୁ ଦୃଷ୍ଟିରେ ରଖି ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ମା'ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀର ୩୦ ଜଣ ମହିଳା ଏକତ୍ରିତ ହୋଇ ମାସ୍କ ପ୍ରସ୍ତୁତ କରୁଛନ୍ତି। ଏହି ଗୋଷ୍ଠୀର ମହିଳାମାନେ ଦୈନିକ ୪ଘଣ୍ଟା ପରିଶ୍ରମ କରି ହଜାରରୁ ଊର୍ଦ୍ଧ୍ୱ ମାସ୍କ ତିଆରି କରୁଛନ୍ତି। ପ୍ରତି ମାସ୍କର ମୂଲ୍ୟ ୧୦ ଟଙ୍କା ରଖାଯାଇଛି। ଏହା ସୂତା କପଡାରେ ପ୍ରସ୍ତୁତ ହୋଇଥିବା ବେଳେ ଗରମ ପାଣିରେ ଧୋଇ ବାରମ୍ବାର ବ୍ୟବହାର କରାଯାଇପାରିବ ବୋଲି ଏହି ସ୍ୱୟଂସହାୟିକା ଗୋଷ୍ଠୀ



ମହିଳାମାନେ ମାସ୍କ ତିଆରି କରୁଛନ୍ତି।

ପକ୍ଷରୁ କୁହାଯାଇଛି। ମାସ୍କ ପ୍ରସ୍ତୁତ କରିବା ନିମନ୍ତେ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ଓରମାସ ପକ୍ଷରୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ସ୍ଥାନୀୟ ଲୋକେ ମହିଳାମାନଙ୍କ ଏହି ପ୍ରୟାସକୁ ପ୍ରଶଂସା କରିଛନ୍ତି। ଏ ସମ୍ପର୍କରେ ମା'ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀର ରୀନା ମହାରଣା ଓ ଶାନ୍ତିଲତା ମହାରଣା କହିଛନ୍ତି,ବଜାରରେ ମାସ୍କ ମିଳୁ ନଥିବା ଯୋଗୁ କଳାବଜାର ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସରକାର ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ମାସ୍କ ପ୍ରସ୍ତୁତ ନିମନ୍ତେ କଞ୍ଚାମାଲ ଯୋଗାଇ ଦେଉଛନ୍ତି। ଆମେ ଏହି କଞ୍ଚାମାଲରୁ ମାସ୍କ ପ୍ରସ୍ତୁତ କରି ବଜାରରେ ଉପଲବ୍ଧ କରାଇବାକୁ ପ୍ରୟାସ ଜାରି ରଖିଛୁ।

**କରୋନା ଭାଇରସ୍‌ର ମୁକାବିଲା**

## ଅଂଶୁପା କଲେଜରେ ରହିଛି ମହାନ୍ ବ୍ୟକ୍ତିଙ୍କ ଯାଦୁକରି ସ୍ପର୍ଶ

**ବାଙ୍କୀ, ୧୪।୩ (ସ୍ୱ.ପ୍ର.)**

ବାଙ୍କୀ ବ୍ଲକ୍ ଅନ୍ତର୍ଗତ ସରଣ୍ଡା ସୁବର୍ଣ୍ଣପୁର ଅଂଶୁପା କନିଷ୍ଠ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ଯାଇଛି। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତଅତିଥି ଭାବେ ଜିଲା ପରିଷଦ ସଭ୍ୟ ମାନସ କୁମାର ମହାପାତ୍ର, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ୍ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ଜୟନ୍ତୀ କମିଟି ସଭାପତି ଗୋପବନ୍ଧୁ ସାହୁ, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଗତିକୃଷ୍ଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ଭରତ ଚନ୍ଦ୍ର ବେହେରା, ବେଣୁଧର ଦାଶ ଓ ପୂର୍ଣ୍ଣଚନ୍ଦ୍ର ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ଏହି କଲେଜରେ ମହାନ୍ ବ୍ୟକ୍ତିଙ୍କ ଯାଦୁକରି ସ୍ପର୍ଶ ରହିଛି। ଜନସାଧାରଣଙ୍କ ଅକୁଣ୍ଠ ସାହାଯ୍ୟରେ ଏହି ମହାବିଦ୍ୟାଳୟ ଠିଆ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କଲେଜ ଅଧକ୍ଷ ପ୍ରଦୀପ କୁମାର ବେଉରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅର୍ଥନୀତି ବିଭାଗର ଅଧାପକ ପ୍ରଦୀପ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସଦାଶିବ ଦାଶ ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ମରାମତି ପରେ ବି ସୁଧୁରୁନି ରାସ୍ତା ଅବସ୍ଥା

**ଆଠଗଡ,୧୪।୩ (ସ୍ୱ.ପ୍ର.)**

**ଗୋପୀନାଥପୁର-ବେଣ୍ଟପଦା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ**

ଆଠଗଡ଼ ବ୍ଲକର ଗୋପୀନାଥପୁରଠାରୁ ବେଣ୍ଟପଦା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି । ୨୦୧୭ରେ ନିର୍ମାଣ ସରିଥିବା ଏହି ସଡ଼କରେ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି। ଖୁଣ୍ଟୁଣୀ–ନରସିଂହପୁର ୬୫ନମ୍ବର ରାଜ୍ୟ ରାଜପଥର ଗୋପୀନାଥପୁର ନିକଟରୁ ବେଣ୍ଟପଦା ପର୍ଯ୍ୟନ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ ପାଇଁ ୨କୋଟି ୧୭ଲକ୍ଷ ୯୫ହଜାର ୯୬୬ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ୨୦୧୬ରେ ଏହି କାମ ଆରମ୍ଭ ହୋଇ ୨୦୧୭ ସେପ୍ଟେମ୍ବରରେ ଶେଷ ହୋଇଥିଲା। ଉକ୍ତ ରାସ୍ତା ଦେଇ ଦୈନିକ ଯୋରନ୍ଦା, ପାଇକରାପୁର, ଇନ୍ଦିପୁର, କରିକୋଲ ଆଦି ଗ୍ରାମର ଲୋକେ ଯାତାୟାତ କରିଥାନ୍ତି। ମାତ୍ର ନିର୍ମାଣର ବର୍ଷକ ମଧରେ ରାସ୍ତାର ଅନେକ ସ୍ଥାନରୁ ପିଚୁ ଉଠି ଖାଲଖମାରେ ପୂରିଯାଇଥିଲା। ଫଳରେ ବାରମ୍ବାର ଦୁର୍ଘଟଣା ହେବାରୁ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଲୋକଙ୍କ ଅଭିଯୋଗ ପରେ ୧୬.୮୪ଲକ୍ଷ ଟଙ୍କା ବ୍ୟୟ ବରାଦରେ ପୁନର୍ବାର ସମ୍ପୃକ୍ତ ଠିକାଦାର ଖାଲ ହୋଇଥିବା ସ୍ଥାନଗୁଡ଼ିକୁ ମରାମତି କରିଥିଲା। କିନ୍ତୁ ନିମ୍ନମାନର କାମ ଯୋଗୁ ୬ରୁ ୭ ମାସ ମଧରେ ରାସ୍ତାରୁ ପିଚୁ ଉଠିଯାଇଛି। ଏଥିସହ କରିକୋଲ ନିକଟରେ ନିର୍ମାଣ ହୋଇଥିବା ଏକ ଛୋଟିଆ ପୋଲ ମଝିରେ ପିଚୁ ରାସ୍ତା ଦବିଯାଇଛି। ଫଳରେ ବହୁ ସମୟରେ ଦୁର୍ଘଟଣା ଘଟି ଆରୋହୀମାନେ ଆହତ ହେଉଥିବା ଅଭିଯୋଗ ହୋଇଛି। ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ଯୋଗୁ ଏହି ସଡ଼କର ଏପରି ଅବସ୍ଥା ହୋଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏନେଇ ଲୋକଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଆଠଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ପବିତ୍ର ମୋହନ ପରମାଣିକ କହିଛନ୍ତି, ରାସ୍ତାର କିଛି ସ୍ଥାନରେ ଉଭୟ ପାର୍ଶ୍ୱରେ ଗଛ ଥିବାରୁ ବର୍ଷା ସମୟରେ ପାଣି ପଡି ରାସ୍ତା ଖରାପ ହୋଇଯାଇଛି। ଗତବର୍ଷ ଏହା ମରାମତି ହୋଇଥିଲା।



ଖାଲଖମାରେ ପୂରିଥିବା ରାସ୍ତା।

# ପୋତି ହୋଇଯାଉଛି ଐତିହ୍ୟସମ୍ପନ୍ନ ଲୌହ ସେତୁ

**ବାଙ୍କୀ,୧୪।୩(ସ୍ୱ.ପ୍ର)**

ବାଙ୍କୀ କଟକ ମୁଖ୍ୟ ରାସ୍ତାର ଜାତମୁଣ୍ଡିଆ ନିକଟବର୍ତ୍ତୀ ରଣ ନଦୀ ଉପରେ ୧୯୧୬ରେ ଲୌହ ସେତୁ ନିର୍ମାଣ କରାଯାଇଥିଲା। କଲିକତା ବର୍ନ ଏଣ୍ଡ୍ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଏହି ସେତୁ ୯୨ବର୍ଷ ପର୍ଯ୍ୟନ୍ତ ବାଙ୍କୀ– କଟକ ମଧରେ ମୁଖ୍ୟ ଗମନାଗମନର ମାଧମ ପାଲଟିଥିଲା। ଐତିହ୍ୟସମ୍ପନ୍ନ ଏହି ଲୌହ ସେତୁ ଏବେ କୂଳରେ ପୋତି ହୋଇଯିବାକୁ ବସିଥିବା ବେଳେ ଏହାର ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ବ୍ରିଟିଶ ଶାସନ ସମୟରେ ନିର୍ମିତ ଏହି ଲୌହସେତୁ କଲିକତା ହାଓଡା ବ୍ରିଜ୍ ସଦୃଶ୍ୟ । ଇଂରେଜମାନେ ନିଜ ବୁଦ୍ଧିକୌଶଳ ମାଧମରେ ୨ପଥର ଖୁମ୍ବ ଉପରେ ସେତୁକୁ ଝୁଲାଇ ରଖିଥିଲେ। ଏହା ବହୁ ସୁନ୍ଦର ଓ ଆକର୍ଷଣୀୟ ଥିଲା। ଏହି ସେତୁ ଦେଇ ଦୈନିକ କଟକ,ଭୁବନେଶ୍ୱର,ଢେଙ୍କାନାଳ, ବଉଦ୍, ସୋନପୁର, ଖଣ୍ଡପଡା ଆଦି ସ୍ଥାନକୁ ଯାନବାହନ ଚଳାଚଳ ହେଉଥିଲା।



ପୂର୍ବରୁ ଥିବା ଲୌହସେତୁ।



ଭାସିଗଲା ପରେ କୂଳରେ ଲାଗିଥିବା ସେତୁ।

୨୦୦୮ରେ ମହାନଦୀରେ ପ୍ରଳୟଙ୍କରୀ ବନ୍ୟା ଆସିଥିଲା। ଏହି ସମୟରେ ସେତୁଟି ଭାସିଯାଇ ନିକଟସ୍ଥ କୂଳରେ ଲାଖିରହିଥିଲା। ଏହା ପରେ ପୂର୍ତ୍ତ ବିଭାଗ ତରଫରୁ ସେଠାରେ ସିମେଣ୍ଟ ସେତୁ ନିର୍ମାଣ କରାଯାଇଥିଲା। ମାତ୍ର ଏହି ଲୌହ ସେତୁ ଉପରେ ଆଉ ଦୃଷ୍ଟି ଦିଆଯାଇ ନ ଥିଲା। ଫଳରେ ଦୀର୍ଘ ୧୩ ବର୍ଷ ଧରି ଏହି ଦୁର୍ଲଭ ସେତୁ ପଡ଼ିରହି ଏବେ ନଷ୍ଟ ହୋଇଯିବାକୁ ବସିଲାଣି। ସରକାର ଏହାକୁ ଐତିହାସିକ କୀର୍ତ୍ତିଭାବେ ପରିଗଣିତ କରି ଏହାର ପୁନରୁଦ୍ଧାର କଲେ ଲୋକେ ସେତେବେଳର କଳା ଓ ସଂସ୍କୃତି ସମ୍ପର୍କରେ ଜାଣିପାରିବେ ବୋଲି ବହୁ ବୁଦ୍ଧିଜୀବୀ ଓ ଐତିହାସିକମାନେ ମତବ୍ୟକ୍ତ କରିଛନ୍ତି। ଜାତମୁଣ୍ଡିଆ ସୁବର୍ଣ୍ଣପୁର ସେତୁ ନିର୍ମାଣ ପରେ ଅଂଶୁପା ହ୍ରଦ ପରିଦର୍ଶରେ ବହୁ ପର୍ଯ୍ୟଟକ ଆସୁଛନ୍ତି। ଅଂଶୁପା ହ୍ରଦ ନିକଟରୁ ମାତ୍ର ୩ କିଲୋମିଟର ଦୂରରେ ଏହି ସେତୁ ରହିଛି। ଫଳରେ ପର୍ଯ୍ୟଟକମାନେ ଏଠାକୁ ଆସି ଏହି ଐତିହ୍ୟ ସମ୍ପନ୍ନ ସେତୁକୁ ଦେଖିପାରନ୍ତେ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ବାଙ୍କୀ ଉପଖଣ୍ଡ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଆଶିଷ କୁମାର ନାୟକ କହିଛନ୍ତି।, ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ବିଚାର ବିମର୍ଶ କରାଯିବା ପରେ ଆଗାମୀ ପଦକ୍ଷେପ ନିଆଯିବ।

- **୨୦୦୮ ବନ୍ୟାରେ ଭାସିଯାଇଥିଲା**
- **କଲିକତା ହାଓଡା ବ୍ରିଜ୍ ଭଳି ଦେଖାଯାଏ**
- **ବ୍ରିଟିଶ ଶାସନ ସମୟରେ ତିଆରି ହୋଇଥିଲା**



ନିଜ ଦୋଷକୁ ସ୍ୱୀକାର କଲେ ମନ ଶାନ୍ତ ଓ ପବିତ୍ର ହୋଇଥାଏ।
- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ଶାନ୍ତିସ୍ତୂପ ଧଉଳିରେ ବିଦେଶୀ ପର୍ଯ୍ୟଟକଙ୍କ ଉପରେ ରୋକନାହିଁ

**ପୁରୁଣା ଭୁବନେଶ୍ୱର, ୧୪।୩ (ଡି.ଏନ.ଏ.)**- ଓଡ଼ିଶା ସରକାର କରୋନା ମହାମାରୀକୁ ଶୁକ୍ରବାର ରାଜ୍ୟ ବିପତ୍ତି ଭାବେ ଘୋଷଣା କରିଥିଲେ। ସ୍କୁଲ, କଲେଜ, ଯାତ୍ରା, ମେଳା ବନ୍ଦ ପାଇଁ ନିର୍ଦ୍ଦେଶ ମଧ ଦେଇଛନ୍ତି। ନନ୍ଦନକାନନକୁ ବନ୍ଦ ଘୋଷଣା କରିଛନ୍ତି। ଯାହା ପର୍ଯ୍ୟଟନ ଶିଳ୍ପକୁ ମଧ ପ୍ରଭାବିତ କରିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ବିଦେଶୀ ପର୍ଯ୍ୟଟକଙ୍କୁ ଏ ପର୍ଯ୍ୟନ୍ତ ରୋକ ଲଗାଯାଇ ପାରୁନାହିଁ। ଶାନ୍ତିସ୍ତୂପ ଧଉଳିକୁ ପ୍ରତ୍ୟେକ ଦିନ ବିଦେଶୀ ପର୍ଯ୍ୟଟକ ଆସୁଛନ୍ତି। ଶନିବାର ଏକ ଟୁରିଷ୍ଟ ମିନିବସ୍ ଯୋଗେ ୧୫ ଜଣ ଏବଂ ବାଇକ୍ ଯୋଗେ ୨ ଜଣ ବିଦେଶୀ ପର୍ଯ୍ୟଟକ ଶାନ୍ତିସ୍ତୂପ ଧଉଳି ବୁଲି ଆସିଥିଲେ। ଧଉଳି ଉନ୍ନୟନ କମିଟି କିମ୍ବା ଓଟିଡିସିର କୌଣସି କର୍ମଚାରୀ କି ଅଧିକାରୀ ସେମାନଙ୍କୁ ସଚେତନତା ପୂର୍ବକ ବାରଣ କରୁନାହାନ୍ତି। କୌଣସି ଅଧିକ ବର୍ଷା, ଖରାରେ ସ୍କୁଲ ଛୁଟି କରିବା ନେଇ ବାହାବାଃ ନେଉଥିବା ସରକାର ରାଜସ୍ୱ ଆଦାୟ ଲକ୍ଷ୍ୟରେ ଏଭଳି ବିଭିନ୍ନ କ୍ଷେତ୍ରରେ ଜନଜୀବନ ପ୍ରତି ଅଣଦେଖା କରୁଥିବା ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଏ ନେଇ ଟୁରିଷ୍ଟ ଅଫିସର ଅଜୟ୍ କୁମାର ରାଉତ କୁହନ୍ତି, ଏହା ଜିଲାପାଳଙ୍କ ଅଧୀନ। କୌଣସି ନୋଟିସ ଆମେ ପାଇନାହୁଁ। ଯଦି ଆମକୁ ନୋଟିସ କରାଯିବ ତେବେ ସୋମବାରଠାରୁ ବିଦେଶୀ ପର୍ଯ୍ୟଟକଙ୍କୁ ଟେଷ୍ଟ କରି ଛାଡିବୁ।

### ମହିଳାଙ୍କ ବେକରୁ ଚେନ୍ ଲୁଟ୍

**ପିପିଲି,୧୪।୩(ସ୍ୱ.ପ୍ର.)**- ପିପିଲି ଥାନା ତେଇସିପୁର ଅଞ୍ଚଳରେ ଶୁକ୍ରବାର ଜଣେ ମହିଳା ବଜାର ଯାଉଥିବାବେଳେ ଦୁଇ ଦୁର୍ବୃତ୍ତ ବାଇକ୍‌ରେ ଆସି ବେକରୁ ଚେନ୍ ଲୁଟି ନେଇଛନ୍ତି। ସୂଚନା ମୁତାବକ, ସ୍ଥାନୀୟ ଅଞ୍ଚଳର ମହିଳା ଜଣକ ସଉଦା ପାଇଁ ଗାଁ ବଜାରକୁ ଯାଉଥିଲେ। ଏହି ସମୟରେ ଦୁଇଜଣ ଯୁବକ ବାଇକ୍‌ରେ ପିଛାକରି ଏକ ନିଛାଟିଆ ସ୍ଥାନ ବ୍ରିଜ୍ ପାଖରେ କୌଶଳକ୍ରମେ ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ପଳାଇଥିଲେ। ଅଧା ଛିଣ୍ଡା ଚେନ୍ ମହିଳାଙ୍କ ହାତରେ ଥିବାବେଳେ ସେ ପାଟିକରିଥିଲେ ସୁଦ୍ଧା ଦୁର୍ବୃତ୍ତମାନେ ବଜାର ରାସ୍ତା ଆଡ଼କୁ ଚମ୍ପଟ ମାରିଥିଲେ। ଲୁଟେରାଙ୍କ ଲୁଟ୍ ଦେଖି ମହିଳା ଜଣକ ଭୟଭୀତ ହୋଇଯାଇଥିବା ବେଳେ ଉକ୍ତ ଚେନ୍‌ଟି ସୁନା ବଦଳରେ ଇମିଟେଶନ ଥିବା ଜଣାପଡିଛି।

### ୪ ବାଇକ୍‌କୁ ଧକ୍କା ଦେଲା କାର୍

**କୋଣାର୍କ,୧୪।୩(ଡି.ଏନ.ଏ)**- କୋଣାର୍କ ରିଙ୍ଗରୋଡସ୍ଥିତ ଟୁରିଷ୍ଟି ମାର୍କେଟ ନିକଟରେ ଏକ ଇନୋଭା କାର୍ ନଂ-ଓଡି ୦୨ୟୁ-୪୮୯୬ କୋଣାର୍କରୁ ପୁରୀ ଅଭିମୁଖେ ଯାଉଥିବା ସମୟରେ ହଠାତ ଜନଗହଳିକୁ ମାଡିଯାଇ ୪ ବାଇକ୍‌କୁ ଧକ୍କା ଦେଇଥିଲା। ସେଠାରେ ସୂର୍ଯ୍ୟମନ୍ଦିରର ଫଟୋଗ୍ରାଫର ଆସୋସିଏଶନର ସଦସ୍ୟମାନେ ବିଶ୍ରାମ ନେଉଥିବା ସ୍ଥାନ ଉପରେ ଚଢ଼ିଯିବା ପରେ ଏକ ବିଦ୍ୟୁତ୍‌ଖୁଣ୍ଟରେ ପିଟି ହୋଇ ରହିଯାଇଥିଲା। ଖବରପାଇ କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିବା ସହ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ କହିଛନ୍ତି। ଏହି ଦୁର୍ଘଟଣାରେ କାହର କିଛି କ୍ଷତି ହୋଇ ନ ଥିବା ଜଣାପଡିଛି।

# କଟକଣା ପରେ ଆୟୋଜକଙ୍କ ମୁଣ୍ଡରେ ଚଡ଼କ

**ଭୁବନେଶ୍ୱର,୧୪।୩ (ବ୍ୟୁରୋ)**

## ଅଗ୍ରିମ ଟଙ୍କା ଫେରିପାଇବା ନେଇ ଚିନ୍ତା

କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ଓଡ଼ିଶାରେ ସରକାରଙ୍କ ପକ୍ଷରୁ ବିଭିନ୍ନ କଟକଣା ଲଗାଯାଇଛି। ବିବାହ ଏବଂ ଉତ୍ସବ ପାଇଁ କମିଶନରେଟ ପୋଲିସ ଦେଇଥିବା ଅନୁମତିକୁ ଶୁକ୍ରବାରଠାରୁ ବାତିଲ କରିଦେଇଛି। ଯାହାକୁ ନେଇ ଚିନ୍ତାରେ ଆୟୋଜକମାନେ। ସେମାନେ ବିବାହ ପାଇଁ ଏକାଧିକ ମଣ୍ଡପ ବୁକ୍ କରି ସାରିଛନ୍ତି। ଏହାସହ ଟେଣ୍ଟ, କ୍ୟାଟରିଂ ଓ ଡିଜେ ମାଲିକଙ୍କଠାରୁ ଆରମ୍ଭ କରି ଅନ୍ୟମାନଙ୍କୁ ଆୟୋଜନ ପାଇଁ ଲକ୍ଷାଧିକ ଟଙ୍କା ଅଗ୍ରିମ ଆକାରରେ ଦେଇଛନ୍ତି। ହେଲେ ପୋଲିସର ଏଭଳି ନିୟମ ପରେ ସେମାନଙ୍କ ମୁଣ୍ଡରେ ଚଡ଼କ ପଡିଛି। ସେମାନେ କିଭଳି ଅଗ୍ରିମ ଟଙ୍କା ଫେରି ପାଇବେ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଏପର ି କି ଆୟୋଜନ ପାଇଁ ଠିକା ନେଇଥିବା ବ୍ୟକ୍ତି ମଣ୍ଡପରେ ସମସ୍ତ ପ୍ରସ୍ତୁତି କରି ସାରିଲେଣି। ତେଣୁ ସେମାନଙ୍କୁ ଟଙ୍କା ଫେରସ୍ତ ମାଗିଲେ ମଧ ଦେଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ଉଭୟ ବର ଓ କନ୍ୟା ପକ୍ଷରୁ ଲକ୍ଷାଧିକ ଟଙ୍କାର କ୍ଷତି ସହିବାକୁ ପଡିବ। କେବଳ ବିବାହ ନୁହେଁ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ମଧ ଅଡୁଆରେ ପଡ଼ିଛନ୍ତି।

### ଚା ଦୋକାନ୍‌ରେ ଆଉ ହେବ କି ଖଟ

ପୋଲିସ ମଧ ଏକାଧିକ ଖଟି ଉପରେ ରୋକ ଲଗାଇଛି। ଗୋଟିଏ ସ୍ଥାନରେ ଏକାଧିକ ଲୋକ ଏକାଠି ହେଲେ ପିସିଆର ଭ୍ୟାନ ଯାଇ ସେମାନଙ୍କୁ ହଟାଇବ। ତେଣୁ ଏଭଳି କଟକଣା ପରେ ଅଡୁଆରେ ପଡ଼ିଛନ୍ତି ଚା' ପିଉଥିବା ସାଧାରଣ ଲୋକେ। ସେମାନେ ସକାଳୁ ଚା' ଦୋକାନରେ ବସି ବିଭିନ୍ନ ପ୍ରକାରର ଖଟି କରୁଥିଲେ। ଏବେ ଏହି କଟକଣା ପରେ ସେମାନେ ଆଉ ଖଟି କରିପାରିବେ ତ। ତାହାକୁ ନେଇ ସେମାନେ ମଧ ଦ୍ୱନ୍ଦ୍ୱରେ ଅଛନ୍ତି।

### ହାତ ଗଣ୍ଠି ପକାଇବାକୁ ଡରୁଛନ୍ତି ବର, କନ୍ୟା

କରୋନା ଭାଇରସ୍ ସଂକ୍ରମଣରୁ ଦୂରେଇ ରହିବା ପାଇଁ ପରସ୍ପର ହାତ ମିଳାଇବାକୁ ବିଭିନ୍ନ ଗଣମାଧ୍ୟମରେ ସରକାରଙ୍କ ପକ୍ଷରୁ ସଚେତନ କରାଯାଉଛି। ଯାହାକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ବର ଓ କନ୍ୟା। ସେମାନେ ବିବାହ ସମୟରେ ହାତ ଗଣ୍ଠି ପକେଇବେ କି ନାହିଁ ତାହାକୁ ନେଇ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି। ଜଣେ ବର ନିଜ ନାମ ଗୋପନ ରଖି କହିଛନ୍ତି, ଏଭଳି ଭୟ ପରେ ସେମାନେ ହାତଗଣ୍ଠି ପକାଇବାକୁ ଡରି ଯାଇଥିଲେ। ଡାକ୍ତରଙ୍କ ପରାମର୍ଶରେ ଭଲ ଭାବେ ହାତଧୋଇ ହାତଗଣ୍ଠି ପକାଇବାକୁ କହିଛନ୍ତି।

### କ୍ୟାପିଟାଲ ହସ୍ପିଟାଲ ମାଟି ମାଡ଼ିବାକୁ ଭୟ

ରାଜ୍ୟର କରୋନା ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ କ୍ୟାପିଟାଲ ଆଇସୋଲୋଟେଡ ୱାର୍ଡରେ ରଖାଯାଇ ଚିକିତ୍ସା କରାଯାଉଛି। ଉକ୍ତ ୱାର୍ଡକୁ ସାଧାରଣ ଲୋକେ ଯିବାକୁ ବାରଣ କରାଯାଇଛି। ହେଲେ କ୍ୟାପିଟାଲରେ ସନ୍ଦିଗ୍ଧମାନେ ଭର୍ତ୍ତି ହୋଇଥିବାରୁ ସାଧାରଣ ଲୋକେ ହସ୍ପିଟାଲ ମାଟି ମାଡିବାକୁ ଡରୁଛନ୍ତି। କାଳେ କରୋନା ଭାଇରାସ୍ ସେମାନଙ୍କୁ ସଂକ୍ରମିତ କରିଦେବ, ଏହି ଭୟରେ ଲୋକେ ଯାଉ ନ ଥିବାରୁ ହସ୍ପିଟାଲ ଖାଁ ଖାଁ ଲାଗୁଛି।





# ଶ୍ରୀଲିଙ୍ଗରାଜଙ୍କ ଜମିରେ ଦଖଲ ବୋର୍ଡ ଲଗାଇଲା ପ୍ରଶାସନ

**ପୁରୁଣା ଭୁବନେଶ୍ୱର, ୧୪।୩ (ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଜମି ଉପରୁ ଜବରଦଖଲ ହଟାଇବା, ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଉଦ୍ଧାର ଜମିରେ ବୋର୍ଡ ମାରି ନିଜ ଦଖଲକୁ ଆଣିବା ପ୍ରକ୍ରିୟା ଶନିବାର ଆରମ୍ଭ ହୋଇଛି। ନୂତନ ଭାବେ ଯୋଗ ଦେଇଥିବା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୁଣା ଭୁବନେଶ୍ୱର ରଥଦାଣ୍ଡର ମୁଖ୍ୟରାସ୍ତା କଡକୁ ଲାଗି ରହିଥିବା ୪୬ ଡିସିମିଲ ଜମିରେ ପୁନର୍ବାର ଶ୍ରୀଲିଙ୍ଗରାଜଙ୍କ ସମ୍ପତ୍ତି ଲେଖାଥିବା ବୋର୍ଡ ସହ ଜବରଦଖଲ ନ କରିବା ନେଇ ସତର୍କ ସୂଚନା ଲଗାଯାଇଛି। ଏହି ନିକଟରେ ଗୌତମନଗର ମୌଜାର ଖାତା ନଂ. ୪୧୧ ସମେତ ମୌଜାର ଶତାଧିକ ଜମି ଉପରୁ ଜବରଦଖଲ ହଟାଯିବାର ପ୍ରକ୍ରିୟାକୁ ସାଧାରଣରେ ପ୍ରଶଂସା କରାଯାଇଛି। ବହୁ ସେବାୟତ ଓ ଶ୍ରଦ୍ଧାଳୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପଦକ୍ଷେପକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଆଗାମୀ ଦିନରେ ପୁନରୁଦ୍ଧାର ଜମି କିଭଳି ବେଆଇନ ଦଖଲକାରୀଙ୍କ ଦଖଲକୁ ଚାଲି ନ ଯିବ ଏଥିଲାଗି ଦୃଢ ପଦକ୍ଷେପ ନେବାକୁ ଦାବି କରିଛନ୍ତି।



ପ୍ରେସ କ୍ଲବ ଅଫ୍ ଓଡ଼ିଶାଠାରେ ଶନିବାର ଆୟୋଜିତ ଚନ୍ଦ୍ରପ୍ରଭା ସ୍ମୃତି ସମ୍ମାନ-୨୦୨୦ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

# ଲୁଟେରା ଗିରଫ, ୫ ବାଇକ ଜବତ

**ଭୁବନେଶ୍ୱର,୧୪।୩ (ବ୍ୟୁରୋ)**

ବାଇକ୍ ଚୋରି କରୁଥିବା ଜଣେ ଲୁଟେରାଙ୍କୁ ଖଣ୍ଡଗିରି ଥାନା ପୋଲିସ ଶନିବାର ଗିରଫ କରିଛି। ସେ ହେଲେ ଡୁମୁଡୁମା ଅଞ୍ଚଳର ଶେଖ୍ ନୁର୍ ଆଲାମ୍(୨୬)। ତାଙ୍କ ନିକଟରୁ ୫ଟି ଚୋରି ବାଇକ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ଖଣ୍ଡଗିରି ଅଞ୍ଚଳରୁ ବାଇକ୍ ଚୋରି ହେଉଥିବାର ଅଭିଯୋଗ ଥାନାକୁ ଆସୁଥିଲା। ପୋଲିସ ଏନେଇ ମାମଲା ରୁଜୁ କରି ଲୁଟେରାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନଥିଲେ। ଗତ ୮ ତାରିଖରେ ଖଣ୍ଡଗିରି କ୍ରିଷ୍ଣାବିହାର ଫେଜ୍-୨ରୁ ଏକ ବାଇକ ଚୋରି ହୋଇଥିଲା। ଏନେଇ ଖଣ୍ଡଗିରି ଥାନାରେ ବାଇକ୍ ମାଲିକ ଦେବୀ ପ୍ରସାଦ ଦାସ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ଚୋରି ହୋଇଥିବା ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାରକରି ପୋଲିସ ଲୁଟେରା ପାଖରେ ପହଞ୍ଚିଥିଲା। ଅଭିଯୁକ୍ତ ଶେଖ୍ ନୁର୍ ଆଲାମ୍ ନାମରେ ଖଣ୍ଡଗିରି ଥାନାରେ ୩ଟି ଏବଂ ବାଲିଅନ୍ତା ଥାନାରେ ଗୋଟିଏ ମାମଲା ରହିଛି। ଶନିବାର ନୁର୍ ଆଲାମଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାରାଧୀନ ବନ୍ଦୀଭାବେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ପାନ ଛେପ ପକାଇଲେ ୫ ଶହ ଦଣ୍ଡ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

କରୋନା ଭାଇରସର ମୁକାବିଲା ପାଇଁ ବିଏମ୍‌ସି ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଏହି ଟିମ୍ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରିବେ। ୨ ଜଣ ବରିଷ୍ଠ ଅଧିକାରୀଙ୍କୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଛି। ଗୋଟିଏ ଦଳରେ ୩ ଜଣ ସଦସ୍ୟ, ଜଣେ ଆଡ଼ିଶ୍‌ନାଲ କମିଶନର ଓ ୨ ଜଣ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ରହିଛନ୍ତି। ଏହି ଦଳ ମାସ୍କ ଓ ସାନିଟାଇଜର୍ସର କଳାବଜାରୀର ତଦାରଖ କରିବେ। ଏହାସହ ସକାଳୁ ୨ ଘଣ୍ଟା ଧରି ବିଭିନ୍ନ ସ୍ଥାନ ବୁଲି ସଫେଇ କାର୍ଯ୍ୟର ତଦାରଖ କରିବେ। ଯଦି କେହି ନିର୍ଦ୍ଦେଶ ଖିଲାପ କରନ୍ତି ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର ଚୌଧୁରୀ କହିଛନ୍ତି। ଏଥିସହ ବିଡିଏ, ବିଏମ୍‌ସି କର୍ମଚାରୀଙ୍କୁ ଅଫିସରେ ଛେପ ପକାଇବାକୁ ମନା କରାଯାଇଛି। ଯଦି କେହି ବିଡିଏ, ବିଏମ୍‌ସି କର୍ମଚାରୀ ଅଫିସରେ ଛେପ ପକାନ୍ତି ତାଙ୍କୁ ୫ ଶହ ଫାଇନ କରାଯିବ। ତା'ସହ କାର୍ଯ୍ୟାଳୟ ଫାଟକ ନିକଟରେ ଏକ ହ୍ୟାଣ୍ଡ ୱାଶ୍ ରଖାଯାଇଛି। ଯେ କେହି ବି କାର୍ଯ୍ୟାଳୟକୁ ଆସିବ ହାତ ଧୋଇ ଆସିବ ବୋଲି ପରାମର୍ଶ ଦିଆଯାଇଛି। ତେବେ ସରକାର ଘୋଷଣା କରିଥିବା ଗାଇଡ୍‌ଲାଇନ୍ ଠିକ ଭାବେ ପାଳନ ହେଉଛି କି ନାହିଁ, ତାହାର ତଦାରଖ କରିବା ପାଇଁ ଏହି ଟିମ୍ ଗଠନ ହୋଇଛି ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ ଚୌଧାରୀ କହିଛନ୍ତି।

# ଫୋନ୍ ପେ କର୍ମଚାରୀ କହି ନେଇଗଲେ ୯୯ ହଜାର ଟଙ୍କା

**ଗୋପ,୧୪।୩(ଡି.ଏନ.ଏ)**

## ୪୯ହଜାର କଟିବା ପରେ ମଧ ଚେତା ପଶିଲାନି

ଗୋପ ଥାନା ଅଧୀନ ଗଣେଶ୍ୱରପୁର ଗ୍ରାମର ଚିତ୍ତରଞ୍ଜନ ବଡ଼ପଣ୍ଡାଙ୍କଠାରୁ ଫୋନ୍ ପେ କର୍ମଚାରୀ କହି ୯୯ ହଜାର ୯୬୪ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଗତ ୪ ତାରିଖ ଦିନ ନିଜ ସାଙ୍ଗଙ୍କ ନିକଟକୁ ୪୫୦୦ ଟଙ୍କା ଫୋନ୍ ପେ ମାଧ୍ୟମରେ ଚିତ୍ତରଞ୍ଜନ ପଠାଇଥିଲେ। କୌଣସି ତ୍ରୁଟି ଯୋଗୁ ଏହି ଟଙ୍କା ସାଙ୍ଗଙ୍କ ଆକାଉଣ୍ଟରେ ଜମା ହୋଇ ନ ଥିଲା। କିନ୍ତୁ ଚିତ୍ତରଞ୍ଜନଙ୍କ ଆକାଉଣ୍ଟରୁ ୪୫୦୦ ଟଙ୍କା କଟି ଯାଇଥିଲା। ଏ ନେଇ ସେ ଫୋନ୍ ପେ କଷ୍ଟମର କେୟାର ସହ ଯୋଗାଯୋଗ କରିଥିବାବେଳେ ସେଠାରୁ ୪୮ ଘଣ୍ଟା ମଧ୍ୟରେ ଟଙ୍କା ଜମା କରିଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ମାତ୍ର ପରବର୍ତ୍ତୀ ଅବସ୍ଥାରେ ଅର୍ଥାତ୍ ୭ ତାରିଖ ଦିନ ଚିତ୍ତରଞ୍ଜନ ନିକଟକୁ ଫୋନ୍ ପେ'ର କର୍ମଚାରୀ କହି ଏକ ଫୋନ୍ କଲ୍ ଆସିଥିଲା। ୪୫୦୦ ଟଙ୍କା କଟିଥିବା ନେଇ ସୂଚନା ଦେବା ସହ ଏହି ଟଙ୍କା ଫେରସ୍ତ ପାଇବାକୁ ହେଲେ କିଛି ପ୍ରୋସେସ୍ ଫଲୋ କରିବା ପାଇଁ ପଡ଼ିବ ବୋଲି କହିଥିଲେ। ଏଥିରେ ବିଶ୍ୱାସ କରି ସେ କହୁଥିବା ପ୍ରୋସେସ୍‌କୁ ଚିତ୍ତରଞ୍ଜନ ଫଲୋ କରୁଥିଲେ। ପରେ ଆକାଉଣ୍ଟରୁ ୨୪୯୯୧ ଟଙ୍କା ଲେଖାଏଁ ଦୁଇ ଥରରେ ୪୯୯୮୨ ଟଙ୍କା କଟିଯିବାର ମେସେଜ ଆସିଥିଲା। ଏ ସମ୍ପର୍କରେ ଚିତ୍ତରଞ୍ଜନ ସାଙ୍ଗଙ୍କୁ ଜଣାଇବା ପରେ ସାଙ୍ଗ ସେହି ନମ୍ବରରେ ଯୋଗାଯୋଗ କରିଥିଲେ। ମାତ୍ର ଭୁଲ୍‌ବଶତଃ ଆକାଉଣ୍ଟରୁ ଟଙ୍କା କଟିଯିବା ସୂଚନା ଦେବା ସହ ଟଙ୍କା ଫେରସ୍ତ ହୋଇଯିବ ବୋଲି ତାଙ୍କ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ ପୁନର୍ବାର ପ୍ରୋସେସ୍ ଫଲୋ କରିବା ଲାଗି ଠକ ଜଣଙ୍କ କହିଥିଲେ। ମାତ୍ର ପ୍ରୋସେସ୍ ଫଲୋ କରିବାର କିଛି ସମୟ ମଧ୍ୟରେ ୨ ଥରରେ ପୁଣି ୪୯୯୯୧ ଟଙ୍କା ଆକାଉଣ୍ଟରୁ କଟିଯାଇଥିଲା। ଏ ନେଇ ଚିତ୍ତରଞ୍ଜନ ଗୋପସ୍ଥିତ ଷ୍ଟେଟ ବ୍ୟାଙ୍କରେ ପହଞ୍ଚି ନିଜ ଜମାଖାତା ବିବରଣୀ ଆଣିବା ସହ ଶାଖା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ମାତ୍ର ସେ ଠକାମିର ଶିକାର ହୋଇଥିବା ଜାଣିବା ପରେ ୬ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଘଟଣାକୁ ଗୁରୁତ୍ୱ ନ ଦେଇ ଆଜିକାଲି କହି ଦିନ ଗଡ଼ାଇଚାଲିଥିଲେ। ଶେଷରେ ଚିତ୍ତରଞ୍ଜନ ଗୁରୁବାର ମୋ ସରକାରରେ ଅଭିଯୋଗ କରିବା କଥା କହିବା ପରେ ପୋଲିସ ତତ୍ପରତା ଦେଖାଇବାରୁ ଘଟଣା ପଦାକୁ ଆସିଥିଲା। ତେବେ ଗୋପ ଥାନାଧିକାରୀ ସୁଧୀର କୁମାର ସାହୁ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।



ଅଭିଯୋଗକାରୀ ଚିତ୍ତରଞ୍ଜନ।

# ପଞ୍ଚବଟୀ ଦୋଳ ମେଳଣ

**ବାଲିଅନ୍ତା, ୧୪।୩(ଡି.ଏନ.ଏ)**

ବାଲିଅନ୍ତା ବ୍ଲକ ଅଧୀନ ଜଗନ୍ନାଥପୁର ପଞ୍ଚାୟତର ପଞ୍ଚବଟୀ ଦୋଳମେଳଣ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ରାତି ୧ଟାରୁ ମେଳଣର ଜମାଣ ଶୋଭାଯାତ୍ରା ତ୍ରିନାଥ ବଜାରରୁ ଆରମ୍ଭ ହୋଇଥିଲା। ଏଥିରେ ମେଳଣର ଥାନପତି ଶ୍ରୀ ବଟେଶ୍ୱର ମହାଦେବ ସୁସଜ୍ଜିତ ଦୋଳବିମାନ ଗୋହଳର ମଦନମୋହନ ଦେବ, ଚାରିଘରିଆର ଶ୍ରୀ ରାଧାକାନ୍ତ ଦେବ, ଜଗନ୍ନାଥପୁରର ଶ୍ରୀ ଗୋପୀନାଥ ଓ ଗୁଆଳିର ଗୋପୀନାଥଙ୍କ ଦୋଳବିମାନ ରୋଶଣି ହୋଇ ଜୟଶାସନସ୍ଥିତ ପଞ୍ଚବଟୀ ମେଳଣପଡ଼ିଆକୁ ଆସି ସ୍ଥାୟୀ ମଣ୍ଡପରେ ବିଜେ କରିଥିଲେ। ସନ୍ଧ୍ୟାରେ ମଣ୍ଡପରେ ବିଜେ ଠାକୁରଙ୍କ ବିମାନ ସମ୍ମୁଖରେ ୨୬ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦୋଳବିମାନରେ ଦର୍ଶନ ସହ ମେଳଣରେ କିଣାକିଣି କରିଥିଲେ। ରାତି ୧୧ଟାରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା। କରୋନା ଭୟ ଯୋଗୁ ମେଳଣରେ ଜନ ସମାଗମ କମ ରହିଥିଲା।

# ହୋଟେଲ ଦଖଲକୁ ନେଲା ପ୍ରଶାସନ

**ପୁରୀ ଅଫିସ, ୧୪।୩**

ପୁରୀ ବେଳାଭୂମିରେ ଥିବା ହୋଟେଲ 'ରିପଜ୍'କୁ ଶନିବାର ଜିଲା ପ୍ରଶାସନ ନିଜ ଦଖଲକୁ ନେଇଛି। ଏହି ହୋଟେଲକୁ ନେଇ ହାଇକୋର୍ଟ ଏବଂ ପରେ ସୁପ୍ରିମ୍‌କୋର୍ଟରେ ମାମଲା ହୋଇଥିଲା। ଏହାକୁ ଜିଲା ପ୍ରଶାସନ ଦଖଲକୁ ନେବା ଲାଗି ଗତ ୫ ତାରିଖରେ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପଦକ୍ଷେପ ନେବାକୁ ଜିଲାପାଳ ବଲୱନ୍ତ ସିଂ ପୁରୀ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ଉପଜିଲାପାଳ ଭବତାରଣ ସାହୁ, ତହସିଲଦାର ଆଶିଷ ସାହୁ, ସିଟି ଡିଏସ୍‌ପି କ୍ଷୀରସାଗର ନାୟକଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ଏହି ହୋଟେଲକୁ ପ୍ରଶାସନ ନିଜ ଦଖଲକୁ ଆଣିଛି। ଉକ୍ତ ହୋଟେଲକୁ ନାଲିକନା ଯଉମୁଦ ଦିଆଯାଇ ସିଲ୍ କରାଯାଇଛି।



ସୂଚନା ଭବନଠାରେ ଶନିବାର ଆୟୋଜିତ ନିଶିଗନ୍ଧା ସାହିତ୍ୟ ସଂସଦ ବସନ୍ତ ଉତ୍ସବର ରାଜ୍ୟସ୍ତରୀୟ ସମାରୋହରେ ଧରିତ୍ରୀର ଯୋଡ଼ା ଅଞ୍ଚଳର ଖବରଦାତା ମାନସ ରଞ୍ଜନ ମହାନ୍ତିଙ୍କୁ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟସାଣି ସମ୍ବର୍ଦ୍ଧିତ କରୁଛନ୍ତି।

# ରୋଗୀଙ୍କ ପାଖେ ପହଞ୍ଚି ପାରିଲାନି ୧୦୮ ଆମ୍ବୁଲାନ୍ସ

**ଗୋପ,୧୪।୩(ଡି.ଏନ୍.ଏ)**

## ରାସ୍ତାରେ ଅଚଳ ହେଲା, ଟଣା ହୋଇଗଲା



ଅଚଳ ୧୦୮ ଆମ୍ବୁଲାନ୍ସକୁ ଦଉଡ଼ିରେ ବାନ୍ଧି ଟାଣି ଟାଣି ନିଆଯାଉଛି।

ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ରହିଛି, ହେଲେ ତାହା ଠିକ୍ ସମୟରେ କାମରେ ଲାଗିପାରୁ ନାହିଁ। ଶନିବାର ଏହି ସ୍ୱାସ୍ଥ୍ୟକେନ୍ଦ୍ରର ୧୦୮ ଆମ୍ବୁଲାନ୍ସ ଜଣେ ରୋଗୀଙ୍କୁ ଆଣିବାକୁ ଯାଇ ଅଧାବାଟରେ ଅଚଳ ହୋଇପଡ଼ିଥିଲା। ଫଳରେ ଏହା ରୋଗୀଙ୍କ ନିକଟରେ ପହଞ୍ଚି ପାରିଲା ନାହିଁ। ଶେଷରେ ଏକ ଗାଡ଼ି ଦ୍ୱାରା ଟଣା ହୋଇ ଆସିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ୧୫ଦିନ ତଳେ ଏହି ୧୦୮ ଆମ୍ବୁଲାନ୍ସ (ନଂ. ଓଡି ୦୨ଇ-୯୩୫୧)ର ପଛ ଡୋର୍ ଭାଙ୍ଗିଯାଇଥିଲା। ଏଭଳି ଅବସ୍ଥାରେ ଯେନତେନ ପ୍ରକାରେ ରୋଗୀ ସେବା ଚାଲିଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶନ ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଥିଲା। ଆମ୍ବୁଲାନ୍ସର ପଛ ଡୋର୍ ମରାମତି କରାଯାଇଥିଲା। ଶନିବାର ଏହି ୧୦୮ ଆମ୍ବୁଲାନ୍ସଟି ଜଣେ ରୋଗୀ ଆଣିବାକୁ କୋଣାର୍କ ଅଞ୍ଚଳକୁ ଯାଉଥିଲା। ତେବେ ଗୋପ-କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟରେ ଅଚଳ ହୋଇପଡ଼ିଥିଲା। ପରେ ଡ୍ରାଇଭର ଆଉ ଗୋଟିଏ ଗାଡ଼ିକୁ ଭଡ଼ାରେ ଆଣି ଦଉଡ଼ି ବାନ୍ଧି ରାସ୍ତାରେ ଟାଣି ଟାଣି ନେଉଥିବା ଦେଖିବାକୁ ମିଳିଥିଲା। ଏଥିରୁ ୧୦୮ ଆମ୍ବୁଲାନ୍ସ ଦ୍ୱାରା ରୋଗୀ ସେବା କିପରି ଚାଲିଛି ତାହା ସ୍ପଷ୍ଟ ଅନୁମେୟ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଜିଲା ଦାୟିତ୍ୱରେ ଥିବା ଆମ୍ବୁଲାନ୍ସ ଅଧିକାରୀ ଲଲାଟେନ୍ଦୁ ପ୍ରଧାନଙ୍କୁ ପଚାରିବାରେ କହିଛନ୍ତି, ଖୁବ୍‌ଶୀଘ୍ର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ନୂତନ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ।

# ୪୫ ଏକରରେ ହେବ କୃତ୍ରିମ ହ୍ରଦ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

## ଜମି ଅଧିଗ୍ରହଣ ଅପେକ୍ଷାରେ ବିଏସ୍‌ସିଏଲ୍

- ବଦଳିବ ୧୦ ନମ୍ବର ପ୍ରାକୃତିକ ନାଳର ପାରିପାର୍ଶ୍ୱିକ ସ୍ଥିତି
- ଦୁଇ ପାର୍ଶ୍ୱରେ ହେବ ଚଲାପଥ, ଆଲୋକରେ ଝଲସିବ ହ୍ରଦ
- ୫୦.୯ କୋଟିର ବଜେଟ, ଜୁନ୍ ସୁଦ୍ଧା ଟେଣ୍ଡର

ଧୀରେ ଧୀରେ ବଦଳୁଛି ସ୍ମାର୍ଟସିଟି ଭୁବନେଶ୍ୱରର ରୂପ। ସ୍ମାର୍ଟ ଜନପଥ କାର୍ଯ୍ୟ ଜାରି ରହିଥିବାବେଳେ ସଂଲଗ୍ନ ଅଞ୍ଚଳକୁ ଆକର୍ଷଣୀୟ କରାଯିବ। ବିଶେଷକରି ସ୍ମାର୍ଟ ଜନପଥ ମଧଦେଇ ପ୍ରବାହିତ ୧୦ ନମ୍ବର ପ୍ରାକୃତିକ ନାଳର ପାରିପାର୍ଶ୍ୱିକ ବିକାଶ ହେବ। ଏଥିସହ ମୋଟ ୪୫ ଏକର ଜାଗାରେ ନିର୍ମାଣ ହେବ କୃତ୍ରିମ ହ୍ରଦ। ହ୍ରଦର ଦୁଇପାର୍ଶ୍ୱରେ ରହିବ ଚଲାପଥ ବା ପାଥ୍‌ୱେ ରହିବ। ଆଲୋକମାଳାରେ ଝଲସି ଉଠିବ ପୂରା ଅଞ୍ଚଳ। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଦ୍ୱାରା 'ଲେକ୍ ନ୍ୟୁଟ୍ରାଲ୍' ପ୍ରକଳ୍ପରେ ଏହି କୃତ୍ରିମ ହ୍ରଦ ଗଢ଼ି ଉଠିବ। ଏଥିପାଇଁ ନାଳ କଡ଼ରେ ରହିଥିବା ଜମିକୁ ଅଧିଗ୍ରହଣ କରାଯିବ ବୋଲି ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅଶ୍ୱିନୀ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଶହୀଦନଗର ଓ ସତ୍ୟନଗରର ମଧ୍ୟବର୍ତ୍ତୀ ପ୍ରାକୃତିକ ନାଳ, ଶାନ୍ତିପଲ୍ଲୀ ବସ୍ତି ଓ ଆଖପାଖ ଅଞ୍ଚଳକୁ ନେଇ ଏହି କୃତ୍ରିମ ହ୍ରଦ ରହିବ। ଏହି ସ୍ମାର୍ଟ ପ୍ରକଳ୍ପ ଦ୍ୱାରା ମନୋରଞ୍ଜନ ସହ ସ୍ୱଚ୍ଛତା ଲକ୍ଷ୍ୟ ହାସଲ କରାଯିବ। ସହରର ଡ୍ରେନ୍ ପାଣିକୁ ବିଶୋଧନ କରାଯାଇ ଏହି କୃତ୍ରିମ ହ୍ରଦରେ ଛଡ଼ାଯିବ। ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୫୦.୯ କୋଟି ଟଙ୍କାର ବଜେଟ ହୋଇଥିବାବେଳେ ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ ହୋଇସାରିଛି। ବିଶେଷ କରି ଶିଶୁମାନଙ୍କ ମନୋରଞ୍ଜନ ପାଇଁ ଏଥିରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ଜୁନ୍ ସୁଦ୍ଧା ଟେଣ୍ଡର କାମ ଶେଷ କରିବାକୁ ସ୍ଥିର ହୋଇଥିବା ସେ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ପ୍ରକଳ୍ପ ଅନ୍ତର୍ଗତ ୧୦ ନମ୍ବର ନାଳଟି ଜନପଥରୁ ଶାନ୍ତିପଲ୍ଲୀ ବସ୍ତି ଓ ରେଳ ଲାଇନ୍ ଦେଇ ଅତିକ୍ରମ କରିଛି। ସହରର ଅନ୍ୟ ପ୍ରମୁଖ ନାଳ ଭଳି ଏହି ନାଳ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଜବରଦଖଲରେ ରହିଛି। ଫଳରେ ଜଳ ନିଷ୍କାସନରେ ସମସ୍ୟା ଦେଖାଦେଉଛି। ତେଣୁ ପ୍ରଥମେ ଜବରଦଖଲ ଉଚ୍ଛେଦ କରାଯିବ। ଏହାପରେ ଜଳ ବିଶୋଧନ ପାଇଁ ପ୍ରକଳ୍ପ କାମ ଆରମ୍ଭ ହେବ। ଏଥିସହ କୃତ୍ରିମ ହ୍ରଦ କାର୍ଯ୍ୟ ଚାଲିବ। ହ୍ରଦ ପାଣିକୁ ବୃକ୍ଷରୋପଣ ସହ ଅନ୍ୟାନ୍ୟ କାର୍ଯ୍ୟରେ ମଧ ବ୍ୟବହାର କରିହେବ ବୋଲି ବିଶ୍ୱାଳ କହିଛନ୍ତି।

ଉଲ୍ଲେଖଯୋଗ୍ୟ, କଟକରେ ଜାଇକା ପକ୍ଷରୁ ଏଭଳି ଏକ ଲେକ୍ ନ୍ୟୁଟ୍ରାଲ୍ ପ୍ରକଳ୍ପର ଯୋଜନା ହୋଇଥିଲା, ଯାହାକି ଏବେ ସୁଦ୍ଧା ଯାଏ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏବେ ବିଏସ୍‌ସିଏଲ୍‌ର ଏହି ପ୍ରକଳ୍ପ କେତେ ଦୂର ସଫଳ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ।



ଭଗବାନ ଆମ ଅନ୍ତରରେ ପ୍ରଜ୍ଞା ଓ ବିବେକ ରୂପେ ବିରାଜିତ ରହିଛନ୍ତି। ଏହା ସହଜରେ ମନୁଷ୍ୟ ବୁଝିପାରେ ନାହିଁ।
-ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଓଡ଼ିଶାରେ ଲାଗୁ ନ ହେଉ ଏନ୍‌ପିଆର୍

ପୁରୀ ଅଫିସ,୧୪।୩:ସଂଶୋଧିତ ନାଗରିକତା ଆଇନ (ସିଏଏ), ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍)କୁ ବିରୋଧ କରିଛି ଆମେ ଭାରତବାସୀ ସଙ୍ଗଠନ। ଏହି ସଙ୍ଗଠନର ପୁରୀ ଶାଖା ପକ୍ଷରୁ ଶନିବାର ସ୍ଥାନୀୟ ମଙ୍ଗଳ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍ କିପରି ଜନବିରୋଧୀ ସେ ସମ୍ପର୍କରେ ଏହାର କାର୍ଯ୍ୟକର୍ତ୍ତା ସୂଚନା ଦେବା ସହ ୪ ଦଫା ସମ୍ବଳିତ ଦାବି ଉପସ୍ଥାପନ କରିଥିଲେ। ଏହି ଦାବିଗୁଡ଼ିକ ହେଲା ଓଡ଼ିଶାରେ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର) କାର୍ଯ୍ୟକାରୀ ନ କରିବା ପାଇଁ ବିଧାନସଭାରେ ଏକ ପ୍ରସ୍ତାବ ପାରିତ କରାଯାଉ। ପ୍ରସ୍ତାବିତ ଏନ୍‌ଆର୍‌ସି ବାତିଲ କରାଯାଉ ଏବଂ ସମ୍ବିଧାନ ବିରୋଧୀ, ଧର୍ମ ନିରପେକ୍ଷତା ବିରୋଧୀ ଓ ଗରିବ ବିରୋଧୀ ସିଏଏ ପ୍ରତ୍ୟାହାର ହେଉ। ଏଥିଲାଗି ସଙ୍ଗଠନ ପକ୍ଷରୁ ଦସ୍ତଖତ ଅଭିଯାନ ଚାଲିଛି। ଆସନ୍ତା ୨୩ ତାରିଖରେ ସବୁ ଜିଲାରୁ ଦସ୍ତଖତ ସଂଗ୍ରହ କରାଯିବା ପରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହି ଦାବି ଉପସ୍ଥାପନ କରାଯିବ ବୋଲି ସଙ୍ଗଠନର ମୋହନ ନାଇଡୁ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଶ୍ରୀକାନ୍ତ ମହାନ୍ତି, ଭୀମସେନ ସ୍ୱାଇଁ, ବଟକୃଷ୍ଣ ସ୍ୱାଇଁ, ପବିତ୍ର ମୋହନ ଦଳେଇ, ତ୍ରିନାଥ ମହାରଣା, ବିଦେଶୀ ନାୟକ, ବାବୁଲି ନାୟକ, ଅଶୋକ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### କଣାସ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଇସ୍ତଫା

କଣାସ,୧୪।୩(ସ୍ୱ.ପ୍ର.)- କଣାସ ପଞ୍ଚାୟତ ସମିତି ଅଧ୍ୟକ୍ଷ ରମେଶ ଚନ୍ଦ୍ର ସେଠୀ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଏହି ପତ୍ରକୁ ପୁରୀ ଜିଲାପାଳ ବଲୱନ୍ତ ସିଂ ଶୁକ୍ରବାର ଗୃହୀତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସମର୍ଥକ ରମେଶଚନ୍ଦ୍ର ସେଠୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ପାଇଁ ଦଳରୁ ମନୋନୀତ ହୋଇଥିଲେ। କିନ୍ତୁ ଦଳର ଅନ୍ୟ କେତେଜଣ ସମର୍ଥକ ଏହାକୁ ବିରୋଧ କରିଥିଲେ। ଫଳରେ ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତ ସମିତିର କାର୍ଯ୍ୟକାଳର ଅଧା ସମୟ ଶ୍ରୀ ସେଠୀ ଅଧ୍ୟକ୍ଷ ରହିବେ ଏବଂ ବଡ଼ାସ ସମିତିସଭ୍ୟ ସାଗର ବେହେରା ଆଉ ଅଧା ସମୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ରହିବେ ବୋଲି ନିଷ୍ପତ୍ତି ହୋଇଥିଲା। ରମେଶଚନ୍ଦ୍ର ସେଠୀ ପ୍ରଥମ ଅଢ଼େଇବର୍ଷ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ସମୟସୀମା ଶେଷ ହେବା ପରେ ବିଧାୟକ ସମର୍ଥକଙ୍କ ମଧ୍ୟରେ ଇସ୍ତଫା ପାଇଁ ଦାବି ହେବାରୁ ସେ ଫେବୃୟାରୀ ୧୫ରେ ବିଡିଓଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ବିଡିଓ ଇସ୍ତଫାପତ୍ର ପାଇବା ପରେ ଜିଲାପାଳଙ୍କ ନିକଟକୁ ପଠାଇଥିଲେ। ଜିଲାପାଳ ଶୁକ୍ରବାର ସେଠୀଙ୍କ ଇସ୍ତଫାପତ୍ର ଗୃହୀତ କରିବା ସହ କଣାସ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସସ୍ମିତା ସୁନ୍ଦରାୟଙ୍କୁ ଅଧ୍ୟକ୍ଷ ନିର୍ବାଚନ ହେବା ପର୍ଯ୍ୟନ୍ତ ଦାୟିତ୍ୱ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ବନ୍ଦ ହେଲା ଦୋଳ ଉତ୍ସବ

- କରୋନା ରୋଗର ସତର୍କତା ପାଇଁ ପ୍ରସ୍ତୁତ ଜିଲା ପ୍ରଶାସନ
- ଖୋର୍ଦ୍ଧା ଜିଲାସ୍ତରୀୟ ବୈଠକ
- ସହରରେ ବୁଲିଲା ପ୍ରଚାର, ଗାଁକୁ ନାହିଁ

ଖୋର୍ଦ୍ଧା ଅଫିସ, ୧୪।୩



କରୋନା ପାଇଁ ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ବୈଠକ ।

କରୋନା ଭୂତାଣୁ ଏବେ ସାରା ରାଜ୍ୟରେ ଚହଳ ପକାଇଛି। ସେଥିପାଇଁ ରାଜ୍ୟ ସରକାର ଏହାକୁ ବିପତ୍ତି ଭାବେ ଘୋଷଣା କରିଛନ୍ତି। ସ୍କୁଲ, କଲେଜକୁ ଶନିବାରଠାରୁ ଆସନ୍ତା ୩୧ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ମାତ୍ର ବାର୍ଷିକ ପରୀକ୍ଷା ବିଦ୍ୟାଳୟଗୁଡ଼ିକରେ ଚାଲୁ ରହିବ ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ନଂ. ୫୮୪୬ ଯୋଗେ ସମସ୍ତ ଡିଇଓ, ଡିପିସି ଏବଂ ବିଇଓମାନଙ୍କୁ ଅବଗତ କରାଯାଇଛି। ଏହି ରୋଗ ପ୍ରତି ସର୍ତ୍ତକ ରହିବାକୁ ଖୋର୍ଦ୍ଧା ଜିଲା ପ୍ରଶାସନର ଚିନ୍ତା ବଢ଼ି ଯାଇଛି। ମାତ୍ର ଜିଲାର ସମସ୍ତ ସହର ଓ ଗ୍ରାମାଞ୍ଚଳରେ କିଭଳି ଏହି ରୋଗ ନ ବ୍ୟାପିବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ସିତାଂଶୁ କୁମାର ରାଉତ ଗୁରୁତ୍ୱ ଦେଇଛନ୍ତି। କରୋନାକୁ ନେଇ ଶନିବାର ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ମେଳା, ମହୋତ୍ସବ, ଜନସମାଗମ, ଶୋଭାଯାତ୍ରା ଉପରେ କଟକଣା ଲଗା ଯାଇଛି। ଦୋଳଯାତ୍ରା କମିଟି ପକ୍ଷରୁ ଆୟୋଜିତ ଉତ୍ସବକୁ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଜିଲାର ଗୁରୁଜଙ୍ଗ, ଲେଖନପୁର, ପିଚୁକୁଳି, ସିମୋର ଆଦି ଦୋଳ କମିଟିକୁ ପ୍ରଶାସନ ପକ୍ଷରୁ ଜନସମାଗମ ନ କରିବାକୁ କୁହାଯାଇଛି। ହେଲେ ପରମ୍ପରାକୁ ଭଙ୍ଗ କରା ନ ଯାଇ ଯାତ୍ରା ପଡିଆରେ କେବଳ ଠାକୁରମାନଙ୍କ ନୀତି ସମ୍ପନ୍ନ ହେବ।

ଜିଲାପାଳ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ସିଡିଏମ୍‌ଓ ବିଶ୍ୱ ରଞ୍ଜନ ପତି, ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଉପଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ସହ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ବିଡିଓ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଉପସ୍ଥିତ ଥିଲେ। ଜିଲା ସଦର ମହକୁମାର ଥିବା ଚିକିତ୍ସାଳୟ, ଗ୍ରାମାଞ୍ଚଳରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱତନ୍ତ୍ର ୱାର୍ଡ ଖୋଲାଯିବା ସହ ବିଭିନ୍ନ ପ୍ରକାରର ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସ୍ଥିର ହୋଇଛି। ଜଳ ଯୋଗାଣ ଓ ବିଦ୍ୟୁତ୍ ଯୋଗାଣ, ଶୌଚାଳୟ, ଆବଶ୍ୟକ ଶଯ୍ୟା ବ୍ୟବସ୍ଥା କରାଯିବ। ଔଷଧ ଓ ଆମ୍ବୁଲାନ୍ସ ସେବାକୁ ତ୍ୱରାନ୍ୱିତ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ରୋଗୀ ରହିବା ପାଇଁ ଆଇସୋଲେଶନ ହୋମ୍ ବ୍ୟବସ୍ଥା କରାଯିବ। ସେଥିପାଇଁ ସ୍ଥାନୀୟ ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ, ପୋଲିସ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କରୋନା ରୋଗର ନିୟନ୍ତ୍ରଣ ପାଇଁ ଆଲର୍ଟ ରହିବେ। ଅନ୍ୟପକ୍ଷରେ ଗାଁକୁ ଗାଁ ବୁଲି କରୋନା ସମ୍ପର୍କିତ ମାଇକ ପ୍ରଚାର ସଚେତନତାବାର୍ତ୍ତା ବଣ୍ଟାଯିବ ବୋଲି ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଥିଲା। ମାତ୍ର ଏହି ପ୍ରଚାର କେବଳ ସହରାଞ୍ଚଳରେ ସୀମିତ ରହି ଯାଇଥିବା ବେଳେ ଗାଁକୁ ନାହିଁ ବୋଲି ଜଣାପଡିଛି।



ଶୁଭଖୁଣ୍ଟିକୁ ମେଳଣ ପଡିଆରେ ପୋତିବା ଲାଗି ଶୋଭାଯାତ୍ରାରେ ନିଆଯାଉଛି ।

# ମାଲୁଦ ପଞ୍ଚୁଦୋଳ, ପହଞ୍ଚିଲା ଶୁଭଖୁଣ୍ଟ

## ୨୩ ଠାକୁରଙ୍କ ସହ ବିଜେ ହୁଅନ୍ତି ଦଧିବାମନ

କୃଷ୍ଣପ୍ରସାଦ,୧୪।୩ (ଡି.ଏନ.ଏ.)

କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ଐତିହାସିକ ମାଲୁଦ ପଞ୍ଚୁଦୋଳ ଯାତ୍ରା ପାଇଁ ଶନିବାର ଶୁଭଖୁଣ୍ଟ ପଡିଆରେ ପହଞ୍ଚି ଥିଲା। ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସୁସଜ୍ଜିତ ୭୦ ଫୁଟ ଉଚ୍ଚତା ବିଶିଷ୍ଟ ଶୁଭଖୁଣ୍ଟ ନେଇ ଯାତ୍ରା ପଡିଆରେ ପୋତା ଯାଇଥିଲା। ଉକ୍ତ ପଡିଆକୁ ମାଲୁଦ ଦଧିବାମନ ଦେବ ଏବଂ ବଜ୍ରକୋଟ ଗାଁ କୁଞ୍ଜେଶ୍ୱରଙ୍କ ପୀଠରୁ ଏହିଭଳି ୨ଟି ଶୁଭ ଖୁଣ୍ଟ ଯାଇଥାଏ। ୨୪ ମୌଜା ପରିଚାଳନା କମିଟି ଦ୍ୱାରା ଯାତ୍ରା ପରିଚାଳନା କରାଯାଏ। ମାଲୁଦ ଦଧିବାମନ ଦେବ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରିଥାନ୍ତି। ଦଧିବାମନଦେବଙ୍କ ମାର୍ଫତଦାର ମୌଜାର ସଭାପତି ଦାୟିତ୍ୱ ନିର୍ବାହ କରିଥାନ୍ତି। ରବିବାର ଭୋରରୁ ପାଟପଟୁଆର ସହ ବିଭିନ୍ନ ଗ୍ରାମରୁ ସୁସଜ୍ଜିତ ମେଢରେ ୨୩ ଠାକୁରଙ୍କୁ ପଡିଆକୁ ବିଜେ କରିବେ। ସେଠାରେ ଠାକୁରଙ୍କୁ ୩ଦିନ ଧରି ଭୋଗ ଅର୍ପଣ କରାଯାଏ। ଚଳିତବର୍ଷ କରୋନା ଯୋଗୁ ମନୋରଞ୍ଜନ କାର୍ଯ୍ୟକ୍ରମ ଏବଂ ପୁସ୍ତକ ମେଳାକୁ ବାତିଲ କରାଯାଇଛି। ଠାକୁରଙ୍କ ମେଳଣ ଦେଖିବାକୁ ପୁରୀ, ଗଞ୍ଜାମ, ନୟାଗଡ, ଖୋର୍ଦ୍ଧା ଜିଲାରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥାନ୍ତି। ଶାନ୍ତି ଶୃଙ୍ଖଳା ତଥା ସୁରକ୍ଷା ପାଇଁ କୃଷ୍ଣପ୍ରସାଦ ଥାନା ପୋଲିସ ସହଯୋଗ କରିଥାନ୍ତି। କମିଟି ପକ୍ଷରୁ ମଧ୍ୟ ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇଥିବା ଅନୁଷ୍ଠାନର ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି।

# ବିଶ୍ୱକର୍ମାଙ୍କ ଦ୍ୱାରା ରଥକାଠ ଅନୁକୂଳ

## ଶ୍ରୀକପିଳେଶ୍ୱରଙ୍କ ବିଜୟା ରଥଯାତ୍ରା

ନିରାକାରପୁର,୧୪।୩(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ଶ୍ରୀକପିଳେଶ୍ୱରଦେବଙ୍କ ବିଜୟା ରଥଯାତ୍ରା ଆସନ୍ତା ଏପ୍ରିଲ୧ରେ ହେବ। ଏଥିପାଇଁ ରଥଖଳାରେ ବିଶ୍ୱକର୍ମାମାନଙ୍କ ଦ୍ୱାରା ରଥ ଅନୁକୂଳ କାର୍ଯ୍ୟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରଥ ନିର୍ମାଣ ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ବିଧିବଦ୍ଧ ଭାବେ ରାମେଶ୍ୱର ପଞ୍ଚାୟତସ୍ଥିତ ମଧୁବନ ଗ୍ରାମରେ ପହଞ୍ଚି ବିଶ୍ୱକର୍ମାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହା ପରେ ମହାରଣା ସେବାୟତମାନେ ଠାକୁରଙ୍କ ରଥଖଳାରେ ପହଞ୍ଚି ରଥକାର୍ଯ୍ୟ ପାଇଁ ଶୁଭାରମ୍ଭ କରିଛନ୍ତି। ଯାତ୍ରାର ନିର୍ଦ୍ଧାରିତ ସମୟ ସୀମା ପୂର୍ବରୁ ରଥ ପ୍ରସ୍ତୁତି କରି ମନ୍ଦିର ଟ୍ରଷ୍ଟକୁ ହସ୍ତାନ୍ତର କରାଯିବ ବୋଲି ବିଶ୍ୱକର୍ମାମାନେ କହିଛନ୍ତି। ଟ୍ରଷ୍ଟ ବୋର୍ଡର ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ, କିଶୋର କୁମାର ଦାଶ, ଅଜୟ କୁମାର ମହାନ୍ତି, ହରେକୃଷ୍ଣ ଦାଶ ଏହି ସୂଚନା ଦେଇଛନ୍ତି।



ବିଶ୍ୱକର୍ମା ରଥ କାଠକୁ ଅନୁକୂଳ କରୁଛନ୍ତି ।

# ଜମାଣ ରାତିରେ ମେଳଣ ପଡ଼ିଆ ଆତସବାଜିରେ ଝଲସିଲା

## ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ମେଳଣ

ଜଟଣୀ, ୧୪।୩(ଡି.ଏନ.ଏ.) :



ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ ଜମାଣ ଲାଗି ମନ୍ଦିରରୁ ବାହାରୁଛନ୍ତି ।



ଜମାଣ ଅବସରରେ ଆତସବାଜି ପ୍ରଦର୍ଶନ ।

ଓଡ଼ିଶା ପ୍ରସିଦ୍ଧ ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣ ଶନିବାର ରାତିରୁ ଆରମ୍ଭ ହୋଇଛି। ଜଟଣୀ ନିକଟବର୍ତ୍ତୀ ହରିରାଜପୁର ଗ୍ରାମରେ ଅନୁଷ୍ଠିତ ଏହି ମେଳଣର ଶନିବାର ଜମାଣ ରାତିରେ ଲକ୍ଷାଧିକ ଜନସମାଗମ ହୋଇଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରଖ୍ୟାତ ବାଣୁଆଙ୍କ ବ୍ୟତୀତ ମାନସିକ ପୂରଣ ହୋଇଥିବା ବହୁ ଭକ୍ତ ଏଠାରେ ରାତିତମାମ ବାଣ ଫୁଟାଇଥିଲେ। ଆତସବାଜି ପ୍ରଦର୍ଶନରେ ମେଳଣ ପଡ଼ିଆ ଝଲସି ଉଠିଥିଲା।

ବିଳମ୍ବିତ ରାତିରେ ଥାନପତିଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବ ଜମାଣ ରାତିରେ ମନ୍ଦିରରୁ ବାହାରି ଥିଲେ। ବାହାରିବା ପରେ ବାଟ ଅଗଣାରେ ରହିଥିଲେ। ସେଠାରେ ଭଣ୍ଡାର ଘରୁ କୋଠଭୋଗ ଆସିବା ପରେ ଲାଗି କରାଯାଇଥିଲା। ଏହାପରେ ଠାକୁର ଦୋଳ ବିମାନକୁ ବିଜେ କରିଥିଲେ। ପରେ ପଶ୍ଚିମଦ୍ୱାର ଦେଇ ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ଯାତ୍ରା କରିଥିଲେ। ପଟୁଆରରେ ଯିବା ସମୟରେ ବାଟରେ ଥିବା ଶ୍ରୀଗୋପାଳଜୀ(ମଠ ଠାକୁର) ଓ ଶ୍ରୀବାଳମୁକୁନ୍ଦ ଦେବ ପାଲିଙ୍କିରେ ଥାନପତିଙ୍କ ସହ ମେଳଣ ପଡ଼ିଆକୁ ଯାଇଥିଲେ। ଏହି ଅବସରରେ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ ସହ ରଙ୍ଗବେରଙ୍ଗ କଳରଙ୍ଗ, ବାଦ୍ୟରୋଶଣି, ଘଣ୍ଟ ଘଣ୍ଟା, ତୂରୀ, ମହୁରି, ଶଙ୍ଖନାଦ, ଘୋଡାନାଚ, ନାଗାନାଚ, ପଞ୍ଚାଖେଳ, ରାଜାରାଣୀ ଆଦି ନୃତ୍ୟରେ ଚତୁଃପାର୍ଶ୍ୱ ପ୍ରକମ୍ପିତ ହୋଇଉଠିଥିଲା। ଏଥିସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ମେଳଣ ପଡ଼ିଆରେ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିବା ୮୦ ହରିହର ବିଗ୍ରହ ଦୋଳବିମାନରେ ଉପବିଷ୍ଟ ରହିଥିଲେ। ୮୦ ଏକର ବିଶିଷ୍ଟ ମେଳଣ ପଡ଼ିଆରେ ୧୫ ଶହ ଅସ୍ଥାୟୀ ଦୋକାନ ବଜାର ହେବା ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ପ୍ରସିଦ୍ଧ ମେଳଣ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆସନ୍ତା ମଙ୍ଗଳବାର ଠାକୁର ମେଳଣ ଉତ୍ସବ ଅନୁଷ୍ଠିତ ହେବ।

# କମ୍ପାନୀ କର୍ମଚାରୀଙ୍କ ୪ ଆଙ୍ଗୁଠି କଟିଲା

ଗୋପ, ୧୪।୩(ଡି.ଏନ୍.ଏ):

ଗୋପ-କୋଣାର୍କ ରାସ୍ତାର ସାରଡ଼ା ଛକ ନିକଟସ୍ଥ ଏକ ଦୁଗ୍ଧ କମ୍ପାନୀର ଜଣେ ମେଶିନ୍ ଅପରେଟରଙ୍କ ବାମ ହାତର ୪ଟି ଆଙ୍ଗୁଠି ମେଶିନରେ କଟି ଛିଡ଼ିଯାଇଛି। ଏଭଳି ଦୁର୍ଘଟଣାର ଶିକାର ହୋଇଛନ୍ତି ଶ୍ରୀକେରେଣ୍ଡା ଗ୍ରାମର ସୂର୍ଯ୍ୟ ନାରାୟଣ ସେଠୀ(୨୪)। ସୂର୍ଯ୍ୟନାରାୟଣ ଶନିବାର ସକାଳେ ମେଶିନ୍‌ରେ ପନିର କାଟୁଥିଲେ। ଏହି ସମୟରେ ତାଙ୍କ ଅସାବଧାନତା ଯୋଗୁ ମେଶିନରେ ବାମ ହାତର ୪ଟି ଆଙ୍ଗୁଠି ପଶିଯିବାରୁ କଟି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ କର୍ମଚାରୀମାନେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରି କଟି ଯାଇଥିବା ୪ଟି ଆଙ୍ଗୁଠି ସହ କର୍ମଚାରୀଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଏହି ଘରୋଇ କମ୍ପାନୀରେ ବାରମ୍ବାର ବିଭିନ୍ନ ଦୁର୍ଘଟଣା ଘଟୁଥିବାରୁ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ କର୍ମଚାରୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ଭିଲିଦେଉଳିରେ ଗଣ୍ଡଗୋଳ ଘଟଣା, ୪ ଗିରଫ

ନିମାପଡ଼ା,୧୪।୩(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଦେଉଳି ଗ୍ରାମରେ ଗଣ୍ଡଗୋଳ ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ଦୁଃଶାସନ ଭୋଇ, କାଳନ୍ଦୀ ଭୋଇ,ସୁଦର୍ଶନ ବେହେରା ଓ ମିଥୁନ ବେହେରା। ନିମାପଡ଼ା କୋର୍ଟରେ ସେମାନଙ୍କ ଜାମିନ ନାମଞ୍ଜୁର ହୋଇଯାଇଛି। ପୂର୍ବ ବିବାଦକୁ କେନ୍ଦ୍ରକରି ଶୁକ୍ରବାର ରାତିରେ ଭିଲିଦେଉଳି ଗାଁରେ ଦଳିତ ସମ୍ପ୍ରଦାୟର ପ୍ରାୟ ୭୦ ଜଣ ବ୍ୟକ୍ତି ସବର୍ଣ୍ଣ ସମ୍ପ୍ରଦାୟର କେତେଜଣ ବ୍ୟକ୍ତିଙ୍କ ଘରେ ପଶି ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ଆସବାବପତ୍ର ଫୋପାଡି ଦେଇଥିଲେ। ଆକ୍ରମଣରେ ୨୦ ଜଣ ଗୁରୁତର ହୋଇଥିଲେ। ଭରତ ସ୍ୱାଇଁ, ସଚ୍ଚି ସ୍ୱାଇଁ, ବିକାଶ ସ୍ୱାଇଁ, ସଖି ସ୍ୱାଇଁଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗ୍ରାମର ଶରତ ନାୟକ, ବିଚି ସ୍ୱାଇଁ, ମନୋଜ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ସମେତ ସବର୍ଣ୍ଣ ଶ୍ରେଣୀର ଶତାଧିକ ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଦଳିତ ଶ୍ରେଣୀର ୭୩ ଜଣଙ୍କ ବିରୋଧରେ ନଂ.୬୬/୨୦ରେ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ଆଇଆଇସି ଜନାର୍ଦ୍ଦନ ପାଢୀ କୁହନ୍ତି, ଗ୍ରାମରେ ଶାନ୍ତିଶୃଙ୍ଖଳା ପାଇଁ ଫୋର୍ସ ମୁତୟନ କରାଯାଇଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ବିବାଦର ସ୍ଥାୟୀ ସମାଧାନ ପାଇଁ ଚେଷ୍ଟା ଚାଲିଛି। ଅନ୍ୟପକ୍ଷରେ ଗୁରୁବାର ରାତିରେ ଦଳିତ ଶ୍ରେଣୀର ଜିତୁ ବେହେରା ଓ ତାଙ୍କର ୮ଜଣ ସାଙ୍ଗ ଯାତ୍ରା ଦେଖି ଫେରୁଥିବା ବେଳେ ସବର୍ଣ୍ଣ ଶ୍ରେଣୀର କେତେଜଣ ଯୁବକ ସେମାନଙ୍କୁ ଅଟକାଇବା ସହ ଗାଳିଗୁଲଜ କରିଥିଲେ।

# କରୋନା ଭୟ: ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ସମୂହ ଦୀପଦାନ

ନିରାକାରପୁର,୧୪।୩(ଡି.ଏନ.ଏ.)

ବିଶ୍ୱରେ କରୋନା ଏବେ ମହାମାରୀ ରୂପ ନେଇଛି। ୪୫ ଦିନ ମଧ୍ୟରେ ବିଶ୍ୱର ୧୨୯ଟି ଦେଶକୁ କରୋନା ବ୍ୟାପିଲାଣି। କରୋନା ପ୍ରଭାବ ଏତେ ମାତ୍ରାରେ ବଢ଼ିବାରେ ଲାଗିଛି ଯେ ବିକାଶଶୀଳ ଦେଶରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହାକୁ ରାଜ୍ୟ ବିପତ୍ତି ଭାବେ ଘୋଷଣା କରିଛନ୍ତି। ଏଥିରୁ ମୁକ୍ତି ମିଳିବା ଆଶାରେ ଖୋର୍ଦ୍ଧା ଜିଲା ନିରାକାରପୁରରେ ଥିବା ଶ୍ରୀରାମ ଦୟା ପରିଷଦ, ଖବରଦାତା ସଂଘ, ବଣିକ ସଂଘ, ଆଞ୍ଚଳିକ ଉନ୍ନୟନ କମିଟି, ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ଏକାଠି ହୋଇଥିଲେ। ସମସ୍ତେ ମିଳିତ ହୋଇ ଶନିବାର ସ୍ଥାନୀୟ ରାମ ମନ୍ଦିରସ୍ଥିତ ମାରୁତି ମଣ୍ଡପରେ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ସମୂହ ଦୀପଦାନ କରିଥିଲେ। ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ମଧ୍ୟ କରିଥିଲେ। ଏଥିରେ ଶ୍ରୀରାମଦୟା ପରିଷଦର ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ଖବରଦାତା ଉମେଶ ପଟ୍ଟନାୟକ, ବଣିକ ସଂଘ ସମ୍ପାଦକ ପବିତ୍ର ମୋହନ ସାହୁଙ୍କ ସମେତ ଅନେକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।



ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ସମୂହ ଦୀପ ଦାନ କରାଯାଉଛି ।

# ପ୍ରଖର ହେଲାଣି ତାତି, ରାସ୍ତାଘାଟ ଶୂନ୍‌ଶାନ

ଖୋର୍ଦ୍ଧା ଅଫିସ, ୧୪।୩:



ତାତି ଯୋଗୁ ଖୋର୍ଦ୍ଧା ସହର ରାସ୍ତା ଶୂନଶାନ ।

ଚୈତ୍ର ଆରମ୍ଭରୁ ପ୍ରଖର ହେଲାଣି ତାତି। ଧୀରେ ଧୀରେ ପାରଦ ବଢ଼ିବାରେ ଲାଗିଛି। ଆଉ କିଛିଦିନ ପରେ ବୈଶାଖ ଖରା ଅନୁଭୂତ ହେବ। ତେବେ ଏବେଠୁ ତାତି ଓ ଝାଞ୍ଜିରେ ଯେଉଁ ପରିମାଣରେ ହେଉଛି ଆଗକୁ ସ୍ଥିତି ଅସମ୍ଭାଳ ହେବ ବୋଲି ସାଧାରଣରେ ଭାଳେଣି ପଡିଲାଣି। ଶନିବାର ଖୋର୍ଦ୍ଧା ସହର ଓ ଏହାର ଆଖପାଖ ଅଞ୍ଚଳରେ ତାପମାତ୍ରା ୩୪ ଡିଗ୍ରୀ ଅତିକ୍ରମ କରିଛି। ସକାଳ ପ୍ରାୟ ୯ଟାରୁ ତାତି ଆରମ୍ଭ ହୋଇ ଅପରାହ୍ନ ୨ଟା ପରେ ଆକାଶ ମେଘାଚ୍ଛନ୍ନ ହୋଇଥିଲା। ତାତିରୁ ଟିକେ ମୁକ୍ତି ମିଳୁଥିଲା। ସକାଳ ସମୟରେ ଘରୁ ପଦାକୁ ବାହାରିଲା ବେଳେ ଲୋକେ ହାତରେ ଛତା, ପାଦରେ ଯୋତା ଓ ମୁଣ୍ଡରେ ଗାମୁଛା ଏବଂ ଟୋପି ପନ୍ଧୁଥିବା ଦେଖିବାକୁ ମିଳିଲାଣି। ପୂର୍ବାହ୍ନ ୧୦ଟା ବେଳୁ ସହର ଓ ଗ୍ରାମାଞ୍ଚଳରେ ଥିବା ଦୋକାନ ବଜାରଗୁଡିକରେ ଭିଡ କମି ଯାଇଥିଲାବେଳେ ରାସ୍ତାଘାଟ ଖାଁ ଖାଁ ଲାଗୁଥିଲା। ବୃକ୍ଷ କାଟ ଓ ବାୟୁମଣ୍ଡଳ ପ୍ରଦୂଷଣ ଯୋଗୁ ଏଭଳି ଖରା ତାତି, ବୃଦ୍ଧି ପାଉଛି ବୋଲି ଲୋକେ ଆଲୋଚନା କରୁଛନ୍ତି। ଅନ୍ୟପକ୍ଷରେ ଅଂଶୁଘାତ ମୁକାବିଲା ପାଇଁ ଏଯାଏ ଜିଲା ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ନ ଥିବା ଭଳି ମନେ ହେଉଛି। କେବଳ ରାସ୍ତାକଡରେ ତରଭୁଜ, କାକୁଡି, ଆଇସ୍କ୍ରିମ୍, ଦହିବରା ଓ ଆଖୁରସ ବେପାରୀଙ୍କ ପସରା ଧୀରେ ଧୀରେ ଜମୁଛି। କାଁ ଭାଁ ପଇଡ ଓ ଲସି ଦୋକାନ ଖୋଲିଛି। ବାଟୋଇମାନେ ତାତିରୁ ମୁକ୍ତି ପାଇଁ ଟିକେ ବିଶ୍ରାମ ନେବାକୁ ରାସ୍ତା କଡରେ ଗଛ ଖୋଜୁଥିବା ବେଳେ ରାଜପଥ ସମ୍ପ୍ରସାରଣ କାରଣରୁ ଅନେକ ବଡ ଗଛ ବଳି ପଡିଯାଇଛି। ସେହିପରି ଜିଲାର ଅନେକ ଜାଗାରେ ଜଳଛତ୍ର ଖୋଲା ଯିବାପାଇଁ ପାନୀୟଜଳ ଟ୍ୟାପର ସୁବନ୍ଦୋବସ୍ତ କରାଯାଇନାହିଁ। କେତେକ ଜାଗାରେ ମଧ୍ୟ ଟ୍ୟାପ ଥାଇ ତାହା ମରାମିତ ଅଭାବରୁ ଅଚଳ ହୋଇପଡିଛି। ଅନ୍ୟପକ୍ଷରେ ଜିଲାର ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ନିୟନ୍ତ୍ରଣ ପାଇଁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିଲା ବେଳେ ତାହା ଏବେଯାଏ କାର୍ଯ୍ୟକାରୀ ହୋଇନାହିଁ। ଜିଲାର ଟାଙ୍ଗୀ, ବୋଲଗଡ଼ ଓ ହଳଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଂଶୁଘାତ ନିୟନ୍ତ୍ରଣ କକ୍ଷ ପରିସରରେ ଲଗା ଯାଇଥିବା ଏସି ମେଶିନ ଗୁଡିକ ମରାମତି ଅଭାବରୁ ଅଚଳ ହୋଇ ପଡିରହିଛି। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀମାନଙ୍କ ପକ୍ଷରୁ ଏବେ ଯାଏ ଅଂଶୁଘାତ ମୁକାବିଲା ବୈଠକ ବସିନାହିଁ। ଅନ୍ୟପକ୍ଷରେ ଜିଲାର ବହୁ ଗ୍ରାମରେ ନଳକୂପ ଅଚଳ ହୋଇପଡିଛି। ବିଦ୍ୟୁତ୍ ବିଲ୍ ବାକି ଥାଇ ପ୍ରାୟ ୧୭ଟି ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପକୁ ସରବରାହ ବିଚ୍ଛିନ୍ନ କରାଯାଇଛି। ଫଳରେ ଶତାଧିକ ଗ୍ରାମ ପାନୀୟ ଜଳ ଯୋଗାଣରୁ ବଞ୍ଚିତ ହୋଇ ରହିଛି। ତେବେ ଏବେଠୁ ଯଦି ଜିଲା ପ୍ରଶାସନ ପକ୍ଷରୁ ଅଂଶୁଘାତ ମୁକାବିଲା ପାଇଁ ତତ୍ପରତା ପ୍ରକାଶ ନ ପାଏ ତେବେ ଆଗକୁ ପରିସ୍ଥିତି ଅଣାୟତ୍ତ ହେବ ବୋଲି ଆଶଙ୍କା କରାଯାଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଶ୍ୱରଞ୍ଜନ ପତିଙ୍କୁ ପଚାରିବାରେ ଅଂଶୁଘାତ ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ରହିଛି। ବର୍ତ୍ତମାନ ତ ସେଭଳି ତାତି ପ୍ରଖର ହୋଇନାହିଁ। ତଥାପି ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ଭାବେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯିବା ସହ ବିଧିବଦ୍ଧ ପ୍ରକ୍ରିୟା ଜାରି ରହିଛି ବୋଲି ସେ କହିଛନ୍ତି।



ନିଜ ଦୋଷକୁ ସ୍ୱୀକାର କଲେ ମନ ଶାନ୍ତ ଓ ପବିତ୍ର ହୋଇଥାଏ।
- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ମହିଳାଙ୍କ ବେକରୁ ଚେନ୍ ଲୁଟ୍

**ପିପିଲି,୧୪।୩(ସ୍ୱ.ପ୍ର.):** ପିପିଲି ଥାନା ତେଇସିପୁର ଅଞ୍ଚଳରେ ଶୁକ୍ରବାର ଜଣେ ମହିଳା ବଜାର ଯାଉଥିବାବେଳେ ଦୁଇ ଦୁର୍ବୃତ୍ତ ବାଇକ୍‌ରେ ଆସି ବେକରୁ ଚେନ୍ ଲୁଟି ନେଇଛନ୍ତି। ସୂଚନା ମୁତାବକ, ସ୍ଥାନୀୟ ଅଞ୍ଚଳର ମହିଳା ଜଣକ ସଉଦା ପାଇଁ ଗାଁ ବଜାରକୁ ଯାଉଥିଲେ। ଏହି ସମୟରେ ଦୁଇଜଣ ଯୁବକ ବାଇକ୍‌ରେ ପିଛାକରି ଏକ ନିଛାଟିଆ ସ୍ଥାନ ବ୍ରିଜ୍ ପାଖରେ କୌଶଳକ୍ରମେ ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ପଳାଇଥିଲେ। ଅଧା ଛିଣ୍ଡା ଚେନ୍ ମହିଳାଙ୍କ ହାତରେ ଥିବାବେଳେ ସେ ପାଟିକରିଥିଲେ ସୁଦ୍ଧା ଦୁର୍ବୃତ୍ତ ବଜାର ରାସ୍ତା ଆଡ଼କୁ ଚମ୍ପଟ ମାରିଥିଲେ। ଲୁଟେରାଙ୍କ ଲୁଟ୍ ଦେଖି ମହିଳା ଜଣକ ଭୟଭୀତ ହୋଇଯାଇଥିବା ବେଳେ ଉକ୍ତ ଚେନ୍‌ଟି ଇମିଟେଶନ ଥିବା ଜଣାପଡିଛି।

### ଲୁଟେରା ଗିରଫ,୫ ବାଇକ ଜବତ

**ଭୁବନେଶ୍ୱର,୧୪।୩ (ବ୍ୟୁରୋ):** ବାଇକ୍ ଚୋରି କରୁଥିବା ଜଣେ ଲୁଟେରାଙ୍କୁ ଖଣ୍ଡଗିରି ଥାନା ପୋଲିସ ଶନିବାର ଗିରଫ କରିଛି। ସେ ହେଲେ ଡୁମୁଡୁମା ଅଞ୍ଚଳର ଶେଖ୍ ନୁର୍ ଆଲାମ୍(୨୬)। ତାଙ୍କ ନିକଟରୁ ୫ଟି ଚୋରି ବାଇକ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ଖଣ୍ଡଗିରି ଅଞ୍ଚଳରୁ ବାଇକ୍ ଚୋରି ହେଉଥିବାର ଅଭିଯୋଗ ଥାନାକୁ ଆସୁଥିଲା। ପୋଲିସ ଏନେଇ ମାମଲା ରୁଜୁ କରି ଲୁଟେରାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନଥିଲେ। ଗତ ୮ ତାରିଖରେ ଖଣ୍ଡଗିରି କ୍ରିଷ୍ଣାବିହାର ଫେଜ୍-୨ରୁ ଏକ ବାଇକ ଚୋରି ହୋଇଥିଲା। ଏନେଇ ଖଣ୍ଡଗିରି ଥାନାରେ ବାଇକ୍ ମାଲିକ ଦେବୀ ପ୍ରସାଦ ଦାସ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ଚୋରି ହୋଇଥିବା ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାରକରି ପୋଲିସ ଲୁଟେରା ପାଖରେ ପହଞ୍ଚିଥିଲା। ଅଭିଯୁକ୍ତ ଶେଖ୍ ନୁର୍ ଆଲାମ୍ ନାମରେ ଖଣ୍ଡଗିରି ଥାନାରେ ୩ଟି ଏବଂ ବାଲିଅନ୍ତା ଥାନାରେ ଗୋଟିଏ ମାମଲା ରହିଛି। ଶନିବାର ନୁର୍ ଆଲାମଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଶ୍ରୀଲିଙ୍ଗରାଜଙ୍କ ଜମିରେ ଦଖଲ ବୋର୍ଡ ଲଗାଇଲା ପ୍ରଶାସନ

**ପୁରୁଣା ଭୁବନେଶ୍ୱର, ୧୪। ୩ (ଡି.ଏନ.ଏ.):** ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଜମି ଉପରୁ ଜବରଦଖଲ ହଟାଇବା ପ୍ରକ୍ରିୟା ଶନିବାର ଆରମ୍ଭ ହୋଇଛି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ରଥଦାଣ୍ଡର ମୁଖ୍ୟରାସ୍ତା କଡକୁ ଲାଗି ରହିଥିବା ୪୬ ଡିସିମିଲ ଜମିରେ ଶ୍ରୀଲିଙ୍ଗରାଜଙ୍କ ସମ୍ପତ୍ତି ଲେଖାଥିବା ବୋର୍ଡ ସହ ଜବରଦଖଲ ନ କରିବା ନେଇ ସତର୍କ ସୂଚନା ଲଗାଯାଇଛି।

# ଗୋପ: ୮୭ ସ୍କୁଲରେ ଝୁଲିବ ତାଲା

**ଗୋପ,୧୪।୩(ଡି.ଏନ୍.ଏ)**

- ୧୪୨୨୧ ଛାତ୍ରୀଛାତ୍ରଙ୍କୁ ୭୪୬ ଶିକ୍ଷକ
- ୨୭୨ ବଳକା ଶିକ୍ଷକଙ୍କ ଥଇଥାନ ନେଇ ପ୍ରଶ୍ନ

ଘରୋଇ ଶିକ୍ଷାନୁଷ୍ଠାନ ଯୋଗୁ ସରକାରୀ ସ୍କୁଲର ଚାହିଦା କମୁଥିବାବେଳେ ଦିନକୁ ଦିନ ସ୍କୁଲ ସଂଖ୍ୟା କମିବାରେ ଲାଗିଛି। ଗତବର୍ଷ ଗୋପ ବ୍ଲକ୍‌ର ୧୩ଟି ବିଦ୍ୟାଳୟ ବନ୍ଦ ହୋଇଥିବାବେଳେ ଚଳିତ ବର୍ଷ ୮୭ଟି ବିଦ୍ୟାଳୟ ବନ୍ଦ ହେବା ନେଇ ଆଶଙ୍କା ଉପୁଜିଛି। ଗୋପ ବ୍ଲକ୍‌ର ୪୩ଟି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୦ରୁ କମ୍ ଥିବାବେଳେ ୩୩ଟି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୪୦ରୁ କମ୍ ରହିଛି।

ସେହିପରି ୧୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯଥେଷ୍ଟ ସଂଖ୍ୟକ ଛାତ୍ରୀଛାତ୍ର ନ ଥିବା ସୂଚନା ମିଳିଛି। ରାଜ୍ୟ ସରକାର ୧୦୦ ମିଟର ମଧ୍ୟରେ ଥିବା ପ୍ରାଥମିକ କିମ୍ବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିବା ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ୨୦ରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ୧ କି.ମି. ଦୂରତା ମଧ୍ୟରେ ଥିବା ବିଦ୍ୟାଳୟରେ ୪୦ରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟ ବନ୍ଦ କରିବା ଲାଗି ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ୫୦ରୁ କମ୍ ଛାତ୍ରୀଛାତ୍ର ଥିବା ମାଧ୍ୟମିକ ବିଦ୍ୟାଳୟ ବନ୍ଦ କରିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଛି। ଗୋପ ବ୍ଲକ୍‌ରେ ଚିହ୍ନଟ ହୋଇଥିବା ୮୭ଟି ବିଦ୍ୟାଳୟ ଖୁବ୍‌ଶୀଘ୍ର ବନ୍ଦ କରାଯିବ ବୋଲି ସୂଚନା ମିଳିଛି। ଗୋପ ବ୍ଲକ୍‌ରେ ୮୭ଟି ସ୍କୁଲ ବନ୍ଦ ହେଲେ ବିଦ୍ୟାଳୟ ସଂଖ୍ୟା ୧୫୭କୁ ଖସି ଆସିବ। ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ନିମନ୍ତେ ଏଭଳି ପଦକ୍ଷେପ ନିଆଯାଉଥିବାବେଳେ ଗୋପ ବ୍ଲକ୍‌ରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଶିକ୍ଷକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ରହିଛି। ସରକାରୀ ନିୟମ ଅନୁଯାୟୀ ୩୦ ଜଣ ଛାତ୍ରୀଛାତ୍ରଙ୍କ ଲାଗି ଜଣେ ଶିକ୍ଷକ ନିଯୁକ୍ତି ଦିଆଯିବା କଥା। ମାତ୍ର ଗୋପ ବ୍ଲକ୍‌ରେ ସରକାରୀ ସ୍କୁଲରେ ପିଲା ସଂଖ୍ୟା କମୁଥିବାବେଳେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଶିକ୍ଷକଙ୍କ ସଂଖ୍ୟା ଅଧିକ ଥିବା ଜଣାପଡ଼ିଛି। ୧୪୨୨୧ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ୪୭୪ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହୁଥିବାବେଳେ ଏବେ ବ୍ଲକ୍‌ରେ ୭୪୬ ଜଣ ଶିକ୍ଷକ ନିୟୋଜିତ ଥିବା ସୂଚନା ମିଳିଛି। ବ୍ଲକ୍‌ରେ ୨୭୨ ଜଣ ବଳକା ଶିକ୍ଷକ ରହିଥିବା କୁହାଯାଉଛି। ଖୋଦ୍ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଏତେ ସଂଖ୍ୟକ ଶିକ୍ଷକ ଅଧିକ ରହିଥିବାବେଳେ ଏମାନଙ୍କ ଲାଗି ପଦକ୍ଷେପ ନିଆ ନ ଯିବା ବିଷୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ବ୍ଲକ୍ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ରଙ୍କୁ ପଚାରିବାରେ କହିଛନ୍ତି, ସରକାରୀ ନିୟମ ଅନୁଯାୟୀ ବିଦ୍ୟାଳୟଗୁଡ଼ିକ ବନ୍ଦ କରାଯିବ।



ପୁରୀ ସହରରେ ଥିବା ଉତ୍ତରପାର୍ଶ୍ୱ ମଠକୁ ଶନିବାର ଜେସିବି ମେଶିନ୍ ଯୋଗେ ଭଙ୍ଗାଯାଉଛି।

## ୪ ବାଇକ୍‌କୁ ଧକ୍କାଦେଲା କାର୍

**କୋଣାର୍କ,୧୪।୩(ଡି.ଏନ.ଏ)**

କୋଣାର୍କ ରିଙ୍ଗରୋଡସ୍ଥିତ ଟୁରିଷ୍ଟ ମାର୍କେଟ ନିକଟରେ ଏକ ଇନୋଭା କାର୍ ନଂ-ଓଡି ୦୨ୟୁ-୪୮୯୬ କୋଣାର୍କରୁ ପୁରୀ ଅଭିମୁଖେ ଯାଉଥିବା ସମୟରେ ହଠାତ ଜନଗହଳିକୁ ମାଡିଯାଇ ୪ ବାଇକ୍‌କୁ ଧକ୍କା ଦେଇଥିଲା। ସେଠାରେ ସୂର୍ଯ୍ୟ ମନ୍ଦିରର ଫଟୋ ଗ୍ରାଫର ଆସୋସିଏଶନର ସଦସ୍ୟମାନେ ବିଶ୍ରାମ ନେଉଥିବା ସ୍ଥାନ ଉପରେ ଚଢିଯିବା ପରେ ଏକ ବିଦ୍ୟୁତ୍‌ଖୁଣ୍ଟରେ ପିଟି ହୋଇ ରହିଯାଇଥିଲା। କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିବା ସହ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ କହିଛନ୍ତି। ଏହି ଦୁର୍ଘଟଣାରେ କାହର କିଛି କ୍ଷତି ହୋଇ ନ ଥିବା ଜଣାପଡିଛି।

## ଫୋନ୍ ପେ କର୍ମଚାରୀ କହି ନେଇଗଲେ ୯୯ ହଜାର ଟଙ୍କା

**୪୯ ହଜାର କଟିବା ପରେ ବି ଚେତା ପଶିଲାନି**

**ଗୋପ,୧୪।୩(ଡି.ଏନ.ଏ)**

ଗୋପ ଥାନା ଅଧୀନ ଗଣେଶ୍ୱରପୁର ଗ୍ରାମର ଚିତ୍ତରଞ୍ଜନ ବଡ଼ପଣ୍ଡାଙ୍କଠାରୁ ଫୋନ୍ ପେ କର୍ମଚାରୀ କହି ୯୯ ହଜାର ୯୬୪ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଗତ ୪ ତାରିଖ ଦିନ ନିଜ ସାଙ୍ଗଙ୍କ ନିକଟକୁ ୪୫୦୦ ଟଙ୍କା ଫୋନ୍ ପେ ମାଧ୍ୟମରେ ଚିତ୍ତରଞ୍ଜନ ପଠାଇଥିଲେ। କୌଣସି ତ୍ରୁଟି ଯୋଗୁ ଏହି ଟଙ୍କା ସାଙ୍ଗଙ୍କ ଆକାଉଣ୍ଟରେ ଜମା ହୋଇ ନ ଥିଲା। କିନ୍ତୁ ଚିତ୍ତରଞ୍ଜନଙ୍କ ଆକାଉଣ୍ଟରୁ ୪୫୦୦ ଟଙ୍କା କଟି ଯାଇଥିଲା। ଏ ନେଇ ସେ ଫୋନ୍ ପେ କଷ୍ଟମର କେୟାର ସହ ଯୋଗାଯୋଗ କରିଥିବାବେଳେ ସେଠାରୁ ୪୮ ଘଣ୍ଟା ମଧ୍ୟରେ ଟଙ୍କା ଜମା କରିଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ମାତ୍ର ପରବର୍ତ୍ତୀ ଅବସ୍ଥାରେ ଅର୍ଥାତ୍ ୭ ତାରିଖ ଦିନ ଚିତ୍ତରଞ୍ଜନ ନିକଟକୁ ଫୋନ୍ ପେ'ର କର୍ମଚାରୀ କହି ଏକ ଫୋନ୍ କଲ୍ ଆସିଥିଲା। ୪୫୦୦ ଟଙ୍କା କଟିଥିବା ନେଇ ସୂଚନା ଦେବା ସହ ଏହି ଟଙ୍କା ଫେରସ୍ତ ପାଇବାକୁ ହେଲେ କିଛି ପ୍ରୋସେସ୍ ଫଲୋ କରିବା ପାଇଁ ପଡ଼ିବ ବୋଲି କହିଥିଲେ। ଏଥିରେ ବିଶ୍ୱାସ କରି ସେ କହୁଥିବା ପ୍ରୋସେସ୍‌କୁ ଚିତ୍ତରଞ୍ଜନ ଫଲୋ କରୁଥିଲେ। ପରେ ଆକାଉଣ୍ଟରୁ ୨୪୯୯୧ ଟଙ୍କା ଲେଖାଏଁ ଦୁଇ ଥରରେ ୪୯୯୮୨ ଟଙ୍କା କଟିଯିବାର ମେସେଜ ଆସିଥିଲା। ଏ ସମ୍ପର୍କରେ ଚିତ୍ତରଞ୍ଜନ ସାଙ୍ଗକୁ ଜଣାଇବା ପରେ ସାଙ୍ଗ ସେହି ନମ୍ବରରେ ଯୋଗାଯୋଗ କରିଥିଲେ। ମାତ୍ର ଭୁଲ୍‌ବଶତଃ ଆକାଉଣ୍ଟରୁ ଟଙ୍କା କଟିଯିବା ସୂଚନା ଦେବା ସହ ଟଙ୍କା ଫେରସ୍ତ ହୋଇଯିବ ବୋଲି ତାଙ୍କ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ ପୁନର୍ବାର ପ୍ରୋସେସ୍ ଫଲୋ କରିବା ଲାଗି ଠକ ଜଣଙ୍କ କହିଥିଲେ। ମାତ୍ର ପ୍ରୋସେସ୍ ଫଲୋ କରିବାର କିଛି ସମୟ ମଧ୍ୟରେ ୨ ଥରରେ ପୁଣି ୪୯୯୯୧ ଟଙ୍କା ଆକାଉଣ୍ଟରୁ କଟିଯାଇଥିଲା। ଏ ନେଇ ଚିତ୍ତରଞ୍ଜନ ଗୋପସ୍ଥିତ ଷ୍ଟେଟ ବ୍ୟାଙ୍କରେ ପହଞ୍ଚି ନିଜ ଜମାଖାତା ବିବରଣୀ ଆଣିବା ସହ ଶାଖା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ମାତ୍ର ସେ ଠକାମିର ଶିକାର ହୋଇଥିବା ଜାଣିବା ପରେ ୬ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଘଟଣାକୁ ଗୁରୁତ୍ୱ ନ ଦେଇ ଆଜିକାଲି କହି ଦିନ ଗଡ଼ାଇଚାଲିଥିଲେ। ଶେଷରେ ଚିତ୍ତରଞ୍ଜନ ଗୁରୁବାର ମୋ ସରକାରରେ ଅଭିଯୋଗ କରିବା କଥା କହିବା ପରେ ପୋଲିସ ତତ୍ପରତା ଦେଖାଇବାରୁ ଘଟଣା ପଦାକୁ ଆସିଥିଲା। ତେବେ ଗୋପ ଥାନାଧିକାରୀ ସୁଧୀର କୁମାର ସାହୁ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।



ଠକାମିର ଶିକାର ହୋଇଥିବା ଚିତ୍ତରଞ୍ଜନ ବଡ଼ପଣ୍ଡା

## ପୁରୀ ଓକିଲ ସଂଘ ନିର୍ବାଚନ: ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ

**ପୁରୀ ଅଫିସ,୧୪।୩**

ଆସନ୍ତା ୨୮ ତାରିଖରେ ପୁରୀ ଓକିଲ ସଂଘ ନିର୍ବାଚନ ହେବ। ଏଥିଲାଗି ଶନିବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ମୋଟ ୨୧ଜଣଙ୍କ ନାଁ ଚୂଡ଼ାନ୍ତ ତାଲିକାରେ ରହିଛି। କାର୍ଯ୍ୟକାରୀ କମିଟି ସଦସ୍ୟ ପାଇଁ ୫ଟି ପଦବୀ ଥିବାବେଳେ ୫ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହାକୁ ଛାଡ଼ି ଅନ୍ୟ ୪ପଦବୀ ପାଇଁ ୧୬ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ଲଢେଇ ହେବ। ସଭାପତି ପଦବୀ ପାଇଁ ୩ଜଣଙ୍କ ନାଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ରହିଛି। ସେମାନେ ହେଲେ ଭଗବାନ ମିଶ୍ର, ଦୁର୍ଗାପ୍ରସନ୍ନ ଆଚାର୍ଯ୍ୟ ଏବଂ ପ୍ରେମାନନ୍ଦ ମହାନ୍ତି। ସେହିପରି ଉପସଭାପତି ପଦବୀ ଲାଗି ଦେବେନ୍ଦ୍ର ନାଥ ମିଶ୍ର ଏବଂ ରବିନାରାୟଣ ପ୍ରଧାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସାଧାରଣ ସମ୍ପାଦକ ପଦବୀ ପାଇଁ ୪ଜଣଙ୍କ ନାଁ ରହିଛି। ସେମାନେ ହେଲେ ଆତ୍ମରଞ୍ଜନ ମହାନ୍ତି, ପ୍ରସନ୍ନ କୁମାର ମିଶ୍ର, ଶାରଦା ପ୍ରସାଦ ସାମଲ ଏବଂ ସୁଶାନ୍ତ ମିଶ୍ର। ଯୁଗ୍ମ ସମ୍ପାଦକ ପଦବୀ ଲାଗି ବିଭୂଦତ୍ତ ପଟ୍ଟନାୟକ, ନରେଶ କୁମାର ମହାନ୍ତି, ପ୍ରତାପ ଚନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମହାପାତ୍ର, ରତିକାନ୍ତ ପ୍ରତିହାରୀ, ସଂଗ୍ରାମ କେଶରୀ ଦାଶ ଏବଂ ସୁରେଶ ମହାପାତ୍ରଙ୍କ ନାଁ ଚୂଡ଼ାନ୍ତ ତାଲିକାରେ ପ୍ରକାଶ ପାଇଛି। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ଲଢେଇର ଚିତ୍ର ସ୍ପଷ୍ଟ ହୋଇଯାଇଛି।

ଆଶାୟୀମାନେ ସେମାନଙ୍କ ଅଭିଯାନକୁ ଜୋର୍‌ଦାର କରିଦେଇଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟକାରୀ କମିଟି ସଦସ୍ୟ ପାଇଁ ଅନିଲ କୁମାର ସାହୁ, ଅଶୋକ କୁମାର ପାଣିଗ୍ରାହୀ, ଭାଗବତ ପ୍ରସାଦ ପଟ୍ଟନାୟକ, ବିଶ୍ୱଜିତ ପ୍ରଧାନ ଓ ସନ୍ତୋଷ କୁମାର ରାଉତଙ୍କ ନାମ ତାଲିକାରେ ରହିଛି।



ପ୍ରଶାସନ ପକ୍ଷରୁ ରିପଜ୍ ହୋଟେଲକୁ ଦଖଲକୁ ନିଆଯାଉଛି।

## ହୋଟେଲ ଦଖଲକୁ ନେଲା ପ୍ରଶାସନ

**ପୁରୀ ଅଫିସ,୧୪।୩**

ପୁରୀ ବେଳାଭୂମିରେ ଥିବା ହୋଟେଲ 'ରିପଜ୍'କୁ ଶନିବାର ଜିଲା ପ୍ରଶାସନ ନିଜ ଦଖଲକୁ ନେଇଛି। ଏହି ହୋଟେଲକୁ ନେଇ ହାଇକୋର୍ଟ ଏବଂ ପରେ ସୁପ୍ରିମ୍‌କୋର୍ଟରେ ମାମଲା ହୋଇଥିଲା। ଏହାକୁ ଜିଲା ପ୍ରଶାସନ ଦଖଲକୁ ନେବା ଲାଗି ଗତ ୫ ତାରିଖରେ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପଦକ୍ଷେପ ନେବାକୁ ଜିଲାପାଳ ବଲୱନ୍ତ ସିଂ ପୁରୀ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ଉପଜିଲାପାଳ ଭବତାରଣ ସାହୁ, ତହସିଲଦାର ଆଶିଷ ସାହୁ, ସିଟି ଡିଏସ୍‌ପି କ୍ଷୀରସାଗର ନାୟକଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ଏହି ହୋଟେଲକୁ ପ୍ରଶାସନ ନିଜ ଦଖଲକୁ ଆଣିଛି। ଉକ୍ତ ହୋଟେଲକୁ ନାଲିକନା ଜଉମୁଦ ଦିଆଯାଇ ସିଲ୍ କରାଯାଇଛି।

## କଣାସ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଇସ୍ତଫା

**କଣାସ,୧୪।୩(ସ୍ୱ.ପ୍ର.)**

କଣାସ ପଞ୍ଚାୟତ ସମିତି ଅଧ୍ୟକ୍ଷ ରମେଶ ଚନ୍ଦ୍ର ସେଠୀ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଏହି ପତ୍ରକୁ ପୁରୀ ଜିଲାପାଳ ବଲୱନ୍ତ ସିଂ ଶୁକ୍ରବାର ଗୃହୀତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସମର୍ଥକ ରମେଶଚନ୍ଦ୍ର ସେଠୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ପାଇଁ ଦଳରୁ ମନୋନୀତ ହୋଇଥିଲେ। କିନ୍ତୁ ଦଳର ଅନ୍ୟ କେତେଜଣ ସମର୍ଥକ ଏହାକୁ ବିରୋଧ କରିଥିଲେ। ଫଳରେ ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତ ସମିତିର କାର୍ଯ୍ୟକାଳର ଅଧା ସମୟ ଶ୍ରୀ ସେଠୀ ଅଧ୍ୟକ୍ଷ ରହିବେ ଏବଂ ବଡ଼ାସ ସମିତିସଭ୍ୟ ସାଗର ବେହେରା ଆଉ ଅଧା ସମୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ରହିବେ ବୋଲି ନିଷ୍ପତ୍ତି ହୋଇଥିଲା। ରମେଶଚନ୍ଦ୍ର ସେଠୀ ପ୍ରଥମ ଅଢେଇବର୍ଷ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ସମୟସୀମା ଶେଷ ହେବା ପରେ ବିଧାୟକ ସମର୍ଥକଙ୍କ ମଧ୍ୟରେ ଇସ୍ତଫା ପାଇଁ ଦାବି ହେବାରୁ ସେ ଫେବୃଆରୀ ୧୫ରେ ବିଡିଓଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ବିଡିଓ ଇସ୍ତଫାପତ୍ର ପାଇବା ପରେ ଜିଲାପାଳଙ୍କ ନିକଟକୁ ପଠାଇଥିଲେ। ଜିଲାପାଳ ଶୁକ୍ରବାର ସେଠୀଙ୍କ ଇସ୍ତଫାପତ୍ର ଗୃହୀତ କରିବା ସହ କଣାସ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସସ୍ମିତା ସୁନ୍ଦରାୟଙ୍କୁ ଅଧ୍ୟକ୍ଷ ନିର୍ବାଚନ ହେବା ପର୍ଯ୍ୟନ୍ତ ଦାୟିତ୍ୱ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଭିଲିଦେଉଳିରେ ଗଣ୍ଡଗୋଳ ଘଟଣା: ୪ ଗିରଫ

**୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ**

**ନିମାପଡ଼ା,୧୪।୩(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଦେଉଳି ଗ୍ରାମରେ ଗଣ୍ଡଗୋଳ ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ଦୁଃଶାସନ ଭୋଇ, କାଳନ୍ଦୀ ଭୋଇ,ସୁଦର୍ଶନ ବେହେରା ଓ ମିଥୁନ ବେହେରା। ନିମାପଡ଼ା କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ସୂଚନାଥାଉ କି, ପୂର୍ବ ବିବାଦକୁ କେନ୍ଦ୍ରକରି ଶୁକ୍ରବାର ରାତିରେ ଭିଲିଦେଉଳି ଗ୍ରାମରେ ଦଳିତ ସମ୍ପ୍ରଦାୟର ପ୍ରାୟ ୭୦ଜଣ ବ୍ୟକ୍ତି ସବର୍ଣ୍ଣ ସମ୍ପ୍ରଦାୟର କେତେଜଣ ବ୍ୟକ୍ତିଙ୍କ ଘରେ ପଶି ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ଆସବାବପତ୍ର ଫୋପାଡି ଦେଇଥିଲେ। ଆକ୍ରମଣରେ ୨୦ଜଣ ଗୁରୁତର ହୋଇଥିଲେ। ଭରତ ସ୍ୱାଇଁ, ସଚ୍ଚି ସ୍ୱାଇଁ, ବିକାଶ ସ୍ୱାଇଁ, ସଖି ସ୍ୱାଇଁଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଏମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଗ୍ରାମର ଶରତ ନାୟକ, ବିଚିସ୍ୱାଇଁ, ମନୋଜ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ସମେତ ସବର୍ଣ୍ଣ ଶ୍ରେଣୀର ଶତାଧିକ ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଦଳିତ ଶ୍ରେଣୀର ୭୩ଜଣଙ୍କ ବିରୋଧରେ ଏକ ମାମଲା(ନଂ.୬୬/୨୦)ରୁଜୁକରି ୪ଜଣଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ଆଇଆଇସି ଜନାର୍ଦ୍ଦନ ପାଢୀ କୁହନ୍ତି, ଗ୍ରାମରେ ଶାନ୍ତିଶୃଙ୍ଖଳା ପାଇଁ ୧ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ବିବାଦର ସ୍ଥାୟୀ ସମାଧାନ ପାଇଁ ଚେଷ୍ଟା ଚାଲିଛି। ଅନ୍ୟପକ୍ଷରେ ଗତ ଗୁରୁବାର ରାତିରେ ଦଳିତ ଶ୍ରେଣୀର ଜିତୁ ବେହେରା ଓ ତାଙ୍କର ୮ଜଣ ସାଙ୍ଗ ଯାତ୍ରା ଦେଖି ଫେରୁଥିବା ବେଳେ ସବର୍ଣ୍ଣ ଶ୍ରେଣୀର କେତେଜଣ ଯୁବକ ସେମାନଙ୍କୁ ଅଟକାଇବା ସହ ଗାଳିଗୁଲଜ କରିଥିଲେ। ଏହା ସହ ତାଙ୍କୁ ପଥର ମାଡ଼ କରିଥିବା ଜିତୁ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ସଚ୍ଚିଦାନନ୍ଦ ସ୍ୱାଇଁ, ଭରତ ସ୍ୱାଇଁ ଓ ଆକାଶ ରାଉତଙ୍କ ବିରୋଧରେ ଏକ ମାମଲା (ନଂ.୬୪/୨୦) ରୁଜୁକରି ତଦନ୍ତ ଚଳାଇଛି।



ପଞ୍ଚୁଦୋଳ ଯାତ୍ରା ପାଇଁ ଶନିବାର ଶୁଭଖୁଣ୍ଟ ସ୍ଥାପନ କରାଯିବାକୁ ନିଆଯାଉଛି।

## ମାଲୁଦ ପଞ୍ଚୁଦୋଳ, ପହଞ୍ଚିଲା ଶୁଭଖୁଣ୍ଟ

**୨୩ ଠାକୁରଙ୍କ ସହ ବିଜେ ହୁଅନ୍ତି ଦଧିବାମନ**

**କୃଷ୍ଣପ୍ରସାଦ,୧୪।୩ (ଡି.ଏନ.ଏ.)**

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ଐତିହାସିକ ମାଲୁଦ ପଞ୍ଚୁଦୋଳ ଯାତ୍ରା ପାଇଁ ଶନିବାର ଶୁଭଖୁଣ୍ଟ ପଡିଆରେ ପହଞ୍ଚି ଥିଲା। ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସୁସଜ୍ଜିତ ୭୦ ଫୁଟ ଉଚ୍ଚତା ବିଶିଷ୍ଟ ଶୁଭଖୁଣ୍ଟ ନେଇ ଯାତ୍ରା ପଡିଆରେ ପୋତା ଯାଇଥିଲା। ଉକ୍ତ ପଡିଆକୁ ମାଲୁଦ ଦଧିବାମନ ଦେବ ଏବଂ ବଜ୍ରକୋଟ ଗାଁ କୁଞ୍ଜେଶ୍ୱରଙ୍କ ପୀଠରୁ ଏହିଭଳି ୨ଟି ଶୁଭ ଖୁଣ୍ଟ ଯାଇଥାଏ। ୨୪ ମୌଜା ପରିଚାଳନା କମିଟି ଦ୍ୱାରା ଯାତ୍ରା ପରିଚାଳନା କରାଯାଏ। ମାଲୁଦ ଦଧିବାମନ ଦେବ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରିଥାନ୍ତି। ଦଧିବାମନଦେବଙ୍କ ମାର୍ଫତଦାର ମୌଜାର ସଭାପତି ଦାୟିତ୍ୱ ନିର୍ବାହ କରିଥାନ୍ତି। ରବିବାର ଭୋରରୁ ପାଟପଟୁଆର ସହ ବିଭିନ୍ନ ଗ୍ରାମରୁ ସୁସଜ୍ଜିତ ମେଢରେ ୨୩ ଠାକୁରଙ୍କୁ ପଡିଆକୁ ବିଜେ କରିବେ। ସେଠାରେ ଠାକୁରଙ୍କୁ ୩ଦିନ ଧରି ଭୋଗ ଅର୍ପଣ କରାଯାଏ। ଚଳିତବର୍ଷ କରୋନା ଯୋଗୁ ମନୋରଞ୍ଜନ କାର୍ଯ୍ୟକ୍ରମ ଏବଂ ପୁସ୍ତକ ମେଳାକୁ ବାତିଲ କରାଯାଇଛି। ଠାକୁରଙ୍କ ମେଳଣ ଦେଖିବା ପାଇଁ ପୁରୀ, ଗଞ୍ଜାମ, ନୟାଗଡ, ଖୋର୍ଦ୍ଧା ଜିଲାରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥାନ୍ତି। ଏହି ଅବସରରେ ଦୋକାନ ବଜାରର ଭିଡ ଜମିଥାଏ। ଶାନ୍ତି ଶୃଙ୍ଖଳା ତଥା ସୁରକ୍ଷା ପାଇଁ କୃଷ୍ଣପ୍ରସାଦ ଥାନା ପୋଲିସ ସହଯୋଗ କରିଥାନ୍ତି। କମିଟି ପକ୍ଷରୁ ମଧ ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇଥିବା ଅନୁଷ୍ଠାନର ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି।

## ପାଣି ପାଇଁ ବ୍ରହ୍ମଗିରି-ଡେଲାଙ୍ଗ ରାସ୍ତା ଅବରୋଧ

**ବ୍ରହ୍ମଗିରି,୧୪।୩(ଡି.ଏନ.ଏ)**

ନଦୀରେ କିମ୍ବା କେନାଲରେ ପାଣି ନାହିଁ। ଚାଷ ଜମିକୁ ପାଣି ପହଞ୍ଚୁନି। ଫଳରେ ଚାଷ ଜମି ଫାଟି ଆଁ କଲାଣି ଓ ଗଛ ସବୁ ଜଳିଗଲାଣି। ଚାଷୀମାନେ ଏ ବିଷୟରେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁ ନାହିଁ। ଶେଷରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଶନିବାର ବ୍ରହ୍ମଗିରି– ଡେଲାଙ୍ଗ ରାସ୍ତାର ହରପଡା ଛକଠାରେ ଚାଷୀମାନେ ଦିନତମାମ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ସୂଚନାଯୋଗ୍ୟ, ଚଣ୍ଡପଡ଼ା ଗ୍ରାମରେ ଚାଷୀମାନେ ଧାନ, ବିରି, ମୁଗ ଚାଷ କରିଥିଲେ। କିନ୍ତୁ ଠିକ ରୋଇବା ସମୟରେ ପାଣିର ଅଭାବ ଦେଖାଯାଇଥିଲା। ଚଣ୍ଡପଡ଼ା ଗ୍ରାମଟି ତଳି ଅଞ୍ଚଳରେ ରହୁଥିବାରୁ ଉପରମୁଣ୍ଡରେ ଥିବା ଲୋକେ ପାଣି ନ ଛାଡ଼ିବାରୁ ଜମିରେ ପାଣି ଆସିପାରୁ ନାହିଁ। ଏ ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସମାଧାନ ହୋଇପାରିଲା ନାହିଁ। ଫଳରେ ଶନିବାର ଗ୍ରାମର ଜଗନ୍ନାଥ ଭଞ୍ଜ, ଜମ୍ବେଶ୍ୱର ଭଞ୍ଜଙ୍କ ସମେତ ଶତାଧିକ ଚାଷୀ ପୂର୍ବାହ୍ନ ୧୦ଟାରେ ହରପଡ଼ାଠାରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ବ୍ରହ୍ମଗିରି ଥାନାଧିକାରୀ ମନୋଜ ଶତପଥୀ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିବା ଜଣାପଡ଼ିଛି। ରାତି ହୋଇଯିବାରୁ ଗ୍ରାମବାସୀ ବାଧ୍ୟହୋଇ ଧାରଣାରୁ ହଟିଥିଲେ। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିବ ବୋଲି ଗ୍ରାମବାସୀ କହିଛନ୍ତି। ଏଥିରେ ଚଣ୍ଡପଡା ଗ୍ରାମର ଚାଷୀ ଅକ୍ଷୟ ବିଶ୍ୱାଳ, ଧ୍ରୁବମଣି ଭଞ୍ଜ, ଜମ୍ବୁ ସ୍ୱାଇଁ, ଅନ୍ତର୍ଯ୍ୟାମୀ ସ୍ୱାଇଁ, ନୀଳମଣି ଭଟ୍ଟାଚାର୍ଯ୍ୟ, ହରି ବେହେରା, ଅକ୍ଷୟ ବେହେରା ଓ ଧ୍ରୁବ ବେହେରା ପ୍ରମୁଖ ଯୋଗ ଦେଇଥିଲେ।



ହରପଡା ଛକଠାରେ ଚାଷୀମାନେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।



ଭଗବାନ ଆମ ଅନ୍ତରରେ ପ୍ରଜ୍ଞା ଓ ବିବେକ ରୂପେ ବିରାଜିତ ରହିଛନ୍ତି। ଏହା ସହଜରେ ମନୁଷ୍ୟ ବୁଝିପାରେ ନାହିଁ।
-ଫ୍ରାଙ୍କଲିନ୍



## ସଂକ୍ଷେପରେ

### ସାମାଜିକ ବିପର୍ଯ୍ୟୟ ପ୍ରଶମନ ଶିବିର

କଣାସ,୧୪।୩(ସ୍ୱ.ପ୍ର.)-ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ତରଫରୁ କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରସ୍ଥିତ ଦୟାବିହାର ମହାବିଦ୍ୟାଳୟରେ ତ୍ରିଦିବସୀୟ ଆଶୁ ଚିକିତ୍ସା ଓ ସାମାଜିକ ବିପର୍ଯ୍ୟୟ ପ୍ରଶମନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଶିବିରରେ ୫୦ଜଣ ସ୍ୱେଚ୍ଛାସେବୀ ଆଶୁ ଚିକିତ୍ସା ଓ ବିପର୍ଯ୍ୟୟ ପ୍ରଶମନ ଆପଦକାଳୀନ ସହାୟତା ଆଦି ତାଲିମ୍ ଗ୍ରହଣ କରିଛନ୍ତି। ଏହି ଶିବିରରେ ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ଶାଖାର ତାଲିମ୍‌ପ୍ରାପ୍ତ ଅନୁଦେଷ୍ଟା କମଳ କୁମାର ଦାସ ଓ ଇତିଶ୍ରୀ ସୁନ୍ଦରରାୟ ତାଲିମ୍ ପ୍ରଦାନ କରିଥିଲେ। ରେଡକ୍ରସ୍ କାଉନ୍‌ସିଲର ରବୀନ୍ଦ୍ର କୁମାର ସାହୁ ଶିବିରକୁ ପରିଚାଳନା କରିଥିବାବେଳେ କାଉନ୍‌ସିଲର ମାନସ ରଞ୍ଜନ ବାରିକ ଧନ୍ୟବାଦ ଦେଇଥିଲେ। ଅଧାପିକା ପୂର୍ଣ୍ଣିମାରାଣୀ ନାୟକ ଓ ତପସ୍ୱିନୀ ମାନସିଂ ସହଯୋଗ କରିଥିଲେ। ରୋଜାଲିନ ପାତ୍ର, ମୋନାଲିସା ଜେନା, ଗଜେନ୍ଦ୍ର ନନ୍ଦ, ଚନ୍ଦନ କାହଲ, ସରସ୍ୱତୀ ଗୁମାନସିଂହ, ଦୀପା ସେଠୀ, ଛବିଲତା ବେହେରା, ମାନସ ମଲ୍ଲିକ ଆଦି ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।

### ଶାନ୍ତିସ୍ତୂପରେ ବିଦେଶୀ ପର୍ଯ୍ୟଟକଙ୍କ ଉପରେ ରୋକ ନାହିଁ

ପୁରୁଣା ଭୁବନେଶ୍ୱର, ୧୪।୩ (ଡି.ଏନ.ଏ.)- ଓଡ଼ିଶା ସରକାର କରୋନା ମହାମାରୀକୁ ଶୁକ୍ରବାର ରାଜ୍ୟ ବିପତ୍ତି ଭାବେ ଘୋଷଣା କରିଥିଲେ। ସ୍କୁଲ, କଲେଜ, ଯାତ୍ରା, ମେଳା ବନ୍ଦ ପାଇଁ ନିର୍ଦ୍ଦେଶ ମଧ ଦେଇଛନ୍ତି। ନନ୍ଦନକାନନକୁ ବନ୍ଦ ଘୋଷଣା କରିଛନ୍ତି। ଯାହା ପର୍ଯ୍ୟଟନ ଶିଳ୍ପକୁ ମଧ ପ୍ରଭାବିତ କରିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ବିଦେଶୀ ପର୍ଯ୍ୟଟକଙ୍କୁ ଏ ପର୍ଯ୍ୟନ୍ତ ରୋକ ଲଗାଯାଇ ପାରୁନାହିଁ। ଶାନ୍ତିସ୍ତୂପ ଧଉଳିକୁ ପ୍ରତ୍ୟେକ ଦିନ ବିଦେଶୀ ପର୍ଯ୍ୟଟକ ଆସୁଛନ୍ତି। ଶନିବାର ଏକ ଟୁରିଷ୍ଟ ମିନିବସ୍ ଯୋଗେ ୧୫ ଜଣ ଏବଂ ବାଇକ୍ ଯୋଗେ ୨ ଜଣ ବିଦେଶୀ ପର୍ଯ୍ୟଟକ ଶାନ୍ତିସ୍ତୂପ ଧଉଳି ବୁଲି ଆସିଥିଲେ। ଧଉଳି ଉନ୍ନୟନ କମିଟି କିମ୍ବା ଓଟିଡିସିର କୌଣସି କର୍ମଚାରୀ କି ଅଧିକାରୀ ସେମାନଙ୍କୁ ସଚେତନତା ପୂର୍ବକ ବାରଣ କରୁନାହାନ୍ତି। କୌଣସି ଅଧିକ ବର୍ଷା, ଖରାରେ ସ୍କୁଲ ଛୁଟି କରିବା ନେଇ ବାହାବା ନେଉଥିବା ସରକାର ରାଜସ୍ୱ ଆଦାୟ ଲକ୍ଷ୍ୟରେ ଏଭଳି ବିଭିନ୍ନ କ୍ଷେତ୍ରରେ ଜନଜୀବନ ପ୍ରତି ଅଣଦେଖା କରୁଥିବା ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଏ ନେଇ ଟୁରିଷ୍ଟ ଅଫିସର ଅଜୟ କୁମାର ରାଉତ କୁହନ୍ତି, ଏହା ଜିଲାପାଳଙ୍କ ଅଧୀନ। କୌଣସି ନୋଟିସ ଆମେ ପାଇନାହୁଁ। ଯଦି ଆମକୁ ନୋଟିସ କରାଯିବ ତେବେ ସୋମବାରଠାରୁ ବିଦେଶୀ ପର୍ଯ୍ୟଟକଙ୍କୁ ଟେଷ୍ଟ କରି ଛାଡିବୁ।

# ରାସ୍ତାରେ ୧୦୮ ଆମ୍ବୁଲାନ୍ସ ଅଚଳ

## ଅଧା ବାଟରୁ ଟାଣି ଟାଣି ନିଆଗଲା

ଗୋପ,୧୪।୩ (ଡି.ଏନ୍.ଏ):

ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ରହିଛି, ହେଲେ ତାହା ଠିକ୍ ସମୟରେ କାମରେ ଲାଗିପାରୁ ନାହିଁ। ଶନିବାର ଏହି ସ୍ୱାସ୍ଥ୍ୟକେନ୍ଦ୍ରର ୧୦୮ ଆମ୍ବୁଲାନ୍ସ ଜଣେ ରୋଗୀଙ୍କୁ ଆଣିବାକୁ ଯାଇ ଅଧାବାଟରେ ଅଚଳ ହୋଇପଡ଼ିଥିଲା। ଫଳରେ ଏହା ରୋଗୀଙ୍କ ନିକଟରେ ପହଞ୍ଚି ପାରିଲା ନାହିଁ। ଶେଷରେ ଏକ ଗାଡ଼ି ଦ୍ୱାରା ଟଣା ହୋଇ ଆସିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ୧୫ଦିନ ତଳେ ଏହି ୧୦୮ ଆମ୍ବୁଲାନ୍ସ (ନଂ. ଓଡି ୦୨ଇ-୯୩୫୧)ର ପଛ ଡୋର୍ ଭାଙ୍ଗିଯାଇଥିଲା। ଏଭଳି ଅବସ୍ଥାରେ



ଅଚଳ ୧୦୮ ଆମ୍ବୁଲାନ୍ସକୁ ଦଉଡ଼ିରେ ବାନ୍ଧି ଟାଣି ଟାଣି ନିଆଯାଉଛି।

ଯେନତେନ ପ୍ରକାରେ ରୋଗୀ ସେବା ଚାଲିଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶନ ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଥିଲା। ଆମ୍ବୁଲାନ୍ସର ପଛ ଡୋର୍ ମରାମତି କରାଯାଇଥିଲା। ଶନିବାର ଏହି ୧୦୮ ଆମ୍ବୁଲାନ୍ସଟି ଜଣେ ରୋଗୀ ଆଣିବାକୁ କୋଣାର୍କ ଅଞ୍ଚଳକୁ ଯାଉଥିଲା। ତେବେ ଗୋପ-କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟରେ ଅଚଳ ହୋଇପଡ଼ିଥିଲା। ପରେ ଡ୍ରାଇଭର ଆଉ ଗୋଟିଏ ଗାଡ଼ିକୁ ଭଡ଼ାରେ ଆଣି ଦଉଡ଼ି ବାନ୍ଧି ରାସ୍ତାରେ ଟାଣି ଟାଣି ନେଉଥିବା ଦେଖିବାକୁ ମିଳିଥିଲା। ଏଥିରୁ ୧୦୮ ଆମ୍ବୁଲାନ୍ସ ଦ୍ୱାରା ରୋଗୀ ସେବା କିପରି ଚାଲିଛି ତାହା ସ୍ପଷ୍ଟ ଅନୁମେୟ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଜିଲା ଦାୟିତ୍ୱରେ ଥିବା ଆମ୍ବୁଲାନ୍ସ ଅଧିକାରୀ ଲଲାଟେନ୍ଦୁ ପ୍ରଧାନଙ୍କୁ ପଚାରିବାରେ କହିଛନ୍ତି, ଖୁବ୍‌ଶୀଘ୍ର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ନୂତନ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ।



କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁମାନେ ମାସ୍କ ପିନ୍ଧି ଶନିବାର ପୁରୀ ସହରରେ ବୁଲୁଛନ୍ତି ।

### ବିଶ୍ୱକର୍ମାଙ୍କ ଦ୍ୱାରା ରଥ ଅନୁକୂଳ

ନିରାକାରପୁର,୧୪।୩(ଡି.ଏନ.ଏ.) :

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ଶ୍ରୀକପିଳେଶ୍ୱରଦେବଙ୍କ ବିଜୟା ରଥଯାତ୍ରା ଆସନ୍ତା ଏପ୍ରିଲ୧ରେ ହେବ। ଏଥିପାଇଁ ରଥଖଳାରେ ବିଶ୍ୱକର୍ମାମାନଙ୍କ ଦ୍ୱାରା ରଥ ଅନୁକୂଳ କାର୍ଯ୍ୟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରଥ ନିର୍ମାଣ ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ବିଧିବଦ୍ଧ ଭାବେ ରାମେଶ୍ୱର ପଞ୍ଚାୟତସ୍ଥିତ ମଧୁବନ ଗ୍ରାମରେ ପହଞ୍ଚି ବିଶ୍ୱକର୍ମାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହା ପରେ ମହାରଣା ସେବାୟତମାନେ ଠାକୁରଙ୍କ ରଥଖଳାରେ ପହଞ୍ଚି ରଥକାର୍ଯ୍ୟ ପାଇଁ ଶୁଭାରମ୍ଭ କରିଛନ୍ତି। ଯାତ୍ରାର ନିର୍ଦ୍ଧାରିତ ସମୟ ସୀମା ପୂର୍ବରୁ ରଥ ପ୍ରସ୍ତୁତି କରି ମନ୍ଦିର ଟ୍ରଷ୍ଟକୁ ହସ୍ତାନ୍ତର କରାଯିବ ବୋଲି ବିଶ୍ୱକର୍ମାମାନେ କହିଛନ୍ତି। ଟ୍ରଷ୍ଟ ବୋର୍ଡର ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ, କିଶୋର ଦାଶ, ଅଜୟ ମହାନ୍ତି, ହରେକୃଷ୍ଣ ଦାଶ କହିଛନ୍ତି।



କରୋନା କଟକଣା ପରେ ପୁରୀ ସହରସ୍ଥ ଲକ୍ଷ୍ମୀ ଫିଲ୍ମ ହଲ ବନ୍ଦ ରହିଛି ।

## ଗୋପୀନାଥ, ପଞ୍ଚୁପାଣ୍ଡବଙ୍କ ମେଳଣ କୁଞ୍ଜ ବିଜେ

### ପଞ୍ଚୁଦୋଳ ମେଳଣ

ବ୍ରହ୍ମଗିରି,୧୪।୩(ଡି.ଏନ.ଏ):

ବ୍ରହ୍ମଗିରିରେ ଐତିହାସିକ ପଞ୍ଚୁପାଣ୍ଡବ ମେଳଣ ଶନିବାର ଆରମ୍ଭ ହୋଇଛି। ଦିଅଁ ଜମାଣ ଦିନରେ ପଞ୍ଚୁଦୋଳ ମେଳଣ ପଡ଼ିଆର ଦୋଳ ବେଦିରେ ହୋମାଦି ପୂଜାର୍ଚ୍ଚନା କରାଯାଇ ଆଜ୍ଞାମାଳ ସ୍ଥାନାଧିପତି ଶ୍ରୀ ଗୋପୀନାଥ ଦେବଙ୍କ ନିକଟକୁ ପଠାଯାଇଥିଲା। ପାରମ୍ପରିକ ପୂଜାର୍ଚ୍ଚନା ପରେ ଏକ ସୁଶୋଭିତ ବିମାନରେ ଗୋପୀନାଥଙ୍କୁ ବିଜେ କରାଯାଇ ମେଳଣ ପଡିଆରେ ଖୁଣ୍ଟ ଲାଗି ହୋଇଥିଲା। ପରେ ଗୋପୀନାଥଙ୍କ ସମେତ ପଞ୍ଚୁପାଣ୍ଡବ ନିକଟସ୍ଥ ପଞ୍ଚୁଦୋଳ ମେଳଣ କୁଞ୍ଜରେ ବିଜେ କରିଛନ୍ତି। ସନ୍ଧ୍ୟାରେ ବିଭିନ୍ନ ବାଣ ପ୍ରତିଯୋଗିତା, ବାଦ୍ୟ, ଘଣ୍ଟଘଣ୍ଟା, ସଂକୀର୍ତ୍ତନ, ସାହିଯାତ, ନାଗା, ମେଢ, ଘୋଡ଼ାନାଚ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଏକ ବିରାଟ ଶୋଭାଯାତ୍ରାରେ ଶ୍ରୀ ଗୋପୀନାଥ ଦେବ ପଞ୍ଚୁପାଣ୍ଡବଙ୍କୁ ମେଳଣ କୁଞ୍ଜକୁ ପାଛୋଟି ନେଇଥିଲେ। ଏହି ଅବସରରେ ବ୍ରହ୍ମଗିରି ଗ୍ରାମବାସୀଙ୍କ ତରଫରୁ ପାରମ୍ପରିକ ସାହିଯାତ, ନାଗା ନୃତ୍ୟ, ମେଢ ନୃତ୍ୟ ପରିବେଷଣ କରାଯାଇଥିଲା। ରାତିତମାମ ସାହିଯାତରେ ଗାଁ ଦାଣ୍ଡ ପ୍ରକମ୍ପିତ ହେଉଥିବାର ଦୃଶ୍ୟ ବେଶ ରୋମାଞ୍ଚକର ଥିଲା। ୧୦୮ ଦୋଳ ଏକତ୍ରିତ ହୋଇ ତିନି ଦିନ ଧରି ପଞ୍ଚୁଦୋଳ ପଡିଆରେ ମେଳଣ ଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ଆସନ୍ତା ସୋମବାର ବିଳମ୍ବିତ ରାତିରେ ପାଣ୍ଡବଙ୍କର ଦୁର୍ଲଭ ମେଳଣ ଦର୍ଶନ ଲାଭ କରିବାର ସମୟ ନିର୍ଘଣ୍ଟ ହୋଇଛି। ୩ ଦିନ ଧରି ହେଉଥିବା ପଞ୍ଚୁଦୋଳ ମେଳଣର ପ୍ରତ୍ୟେକ ସନ୍ଧ୍ୟାରେ ସାହିଜାତ, ନାଗା, ମେଢ଼ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଜମାଣ ରାତିରେ ମେଳଣ ପଡ଼ିଆ ଆତସବାଜିରେ ଝଲସିଲା

ଜଟଣୀ, ୧୪।୩(ଡି.ଏନ.ଏ.) :

ଓଡ଼ିଶା ପ୍ରସିଦ୍ଧ ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣ ଶନିବାର ରାତିରୁ ଆରମ୍ଭ ହୋଇଛି। ଜଟଣୀ ନିକଟବର୍ତ୍ତୀ ହରିରାଜପୁର ଗ୍ରାମରେ ଅନୁଷ୍ଠିତ ଏହି ମେଳଣର ଶନିବାର ଜମାଣ ରାତିରେ ଲକ୍ଷାଧିକ ଜନସମାଗମ ହୋଇଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରଖ୍ୟାତ ବାଣୁଆଙ୍କ ବ୍ୟତୀତ ମାନସିକ ପୂରଣ ହୋଇଥିବା ବହୁ ଭକ୍ତ ଏଠାରେ ରାତିତମାମ ବାଣ ଫୁଟାଇଥିଲେ। ଆତସବାଜି ପ୍ରଦର୍ଶନରେ ମେଳଣ ପଡ଼ିଆ ଝଲସି ଉଠିଥିଲା।

ବିଳମ୍ବିତ ରାତିରେ ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବ ଜମାଣ ରାତିରେ ମନ୍ଦିରରୁ ବାହାରି ଥିଲେ। ବାହାରିବା ପରେ ବାଟ ଅଗଣାରେ ରହିଥିଲେ। ସେଠାରେ ଭଣ୍ଡାର ଘରୁ କୋଠଭୋଗ ଆସିବା ପରେ ଲାଗି



ଠାକୁରଙ୍କୁ ଦୋଳ ବିମାନରେ ନିଆଯାଉଛି ।

କରାଯାଇଥିଲା। ଏହାପରେ ଠାକୁର ଦୋଳ ବିମାନକୁ ବିଜେ କରିଥିଲେ। ପରେ ପଶ୍ଚିମଦ୍ୱାର ଦେଇ ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ଯାତ୍ରା କରିଥିଲେ। ପଟୁଆରରେ ଯିବା ସମୟରେ ବାଟରେ ଥିବା ଶ୍ରୀଗୋପାଳଜୀ(ମଠ ଠାକୁର) ଓ ଶ୍ରୀବାଳମୁକୁନ୍ଦ ଦେବ ପାଲିଙ୍କିରେ ଥାନପତିଙ୍କ ସହ ମେଳଣ ପଡ଼ିଆକୁ ଯାଇଥିଲେ। ଏହି ଅବସରରେ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ ସହ ରଙ୍ଗବେରଙ୍ଗ କଳରଙ୍ଗ,

### ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ମେଳଣ

ବାଦ୍ୟରୋଶଣି, ଘଣ୍ଟ ଘଣ୍ଟା, ତୂରୀ, ମହୁରି, ଶଙ୍ଖନାଦ, ଘୋଡାନାଚ, ନାଗାନାଚ, ପଟ୍ଟାଖେଳ, ରାଜାରାଣୀ ଆଦି ନୃତ୍ୟରେ ଚତୁଃପାର୍ଶ୍ୱ ପ୍ରକମ୍ପିତ ହୋଇଉଠିଥିଲା। ଏଥିସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ମେଳଣ ପଡ଼ିଆରେ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିବା ୮୦ ହରିହର ବିଗ୍ରହ ଦୋଳବିମାନରେ ଉପବିଷ୍ଟ ରହିଥିଲେ। ୮୦ ଏକର ବିଶିଷ୍ଟ ମେଳଣ ପଡ଼ିଆରେ ୧୫ ଶହ ଅସ୍ଥାୟୀ ଦୋକାନ ବଜାର ହେବା ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ପ୍ରସିଦ୍ଧ ମେଳଣ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆସନ୍ତା ମଙ୍ଗଳବାର ଠାକୁର ମେଳଣ ଉତ୍ସବ ଅନୁଷ୍ଠିତ ହେବ।

## ସ୍କୁଲ ଛାତ୍ରୀଛାତ୍ର ପାଇଲେ ପ୍ରେମଲତା ସ୍ମୃତି ବୃତ୍ତି

କୋଣାର୍କ,୧୪।୩(ଡି.ଏନ.ଏ)

କୋଣାର୍କ ତଥା ଗୋପ ଅଞ୍ଚଳରେ ଛାତ୍ରବତ୍ସଳା ଆଦର୍ଶ ଶିକ୍ଷୟିତ୍ରୀରୂପେ ପରିଚିତା ଦିବଙ୍ଗତ ପ୍ରେମଲତା ମହାନ୍ତିଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଦିହୁଡ଼ାସ୍ଥିତ ତୁଳସୀ ଭବନରେ ପ୍ରେମଲତା ସ୍ମୃତିବୃତ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ଗୋପୀନାଥ କର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ସୁବାସଚନ୍ଦ୍ର ପରିଡାଙ୍କ ପୌରୋହିତ୍ୟରେ ଅଧାପକ ପ୍ରକାଶଚନ୍ଦ୍ର ଖଟୋଇ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବ୍ରଜବନ୍ଧୁ ବେହେରା, ଆଇନଜୀବୀ ସୁଧୀର ମହାନ୍ତି, ପ୍ରମୋଦ ରାଏ, ପ୍ରଧାନଶିକ୍ଷକ ମହେନ୍ଦ୍ର ପ୍ରଧାନ, ଗୋପ ବିକାଶ ପରିଷଦ ସଭାପତି ସତ୍ୟପ୍ରିୟ ନାୟକ, ନରେନ୍ଦ୍ର ଦାଶ, ଶିକ୍ଷାବିତ୍ ସୁରେନ୍ଦ୍ରନାଥ ନାୟକ, ଲିଙ୍ଗରାଜ ପ୍ରଧାନ ଓ ବିଜୟ ମହାନ୍ତି ପ୍ରମୁଖ ଅତିଥିରୂପେ ଯୋଗଦେଇ ଆଦର୍ଶ ଶିକ୍ଷୟିତ୍ରୀ ପ୍ରେମଲତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ୫୦ଜଣ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପ୍ରେମଲତା ସ୍ମୃତିବୃତ୍ତି ପ୍ରଦାନ କରିଥିଲେ। ଦିବଙ୍ଗତା ପ୍ରେମଲତାଙ୍କ ସ୍ୱାମୀ ଶିକ୍ଷାବିତ୍ ପଦ୍ମଚରଣ ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ। ଶେଷରେ ଭାଗବତପାଠ, ଗୀତାପାଠ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପ୍ରଶାନ୍ତ ନାୟକ, ଶ୍ରୀକାନ୍ତ ନାୟକ ଓ ଜୟନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କମ୍ପାନୀ କର୍ମଚାରୀଙ୍କ ୪ ଆଙ୍ଗୁଠି କଟିଲା

ଗୋପ, ୧୪।୩(ଡି.ଏନ୍.ଏ):

- ମେଶିନରେ ବାମହାତ ଆଙ୍ଗୁଠି ପଶିଗଲା
- ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି

ଗୋପ-କୋଣାର୍କ ରାସ୍ତାର ସାରଦ଼ା ଛକ ନିକଟସ୍ଥ ଏକ ଘରୋଇ ଦୁଗ୍ଧ କମ୍ପାନୀର ଜଣେ ମେଶିନ୍ ଅପରେଟରଙ୍କ ବାମ ହାତର ୪ଟି ଆଙ୍ଗୁଠି ମେଶିନରେ କଟି ଛିଡ଼ିଯାଇଛି। ଏଭଳି ଦୁର୍ଘଟଣାର ଶିକାର ହୋଇଛନ୍ତି ଶ୍ରୀକେରେଣ୍ଡା ଗ୍ରାମର ସୂର୍ଯ୍ୟ ନାରାୟଣ ସେଠୀ(୨୪)।

ସୂଚନା ଅନୁଯାୟୀ, ସୂର୍ଯ୍ୟନାରାୟଣ ଶନିବାର ସକାଳେ ପନିର ମେଶିନ୍‌ରେ ପନିର କାଟୁଥିଲେ। ଏହି ସମୟରେ ତାଙ୍କ ଅସାବଧାନତା ଯୋଗୁ ମେଶିନରେ ବାମ ହାତର ୪ଟି ଆଙ୍ଗୁଠି ପଶିଯିବାରୁ



ସୂର୍ଯ୍ୟ ନାରାୟଣ ସେଠୀ।

କଟିଯାଇଥିଲା। ତାଙ୍କୁ ରକ୍ତାକ୍ତ ଅବସ୍ଥାରେ କେତେଜଣ କର୍ମଚାରୀ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରି କଟିଯାଇଥିବା ୪ଟି ଆଙ୍ଗୁଠି ସହ କର୍ମଚାରୀଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ଏହି ଘରୋଇ କମ୍ପାନୀରେ ବାରମ୍ବାର ବିଭିନ୍ନ ଦୁର୍ଘଟଣା ଘଟୁଥିବାରୁ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ କର୍ମଚାରୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ନବମ ବାର୍ଷିକ ସଂକୀର୍ତ୍ତନ ଅଧିବେଶନ

ପୁରୀ ଅଫିସ,୧୪।୩:

ଶ୍ରୀ ଶ୍ରୀ ଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ ପୁରୀ ସଦର ବ୍ଲକ ସମଙ୍ଗରା ଶାଖାର ନବମ ବାର୍ଷିକ ସଂକୀର୍ତ୍ତନ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମଙ୍ଗରା ଶ୍ରୀ ଶ୍ରୀ ରୁଦ୍ରେଶ୍ୱର ମହାଦେବଙ୍କ ମେଳଣ ପଡ଼ିଆ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରରେ ଶାଖାର ୭୦ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇଥିଲେ। ସମସ୍ତ ସଂକୀର୍ତ୍ତନମଣ୍ଡଳୀ ମନଛୁଆଁ ସଂକୀର୍ତ୍ତନ ପରିବେଷଣ କରିଥିଲେ। ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର, ସଂଯୋଜକ ଚକ୍ରଧର ମହାପାତ୍ର, ଜିଲା ସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଶାଖା ସଭାପତି ଗଙ୍ଗାଧର ପ୍ରଧାନ, ସମଙ୍ଗରା ଗ୍ରାମ ସଭାପତି ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଶାଖା ସମ୍ପାଦକ ଲକ୍ଷ୍ମୀଧର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ସଂକୀର୍ତ୍ତନ ପରିବେଷଣ କରାଯାଉଛି।

# ଓଡ଼ିଶାରେ ଲାଗୁ ନ ହେଉ ଏନ୍‌ପିଆର୍

## ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇବ 'ଆମେ ଭାରତବାସୀ'

ପୁରୀ ଅଫିସ,୧୪।୩:

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ), ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍)କୁ ବିରୋଧ କରିଛି ଆମେ ଭାରତବାସୀ ସଙ୍ଗଠନ। ଏହି ସଙ୍ଗଠନର ପୁରୀ ଶାଖା ପକ୍ଷରୁ ଶନିବାର ସ୍ଥାନୀୟ ମଙ୍ଗଳ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍ କିପରି ଜନବିରୋଧୀ ସେ ସମ୍ପର୍କରେ ଏହାର କାର୍ଯ୍ୟକର୍ତ୍ତା ସୂଚନା ଦେବା ସହ ୪ ଦଫା ସମ୍ବଳିତ ଦାବି ଉପସ୍ଥାପନ କରିଥିଲେ। ଏହି ଦାବିଗୁଡ଼ିକ ହେଲା ଓଡ଼ିଶାରେ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର) କାର୍ଯ୍ୟକାରୀ ନ କରିବା ପାଇଁ ବିଧାନସଭାରେ ଏକ ପ୍ରସ୍ତାବ



ଖବରଦାତା ସମ୍ମିଳନୀରେ ଭାରତବାସୀ ସଙ୍ଗଠନର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ପାରିତ କରାଯାଉ। ପ୍ରସ୍ତାବିତ ଏନ୍‌ଆର୍‌ସି ବାତିଲ କରାଯାଉ ଏବଂ ସମ୍ବିଧାନ ବିରୋଧୀ, ଧର୍ମ ନିରପେକ୍ଷତା ବିରୋଧୀ ଓ ଗରିବ ବିରୋଧୀ ସିଏଏ ପ୍ରତ୍ୟାହାର ହେଉ। ଏଥିଲାଗି ସଙ୍ଗଠନ ପକ୍ଷରୁ ଦସ୍ତଖତ ଅଭିଯାନ ଚାଲିଛି। ଆସନ୍ତା ୨୩ ତାରିଖରେ ସବୁ ଜିଲାରୁ ଦସ୍ତଖତ ସଂଗ୍ରହ କରାଯିବା ପରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହି ଦାବି ଉପସ୍ଥାପନ କରାଯିବ ବୋଲି ସଙ୍ଗଠନର ମୋହନ ନାଇଡୁ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଶ୍ରୀକାନ୍ତ ମହାନ୍ତି, ଭୀମସେନ ସ୍ୱାଇଁ, ବଟକୃଷ୍ଣ ସ୍ୱାଇଁ, ପବିତ୍ର ମୋହନ ଦଳେଇ, ତ୍ରିନାଥ ମହାରଣା, ବିଦେଶୀ ନାୟକ, ବାବୁଲି ନାୟକ, ଅଶୋକ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ପରିଷଦ ଷ୍ଟାଣ୍ଡିଂ କମିଟିର ବିଦ୍ୟାଳୟ ପରିଦର୍ଶନ

କଣାସ,୧୪।୩(ସ୍ୱ.ପ୍ର.)

ପୁରୀ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ଶୁକ୍ରବାର କଣାସ ବ୍ଲକର କେତେକ ବିଦ୍ୟାଳୟ ଅଚାନକ ପରିଦର୍ଶନ କରଛନ୍ତି। ଷ୍ଟାଣ୍ଡିଂ କମିଟି ଅଧକ୍ଷ ଧ୍ରୁବଚରଣ ଦାସ, କର୍ମକର୍ତ୍ତା ସୁମନ୍ତ ଦାସ, ପୂର୍ଣ୍ଣଚନ୍ଦ୍ର ଓଝା, ମିନତୀ ସେଠୀ, କାମିନୀବାଳା ବିଶ୍ୱାଳ, ନୀଳମଣି ବେହେରା, ଦୀପ୍ତିମୟୀ ସ୍ୱାଇଁ ପ୍ରମୁଖ ବ୍ଲକର ମାଢ଼ିପୁର, ରୁତୁପୁର, ଜଂଘାର, ବାଲିପାଟଣା, ନାନକେରା, ପାଣ୍ଡିଆକେରା, ବଗିପଡା, ବାରଦା ବାଦଲପୁର, ଗଡ଼ବଡ଼ପୁଟ, ଢୋଲପାଟଣା, ହଳଦିଆପଡା, ଗଡ଼ସାନପୁଟ, ମନ୍ଦାରବସ୍ତ ଆଦି ଗ୍ରାମର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି କାର୍ଯ୍ୟ ଦେଖିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ। କେତେକ ବିଦ୍ୟାଳୟରେ ଶିକ୍ଷକମାନେ ନିର୍ଦ୍ଦିଷ୍ଟ ସମୟରେ ନ ଆସିବା, ଶୌଚାଳୟରେ ତାଲା ପଡ଼ିବା ଏବଂ ପ୍ରାୟ ସ୍କୁଲରେ ପାନୀୟଜଳର ବ୍ୟବସ୍ଥା ନ ଥିବାରୁ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଅସନ୍ତୋଷ ପ୍ରକାଶ କରିଥିଲେ। ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ଶେଷରେ କଣାସ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ସହିତ ଭାଗବତ ଟୁଙ୍ଗି ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକର ୧୦୭ଟି ଗ୍ରାମରେ ଭାଗବତ ଟୁଙ୍ଗି କାର୍ଯ୍ୟକ୍ରମ କରିବାପାଇଁ ଆସିଥିବା ୫୦ହଜାର ଟଙ୍କା ଭାଗବତ ଟୁଙ୍ଗୀ ହିତାଧିକାରୀଙ୍କୁ ନ ଦିଆଯାଇ ବ୍ଲକରେ କାହିଁକି ଗଚ୍ଛିତ ରଖାଯାଇଛି ବୋଲି ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ସରକାରୀ ନିୟମ ଅନୁଯାୟୀ ଜଣେ ଭିଏଲଡବ୍ଲ୍ୟୁ ଏବଂ ଭଗବତ ଟୁଙ୍ଗି ଥିବା ଜଣେ ବ୍ୟକ୍ତି ମିଳିତ ଭାବେ ବ୍ୟାଙ୍କରେ ପାସବୁକ୍ ଖୋଲିଲେ ଟଙ୍କା ଦିଆଯିବାର ବ୍ୟବସ୍ଥା ଥିବାବେଳେ ଗ୍ରାମରେ ଗୋଟିଏ ବି ପାସବୁକ୍ ଖୋଲାଯାଇ ନ ଥିବାରୁ ଟଙ୍କା ଦିଆଯାଇ ନାହିଁ ବୋଲି ବିଡିଓ ପ୍ରଧାନ ପ୍ରକାଶ କରିଥିଲେ। ୧୫ଦିନ ମଧରେ ପାସ୍‌ବୁକ୍ ଖୋଲାଯାଇ ଟଙ୍କା ଦିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟ ବୁଲିବା ସମୟରେ ସିଆରସିସି ବୈକୁଣ୍ଠନାଥ କୋଦମାସିଂହ ସଦସ୍ୟମାନଙ୍କୁ ସହଯୋଗ କରିଥିଲେ।